


ମିଡିଆ କ୍ରିକେଟ୍ ଲିଗ୍‌ର ଶୁଭାରମ୍ଭ କଲେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





କ୍ରିକେଟ୍‌କୁ ଅମିରଙ୍କ ଅଲ୍‌ବିଦା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୬ Vol. 21 No-256 15 DECEMBER 2024 SUNDAY BHUBANESWAR ରବିବାର, ୧୫ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଯୁବକଙ୍କୁ ଦଳିଦେଲା ଦନ୍ତା

ରାୟଗଡ଼ା, ୧୪।୧୨(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ନିୟମଗିରି ପର୍ବତର ଲାଖପଦର ଗାଁରେ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାମ ସାଲୁପୁ କୁଟ୍ରୁକା । ସେ ଶୁକ୍ରବାର ରାତିରେ ଗାଁ ନିକଟସ୍ଥ ପାହାଡ ଉପରେ ଅମଳ ହୋଇଥିବା ଫସଲ ଜଗିବା ପାଇଁ ମଞ୍ଚା ଉପରେ ଶୋଇଥିଲେ । ସେହି ସମୟରେ ଦନ୍ତା ତାଙ୍କ ମଞ୍ଚା ଭାଙ୍ଗି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡି ଦେଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି ।

### ଗୁରୁତର ଶିଶୁକନ୍ୟା ଉଦ୍ଧାର

ବିନିକା, ୧୪।୧୨(ଭାସ୍କର ନ୍ୟୁଜ): ପ୍ରବଳ ଶୀତରେ ରାସ୍ତାକଡ଼ରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହେଲା ନବଜାତ ଶିଶୁକନ୍ୟା । ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ତୁଲୁଣ୍ଡୁପାଲି ଗାଁ ନିକଟ ରାସ୍ତାକଡ଼ରୁ ଏହି ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି । ଶନିବାର ସକାଳେ ଗାଁ ଲୋକେ ଦେଖି ଶିଶୁକନ୍ୟାକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

## ମାଲକାନଗିରିକୁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଭେଟି

# ସ୍ଥାପନ ହେବ ସିମେଣ୍ଟ କାରଖାନା



ମାଲକାନଗିରି, ୧୪।୧୨(ଭାସ୍କର ନ୍ୟୁଜ): ମାଲକାନଗିରିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଭେଟି ଦେଇଛନ୍ତି । ଜିଲ୍ଲାରେ ୪ହଜାର କୋଟି ଟଙ୍କା ବ୍ୟୟରେ ଏକ ସିମେଣ୍ଟ କାରଖାନା ସ୍ଥାପନ ହେବା ନେଇ ଘୋଷଣା କରିଛନ୍ତି । ଏହି କାରଖାନା ସ୍ଥାପନ ହେଲେ ୨ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ପ୍ରଥମେ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ କୃଷିମେଳାକୁ ଉଦ୍‌ଘାଟନ କରିବା ସହ ମେଳାରେ ବିଭିନ୍ନ କମ୍ପାନୀ ପକ୍ଷରୁ ପ୍ରଦର୍ଶନ କରାଯାଇଥିବା କୃଷି ଯନ୍ତ୍ରପାତି ଓ ଯାନବାହନ ପରିଦର୍ଶନ କରିଥିଲେ । ପରେ ଡିଏନ୍‌କେ ଖେଳପଡ଼ିଆରେ ଓରମାସ୍ ପକ୍ଷରୁ ବିଭିନ୍ନ ଜିଲ୍ଲା ଓ ରାଜ୍ୟରୁ ଆସୁଥିବା ବ୍ୟବସାୟୀଙ୍କ ଷ୍ଟଲ୍ ବୁଲି ଦେଖିଥିଲେ । ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ । ଏହାଛଡ଼ା ଓଡ଼ିଶାର ଦକ୍ଷିଣରୁ ଉତ୍ତରକୁ

- ବ୍ୟୟ ହେବ ୪ହଜାର କୋଟି ଟଙ୍କା
- ୨ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
- ବିକଶିତ ହେବ ଜିଲ୍ଲାର ଶିଳ୍ପ ଭିତ୍ତିଭୂମି
- ସମୀକ୍ଷା କରିବେ ଆର୍‌ଡିସି, ଜିଲ୍ଲାପାଳ

ଶନିବାର ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଶିଳ୍ପବିହୀନ ମାଲକାନଗିରି ଜିଲ୍ଲାର ଶିକ୍ଷିତ ବେକାର ଯୁବକଯୁବତୀଙ୍କ ପାଇଁ ଯୋଡ଼ିବା ପାଇଁ ବ୍ୟବସ୍ଥା କରାଯିବ । ମାଲକାନଗିରିର ଶେଷ ସୀମା ମୋଟୁରୁ ମୟୂରଭଞ୍ଜର ତିରିଂ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ । ରେଳଲାଇନ୍ ଓ ଏନ୍‌ଏଚ୍ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯିବ । ଆଗାମୀ ଦିନରେ ଜୟପୁରରୁ ମାଲକାନଗିରି ଓ ମାଲକାନଗିରିରୁ ଭଦ୍ରାଚଳମ୍‌କୁ ରେଳଲାଇନ୍ ସଂଯୋଗ କରାଯିବ । ଏହାଦ୍ୱାରା ଜିଲ୍ଲାର ଆର୍ଥିକ ସ୍ଥିତି ସୁଧୁରିବା ସହ ସ୍ଥାନୀୟ ଯୁବକଯୁବତୀମାନେ ଉପକୃତ ହେବେ । ଜିଲ୍ଲାରେ ଚାଲିଥିବା ସମସ୍ତ ସରକାରୀ କାର୍ଯ୍ୟଗୁଡ଼ିକର ତ୍ୱରାନ୍ୱିତ ପାଇଁ ପ୍ରତି ୧୫ ଦିନ ଓ ମାସରେ ଜିଲ୍ଲାପାଳ ଓ ଆରଡିସି ସମୀକ୍ଷା କରିବେ । ସ୍ୱାଭିମାନ ଅଞ୍ଚଳରେ ଆଉ ଏକ ସେତୁ ନିର୍ମାଣ ସହ ଉପାନ୍ତ ଅଞ୍ଚଳକୁ ଯୋଗାଯୋଗର ବାଟ ଫିଟିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ ଓ ସେମାନଙ୍କଠାରୁ ଅଭିଯୋଗପତ୍ର ମଧ୍ୟ ଗ୍ରହଣ କରିଥିଲେ । ସେମାନଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଜିଲ୍ଲାରେ ରେଳପଥ ଭିତ୍ତିଭୂମିର ବିକାଶ, ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକୁ ଯଥା ସମୟରେ କାର୍ଯ୍ୟକାରୀ କରି ପ୍ରକଳ୍ପଗୁଡ଼ିକୁ • ପୃଷ୍ଠା ୫ ଦେଖନ୍ତୁ

## ଲୋକସଭାରେ ସମ୍ବିଧାନ ବିତର୍କରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଭାରତ ଗଣତନ୍ତ୍ରର ଜନନୀ

ନୂଆଦିଲ୍ଲୀ, ୧୪।୧୨: ଭାରତ ହେଉଛି ଗଣତନ୍ତ୍ରର ଜନନୀ । ୭୫ବର୍ଷର ସଫଳତା ଆମ ପାଇଁ କିଛି ସହଜ ନୁହେଁ । ସମ୍ବିଧାନର ନିର୍ମାତାମାନେ ବିଶ୍ୱାସ କରିନଥିଲେ ଯେ ୧୯୪୭ରେ ଭାରତ ଜନ୍ମ ହୋଇଥିଲା । ଏହାର ଅର୍ଥ ନୁହେଁ ଯେ, ଗଣତନ୍ତ୍ର କ'ଣ ଭାରତ ଜାଣିନଥିଲା । ଏପରି ଏକ ସମୟ ଥିଲା ଯେତେବେଳେ ଭାରତରେ ଅନେକ ଗଣତନ୍ତ୍ର ରହିଥିଲା । ଆରମ୍ଭରୁ ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ଦିଆଯାଇଥିଲା । ମହିଳାମାନେ ପ୍ରତ୍ୟେକ ବଡ଼ ଯୋଜନାର କେନ୍ଦ୍ରରେ ରହିଛନ୍ତି ।




ଅର୍ଥନୀତିରେ ପରିଣତ ହେବ । ଏହା ହେଉଛି ୧୪୦ କୋଟି ଦେଶବାସୀଙ୍କ ସଂକଳ୍ପ ଯେ, ଯେତେବେଳେ ଆମେ ସ୍ୱାଧୀନତାର ଶତବାର୍ଷିକୀ ପାଳନ ଦେଶର ଏକତା ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ଯେହେତୁ ଦେଶର ଏକତା ଆମର ପ୍ରାଥମିକତା ଥିଲା ତେଣୁ ଆମେ ଏହାକୁ ରଦ୍ଦ କରିଦେଲୁ । ଆମେ ୱାନ୍

- ସମ୍ବିଧାନ ପ୍ରଣେତାଙ୍କୁ ଭୂରି ଭୂରି ପ୍ରଶଂସା
- ସମ୍ବିଧାନ ସଶକ୍ତ ହେବାରେ ନାରୀଶକ୍ତିର ପ୍ରମୁଖ ଭୂମିକା
- ବିବିଧତା ଭିତରେ ଏକତା ଆମର ଶକ୍ତି
- ବିରୋଧୀଙ୍କୁ ଟାର୍ଗେଟ୍ କଲେ ମୋଦୀ

ଏପରିକି ସଂସଦରେ ମହିଳାଙ୍କ ସଂଖ୍ୟା ତଥା କ୍ୟାବିନେଟ୍‌ରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଶନିବାର ଲୋକସଭାରେ ସମ୍ବିଧାନ ଉପରେ ଚାଲିଥିବା ବିତର୍କରେ ଭାଗ ନେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି ସବୁ ପ୍ରେରଣା ଆମେ ସମ୍ବିଧାନରୁ ପାଇଛୁ । ଖୁବ୍‌ଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତମ କରିବୁ ଆମେ ଦେଶକୁ ବିକଶିତ କରିବୁ । ମୋଦୀ ଆହୁରି କହିଥିଲେ ଯେ, ଦାସତ୍ୱର ମାନସିକତାରେ ପ୍ରତିପାଦିତ ହୋଇଥିବା ଲୋକମାନେ ବିବିଧତା ମଧ୍ୟରେ ବିରୋଧାଭାସ ଖୋଜୁଛନ୍ତି । ବିବିଧତା ହେଉଛି ଆମର ଭଣ୍ଡାର । ଆମକୁ ବିବିଧତାକୁ ପାଳନ କରିବା ଜୀବନର ଏକ ଅଂଶ କରିବାକୁ ପଡ଼ିବ । ସେ କହିଥିଲେ ଧାରା ୩୭୦ ନେସନ୍ ୱାନ୍ ରେସନ୍ କାର୍ଡ ବିଷୟରେ ଆଲୋଚନା କରିଛୁ । ଯଦି ଆମ ଦେଶର ଗରିବ ଲୋକ ମାଗଣା ଚିକିତ୍ସା ପାଆନ୍ତି ଏବଂ ଦେଶର ସାଧାରଣ ନାଗରିକମାନେ ଦାରିଦ୍ର ମୁକାବିଲା ପାଇଁ ଶକ୍ତି ପାଇବେ । ଆମେ ୱାନ୍ ନେସନ୍ ୱାନ୍ ଆୟୁଷ୍ମାନ କାର୍ଡ ଆଣିଛୁ । ଦେଶର ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ରହିଥିବା • ପୃଷ୍ଠା ୫ ଦେଖନ୍ତୁ

# ଆଡଭାନୀ ଅସୁସ୍ଥ, ଆଇସିୟୁରେ ଭର୍ତ୍ତି



ନୂଆଦିଲ୍ଲୀ, ୧୪।୧୨: ବର୍ଷୀୟାନ୍ ବିଜେପି ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଅସୁସ୍ଥ । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୂଆଦିଲ୍ଲୀ ସ୍ଥିତ ଆପୋଲୋ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି । ବୟସାଧିକ କାରଣରୁ ସେ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି । ତାଙ୍କୁ ବର୍ତ୍ତମାନ ୯୭ ବର୍ଷ ବୟସ । ଗତ ୪/୫ ମାସ ମଧ୍ୟରେ ତାଙ୍କୁ ଚତୁର୍ଥଥର ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁଇଦିନ ପୂର୍ବରୁ ତାଙ୍କୁ ହସ୍ପିଟାଲକୁ ରୁଟିନ୍ ଚେକ୍ ପାଇଁ ଅଣାଯାଇଥିଲା । କିନ୍ତୁ ଶୁକ୍ରବାର ରାତିରେ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ନ୍ୟୁରୋଲୋଜି ବିଭାଗର ପ୍ରଫେସର ଡାକ୍ତର ବିନିତ ସୁରୀଙ୍କ ନେତୃତ୍ୱରେ ତାଙ୍କ ଚିକିତ୍ସା ଜାରି ରହିଛି । ଗତ ଜୁଲାଇ ମାସରେ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ କିଛିଦିନ ରହିଥିଲେ । ପୁଣି ଅଗଷ୍ଟ ମାସରେ ତାଙ୍କୁ ପୁଣିଥରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଏକାଧିକ ରୁଟିନ୍ ଟେଷ୍ଟ ଓ ଯାଞ୍ଚ ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା । ସ୍ୱର୍ଗତଃ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ଆଡଭାନୀ ଉପପ୍ରଧାନମନ୍ତ୍ରୀ ସହିତ ଗୃହ ବିଭାଗର ଦାୟିତ୍ୱରେ ରହିଥିଲେ । ଚଳିତ ବର୍ଷ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପ୍ରଦାନ କରାଯାଇଥିଲା । ୧୯୨୭ ନଭେମ୍ବର ୮ ତାରିଖରେ ଆଡଭାନୀ ବ୍ରିଟିଶ ଇଣ୍ଡିଆର କରାଚିରେ ଜନ୍ମଗ୍ରହଣ କରିଥିଲେ ।

### ଜଳିଗଲା ମୋ ବସ୍

କଟକ, ୧୪।୧୨(ଭାସ୍କର ନ୍ୟୁଜ): ଶନିବାର ସନ୍ଧ୍ୟାରେ କଟକ ମଧୁପାଟଣା ଛକରେ ହୁତୁହୁତୁ ହୋଇ ଜଳିଗଲା ମୋ ବସ୍ । ବସ୍‌ଟି ଭୁବନେଶ୍ୱରରୁ କଟକ ଫେରୁଥିଲା । ତେବେ ମଧୁପାଟଣା ଛକରେ ପହଞ୍ଚିବା ପରେ ହଠାତ୍ ନିଆଁ ଲାଗିଯାଇଥିଲା । ଏହି ବସ୍‌ଟି ଡିଜେଲ୍ ଚାଳିତ ବସ୍ ବୋଲି ଜଣାପଡ଼ିଛି । ବସ୍‌ରେ ନିଆଁ ଲାଗିଥିବା ଦେଖି ଭୟଭୀତ ହୋଇ କାଳବିଳମ୍ବ ନକରି ତରବରିଆ ଭାବେ ଜୀବନକୁ ବାଜି ଲଗାଇ ବସ୍‌ରୁ ବାହାରି ଆସିଥିଲେ । ଫଳରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି । ଖବର ପାଇଁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ସର୍ଟସର୍କିଟ୍ ଯୋଗୁ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ । ମୋ ବସ୍‌ରେ ବାରମ୍ବାର ବିଭିନ୍ନ ପ୍ରକାର ଅଘଟଣ ଘଟୁଥିବାରୁ ଯାତ୍ରୀମାନେ ଭୟଭୀତ ହେବା ସହ ଏହି ବସ୍‌ରେ ଯିବା ପାଇଁ ସଂକୋଚ ପ୍ରକାଶ କରୁଥିବା ସୂଚନା ମିଳିଛି ।

## ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ୍

# ତିନି ଡ୍ରାଇଭରଙ୍କୁ ଜେରା



ଭୁବନେଶ୍ୱର, ୧୪।୧୨(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ୧୦ଲକ୍ଷ ଟଙ୍କାର ଲାଞ୍ଚ କାରବାର ମାମଲାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ହାଜର ହେବା ନିମନ୍ତେ ସମନ୍ ପଠାଇଛି । ଗତ ୧୦ ତାରିଖରେ ସିବିଆଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ନିକଟକୁ ସମନ୍ ପଠାଇଥିବା ସୂଚନା ମିଳିଛି । ତାଙ୍କୁ ଦିଲ୍ଲୀରୁ ଏହି ସମନ୍ ପଠାଯାଇଥିବା ବେଳେ ୧୧ ତାରିଖ ଦିନ ୧୦ଟା ବେଳେ ନୂଆପଲ୍ଲୀସ୍ଥିତ ସିବିଆଇ ଅଫିସ୍‌ରେ ହାଜର ହେବାକୁ କୁହାଯାଇଥିଲା । ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା ଯେ, ବ୍ରିଜ୍ ଆଣ୍ଡ ରୁଫ୍ କନ୍‌ଷ୍ଟ୍ରକ୍‌ସନ୍ କୋ (ଇଣ୍ଡିଆ) ଲିମିଟେଡ୍‌ର ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଳ କୁମାର ମୁଖାର୍ଜୀ ଏବଂ ଅନ୍ୟମାନଙ୍କ ନାମରେ ନୂଆଦିଲ୍ଲୀରେ ସିବିଆଇର ଏସି-୨ରେ ମାମଲା ରୁଜୁ ହୋଇଛି । ଆପଣଙ୍କ ପାଖରେ ଏହି ମାମଲା ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି, ଯାହା ଆପଣଙ୍କଠାରୁ ନିଶ୍ଚିତ କରିବା ଜରୁରି । ତେବେ ସମନ୍ ନେଇ ବିଷ୍ଣୁପଦ ସେଠୀ କୌଣସି ମନ୍ତବ୍ୟ ଦେଇନାହାନ୍ତି । ଅନ୍ୟପକ୍ଷରେ ସିବିଆଇ ସେଠୀଙ୍କ ଡ୍ରାଇଭରମାନଙ୍କ ଏକ ତାଲିକା ମାଗିଛି । ଶ୍ରୀ ସେଠୀ ଯେଉଁସବୁ ବିଭାଗର ଦାୟିତ୍ୱରେ ରହିଛନ୍ତି ଏବଂ ତାଙ୍କ ସହ ଯେଉଁ ଡ୍ରାଇଭରମାନେ ରହିଛନ୍ତି ସେମାନଙ୍କ ନାମ, ଠିକଣା ଓ ମୋବାଇଲ୍ ନମ୍ବର ଦେବା ପାଇଁ ସିବିଆଇ ଚିଠି ଲେଖିଛି । ଏହା ଅତ୍ୟନ୍ତ ଜରୁରି ବୋଲି ସିବିଆଇ ସରକାରଙ୍କୁ ଦର୍ଶାଇଛି । ସିବିଆଇ ଡିସିପି ଅଜିତ୍ କୁମାର ପାଣ୍ଡେ ଏନେଇ ରାଜ୍ୟ ସରକାରଙ୍କୁ ଇମେଲ୍ ମାଧ୍ୟମରେ ଅବଗତ କରାଇବା ସହ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ ବିଷ୍ଣୁପଦଙ୍କ ଡ୍ରାଇଭରଙ୍କୁ ସିବିଆଇ ୭ଘଣ୍ଟା ଜେରା କରିଥିବା ସୂଚନା ମିଳିଛି । ତାଙ୍କ ସହ ଅନ୍ୟ ଦୁଇ ଡ୍ରାଇଭର ମଧ୍ୟ ଜେରାର ସମ୍ମୁଖୀନ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ମାମଲାରେ ବ୍ରିଜ୍ ଆଣ୍ଡ ରୁଫ୍ କନ୍‌ଷ୍ଟ୍ରକସନ୍ ଲିମିଟେଡ୍‌ର ଗ୍ରୁପ୍ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀଙ୍କ ସହ ଠିକାଦାର ସନ୍ତୋଷ ମହାରଣା ଏବଂ ସୁପରକ୍ଲାସ୍ ଠିକାଦାର ଦେବବ୍ରତ ମହାପାତ୍ରଙ୍କୁ ସିବିଆଇ ଗିରଫ କରିସାରିଛି । ସେମାନଙ୍କୁ ଦ୍ୱିତୀୟଥର ପାଇଁ ସିବିଆଇ ରିମାଣ୍ଡରେ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି । • ପୃଷ୍ଠା ୫ ଦେଖନ୍ତୁ

# ଶୀତରେ ଥରିବ ସାରା ଓଡ଼ିଶା

**ଦୁଇଦିନ ପାଇଁ ୟେଲୋ ୱାର୍ଣ୍ଣିଂ**

ଭୁବନେଶ୍ୱର, ୧୪।୧୨(ଭାସ୍କର ନ୍ୟୁଜ): ଖସୁଛି ପାରଦ, ବଢୁଛି ଶୀତର ପ୍ରକୋପ । ଥରୁଛି ସାରା ଓଡ଼ିଶା । ରାଜ୍ୟରେ ୪୮ ଘଣ୍ଟା ପର୍ଯ୍ୟନ୍ତ ଶୀତ ଲହରୀ ଚେତାବନୀ ଦେଇଛି ପାଣିପାଗ ବିଭାଗ । ଆଗାମୀ ଦୁଇଦିନ ଯାଏ ଶୀତରେ ଆଭ୍ୟନ୍ତରରୁ ଉପକୂଳ ଥରିବ । ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ । ସେହିପରି ରବିବାର ମଧ୍ୟ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ କଳାହାଣ୍ଡି ଓ କନ୍ଧମାଳରେ ହାଲ୍‌କାରୁ ମଧ୍ୟମ ଧରଣର କୁହୁଡି ପଡ଼ିବାର ସମ୍ଭାବନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ତିନିଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ସମ୍ଭାବନା ନାହିଁ । ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ । କିନ୍ତୁ ୧୭ ତାରିଖରୁ ପୁଣି ରାଜ୍ୟରେ ବର୍ଷାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି । ବାୟୁର ଦିଶା ପରିବର୍ତ୍ତନକୁ ନେଇ ବଙ୍ଗୋପସାଗରରୁ ରାଜ୍ୟ ମଧ୍ୟକୁ ଆର୍ଦ୍ରତାପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି । ଫଳରେ ଆକାଶ ମେଘୁଆ ରହିବା ସହ କାଁ ଭାଁ ବର୍ଷା ସମ୍ଭାବନା ରହିଛି ।




ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆଶ୍ରମର ପ୍ରାର୍ଥନା ମଣ୍ଡପରେ ତୁଳସୀକ୍ଷେତ୍ରରେ ଆସନ୍ତା ଜାନୁଆରୀ ପହିଲାରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଗତ ୮ବର୍ଷ ଧରି ସନ୍ନ୍ୟାସିନୀ ଶ୍ରୀମା' ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଉଦ୍ୟମରେ ପ୍ରାର୍ଥନା ଦିବସ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ଦେଶର କେତେକ ସ୍ଥାନ ଓ ବିଦେଶରେ ମଧ୍ୟ ପାଳିତ ହୋଇଆସୁଅଛି । ଜାନୁୟାରୀ ମାସର ୧ତାରିଖରେ ସାରା ବିଶ୍ୱରେ ଏହି ଦିବସ ପାଳିତ ହେବା ପାଇଁ ଦିବ୍ୟସ୍ୱରୂପା ଶ୍ରୀମା'ସମସ୍ତଙ୍କୁ ଅନୁରୋଧ କରିଆସୁଅଛନ୍ତି । ତେଣୁ ଆଗାମୀ ଜାନୁୟାରୀ ୧ ତାରିଖ ପ୍ରାତଃ ୭ଘଟିକା ସମୟରେ ସମସ୍ତ ଧର୍ମ,ବର୍ଣ୍ଣ ଓ ସଂପ୍ରଦାୟର ଲୋକମାନେ ସେମାନଙ୍କର ନିଜ ନିଜ ଗୁରୁ ଓ ଇଷ୍ଟଙ୍କୁ ନିଜ ନିଜ ଭାଷାରେ ଏକଘଣ୍ଟା ବ୍ୟାପୀ ପ୍ରାର୍ଥନା କରିବା ସହ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିବାକୁ ଦିବ୍ୟସ୍ୱରୂପା ଶ୍ରୀମା' ନିବେଦନ କରିଥିଲେ। ଏହି ବୈଠକରେ ଆଶ୍ରମର ଉପାଧ୍ୟକ୍ଷ ଡ. କାଳୀ ପ୍ରସନ୍ନ ଶତପଥୀ, ଶିକ୍ଷାବୀତ ଅଜୟ ସାମଲ, ନିରଞ୍ଜନ ମେକାପ, ନୃସିଂହ ଚରଣ ତ୍ରିପାଠୀ, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ପ୍ରମୋଦ ଦାସ, ରୀତାଞ୍ଜଳୀ ନାଥ, ପ୍ରଦୀପ ଦାଶ, ଶିବାନନ୍ଦ ମାତୃ ସତସଙ୍ଗ ଆଳିଜଙ୍ଗାର ମା'ମାନଙ୍କ ସମେତ ଅନ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ରହ୍ମଚାରୀ ନୃସିଂହ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଜିଲ୍ଲାସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କେନ୍ଦୁଝର(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ଶିଶୁ ମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା ଜିଲ୍ଲା ଶିଶୁ ସୁରକ୍ଷା କମିଟି କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ମିଳିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ନିଜ ଅଭିଭାଷଣରେ ଜିଲ୍ଲାର ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି, ବିଭାଗ ଗୁଡିକ ଭିତରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ଲକ, ପଂଚାୟତ ଓ ଗ୍ରାମ ସ୍ତରୀୟ କମିଟି ମାନେ ନିୟମିତ ଭାବେ ବୈଠକ କରିବେ ଓ ବୈଠକର ବିବରଣୀକୁ ଉପରୋକ୍ତ କମିଟିକୁ ପ୍ରଦାନ କରିବେ । ଆମେ ଯେଉଁ କାର୍ଯ୍ୟ କରୁଛେ ତାହା ଆଗାମୀ ଦିନରେ ତାହା ଆଗାମୀ ଦିନରେ ଜିଲ୍ଲା ପାଇଁ ସୁଫଳ ଆଣିଦେବ । ଗୋଟିଏ ବିଭାଗର କାର୍ଯ୍ୟ ଅନ୍ୟ ବିଭାଗ ପ୍ରତି ପରୋକ୍ଷରେ ସହାୟକ ହେବା ଉଚିତ ତେଣୁ ମିଳିତ ଭାବେ ଯୋଜନା କରି କାର୍ଯ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି । ଏହି ବୈଠକରେ ପୂର୍ବ ତ୍ରୟମାସିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡିକର କାର୍ଯ୍ୟ ଅଗ୍ରଗତି ସମୀକ୍ଷା ହେବା ସହ ନୂତନ ନିଷ୍ପତ୍ତି ମଧ୍ୟ ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସର ସଦସ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ନିଲୋମ ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟକାନ୍ତ ମାଲି, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ବିଭୂତି ଭୂଷଣ ଦାଶ, ଜିଲ୍ଲା




ମଙ୍ଗଳ ଅଧିକାରୀ ଶ୍ରୀ ପ୍ରବୀର କୁମାର ଦେଓ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମିତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ନିରୁପମା ସାହୁ, ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଗଣେଶ୍ୱର ନାଏକ, ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ଭାରତୀ ସାହୁ, ଜିଲ୍ଲା ସଂଯୋଜକ ସମଗ୍ର ଶିକ୍ଷା ପୀତବାସ ସାହୁ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶକ୍ତି ସଦନର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ଚାଇଲଡ ଲାଇନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିବା ସହିତ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ଶିଶୁ ଶ୍ରମିକ ନିରାକରଣ ଏବଂ ବାଲ୍ୟବିବାହ ରୋକିବା ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ସଂଯୋଜକ ବାଲ୍ୟବିବାହ ନିରାକରଣ ପ୍ରିୟଙ୍କା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବକାରୀ ବିଭାଗର ଚଢ଼ଉ

ବାମରା(ଭାସ୍କର ନ୍ୟୁଜ୍):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅବକାରୀ ବିଭାଗକୁ କବରୀବାହାଲ ଓ କେଶାଇବାହାଲ ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ସୂଚନା ମିଳିଥିଲା । କୁଚିଣ୍ଡା ଅବକାରୀ ବିଭାଗ ଡିଏସ୍‌ପିଙ୍କର ନିର୍ଦ୍ଦେଶ କ୍ରମେ ବାମରା ଅବକାରୀ ବିଭାଗ ପକ୍ଷରୁ କବରୀବାହାଲ ଓ ପାରିପାର୍ଶ୍ୱ ସଂଲଗ୍ନ ପତ୍ରା ଜଙ୍ଗଲରେ ଚଢାଉ କରାଯାଇଥିଲା । ସେଠାରେ ବିପୁଳ ପରିମାଣର ଦେଶୀ ମଦ ଓ ମହୁଲି ପୋଚ ଜବତ କରାଯାଇଛି । ତେବେ ବେଆଇନ ଭାବେ ମଦ ତିଆରି କରୁଥିବା ସଂପୃକ୍ତ ଅଭିଯୁକ୍ତ ମାନେ ସେଠାରୁ ଫେରାର ମାରିଥିଲେ ।

# ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ୩ ଆହତ

କରଞ୍ଜିଆ(ଭାସ୍କର ନ୍ୟୁଜ): ୪୯ନମ୍ବର ଜାତୀୟ ରାଜପଥର ଚଢେଇଭୋଳ ପୋଲ ନିକଟରେ ଆଜି ଭୋର୍ ପ୍ରାୟ ୪ ଘଟିକା ସମୟରେ ୨ ଗୋଟି ଟ୍ରକ୍ RJ -୧୪ଏସ୍‌ଏ ୧୧୭୫ CG-୦୪PC-୯୪୨୫ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୨ ଜଣ ଡ୍ରାଇଭର ଆହତ ହେଇଥିଲେ ଓ ଜଣେ ବ୍ୟକ୍ତି ଆହତ ଅବସ୍ଥାରେ ସକାଳ ୭ ଘଟିକା ୩୦ ମିନିଟ ଯାଏଁ ଟ୍ରକ୍ ଭିତରେ ଫସି ରହିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ ମଧ୍ୟ ଘଟଣା ସ୍ଥଳକୁ ପହଞ୍ଚିବାପରେ ବିଳମ୍ବ କରୁଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



ତେବେ ଆହତ ୨ ଜଣଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ କେନ୍ଦୁଝର ମେଡିକାଲ ପଠା ଯାଉଥିବା ସ୍ଥାନୀୟ ଲୋକଙ୍କ ନିକଟରୁ ସୂଚନା ମିଳିଛି । ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟଥିଲେ ମଧ୍ୟ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ତଥା ବାମ୍ପ ବହୁତ ଚଢେଇଭୋଳ ଛକରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉନଥିବାରୁ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଉଥିବାରେ ଲାଗିଛି । ଏହି ଦୁର୍ଘଟଣା ପାଇଁ ୪୯ ନମ୍ବର ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ି ଗୁଡ଼ିକ ସକାଳ ୮ ଘଟିକା ଯାଏଁ ଛିଡା ହୋଇ ରହିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ସକାଳ ୮ ଘଟିକା ସମୟରେ ଉଦ୍ଧାରକାରୀ ଦଳ ଓ ପୋଲିସ ପହଞ୍ଚି ଫସି ରହିଥିବା ବ୍ୟକ୍ତି ଙ୍କକୁ ଉଦ୍ଧାର କରିଥିଲେ ।

## ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଦ୍ୱିତୀୟ ସଂଧ୍ୟାରେ ଭରପୁର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ପାରାଦୀପ(ଭାସ୍କର ନ୍ୟୁଜ୍): ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ ଆୟୋଜିତ ୨୪ ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ କୋଚିନ, ଜବାହାର ଲାଲ ନେହେରୁ , ଚେନ୍ନାଇ ବନ୍ଦରର କଳାକାର ମାନେ ନିଜ



ନିଜ ଭାଷାରେ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରସ୍ତୁତ କରିଥିଲେ ଯେଉଁଥିରେ ନିଜ ରାଜ୍ୟର ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତା ଆଧାରରେ ଆୟୋଜିତ ଏହି ସମାରୋହରେ ସବୁ ବନ୍ଦରର କଳାକାର ମାନେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି । ସମାରୋହରେ ବିଭିନ୍ନ ବନ୍ଦରରୁ ଆସିଥିବା କଳାକାର ମାନଙ୍କର ପ୍ରସ୍ତୁତି ସତେ ଯେପରି ସାରା ଭାରତ ବର୍ଷକୁ ପାରାଦୀପରେ ଏକାଠି କରିବାରେ ସଫଳ ହୋଇଛି । ଭାଷାଗତ ବିଭିନ୍ନତା ଥାଇ ମଧ୍ୟ କାର୍ଯ୍ୟକ୍ରମରେ ଭରପୁର ଦର୍ଶକ ଆନନ୍ଦ ନେଉଥିବାର ଦେଖିବାକୁ ମିଳିଛି ।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଖୋଜ ଅଭିଯୋଗ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ନହଙ୍ଗ ପଂଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସେବିକା ରୁମାନା ୟାସମିନ୍ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ଫିରୋଜ ଖାନ୍ ଡେରାବିଶ ଥାନାରେ ଅଭିଯୋଗ କରିଛନ୍ତି । ଯାଜପୁର ଜିଲ୍ଲା କୋରେଇ ଥାନା ତାରାକୋଟ ଗ୍ରାମନିବାସୀ ଫିରୋଜଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ରୁମାନା ୟସମିନ (୨୪) ଡେରାବିଶ ଥାନା ଅନ୍ତର୍ଗତ ବିରନୀଳକଣ୍ଠପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବିକା ଭାବେ କାର୍ଯ୍ୟ କରୁଥିଲେ । ଗତକାଲି ଠାରୁ ରୁମାନାଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଥିବା ବେଳେ ସେ ସ୍ୱାସ୍ଥ୍ୟ କେନ୍ଦ୍ରର ରୁମାନାଙ୍କ ସହକର୍ମୀଙ୍କୁ ପଚାରିଥିଲେ ମଧ୍ୟ ତାଙ୍କ ସମ୍ପର୍କରେ କୌଣସି ଖୋଜ ଖବର ପାଇନଥିଲେ । ଏଥିସହ ସେ ଜାଣିବାକୁ ପାଇଲେ ଯେ, ରୁମାନା ତାଙ୍କର ବିବାହ ପାଇଁ ଗତ ଚଳିତ ମାସ ୧୧ ତାରଖ ଠାରୁ ଆସନ୍ତା ଜାନୁୟାରୀ ମାସ ୧୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ ଛୁଟିନେଇଛନ୍ତି। ତେବେ ଫିରୋଜ ରୁମାନା ରହୁଥିବା ମନ୍ତ୍ରୀପଡ଼ା ସ୍ଥିତ ତାଙ୍କ ଭଡ଼ାଘରକୁ ଯାଇଥିଲେ ମଧ୍ୟ ସେଠାରୁ ରୁମାନାଙ୍କର କୌଣସି ଖୋଜଖବର ପାଇନଥିଲେ ।

## ମଲ୍ଲିକେଶ୍ୱର ହାଇସ୍କୁଲର ଛାତ୍ର ସନ୍ତୋଷ ଇସ୍ରୋ ଯିବା ପାଇଁ ମନୋନୀତ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ଶିକ୍ଷା ସର୍କଲ ଅଧୀନ ପଲେଇ ପଂଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସନ୍ତୋଷ କୁମାର ମହାନ୍ତି ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ଯିବା ପାଇଁ ମନୋନୀତ ହୋଇଛନ୍ତି ।



ଟାଟା ଆନୁକୂଲ୍ୟରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଯୁବ ଜ୍ୟୋର୍ତିବିଜ୍ଞାନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଡିସେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟୋରୀୟମରେ ହୋଇଥିବା ପ୍ରତିଯୋଗିତାରେ ସନ୍ତୋଷ ଭାଗ ନେଇଥିଲେ । ଏହି ପ୍ରତିଯୋଗୀତାରେ ଶ୍ରେଷ୍ଠ ୩୦ ଜଣ ପ୍ରତିଯୋଗୀଙ୍କୁ ଇସ୍ରୋ ବୁଲିଯିବା ପାଇଁ ମନୋନୀତ କରାଯାଇଥିଲା । ସନ୍ତୋଷ ପଲେଇ ପଂଚାୟତ ଅନ୍ତର୍ଗତ ଡେରାକୁଣ୍ଡି ଗ୍ରାମର ନୃସିଂହ ଚରଣ ମହାନ୍ତି ଓ ପ୍ରଣତି ମହାନ୍ତିଙ୍କ ପୁତ୍ର ଅଟନ୍ତି । ସନ୍ତୋଷର ଏହି କୃତିତ୍ୱ ପାଇଁ ତାର ଗାଇଡ୍ ଟିଚର ଶୁଭଶ୍ରୀ ଦାଶ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି ।

# ପାରାଦ୍ୱୀପଗଡ଼ରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତରେ ପାରାଦ୍ୱୀପ ତୈଳ ବିଶୋଧନାଗାର ସହାୟତାରେ ପଞ୍ଚାୟତ ଭବନ ପରିସରରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ବରିଷ୍ଠ ଡାକ୍ତର ରାଜେଶ ଲେଙ୍କା ଓ ଡାକ୍ତର ଅଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ୨୯୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଯୋଗାଇ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଉକ୍ତ ଶିବିରକୁ ଷ୍ଟାଫ୍ ନର୍ସ ଜୟନ୍ତୀ ମହାନ୍ତି, ମୋନାଲିସା ଜେନା ଫାରମାସିଷ୍ଟ ରାକେଶ ରଞ୍ଜନ ମହାରଣା, ଅଶାନ୍ତ କୁମାର ମହାପାତ୍ର, ଶିବିର




ସହାୟକ ଜ୍ୟୋତି ରଞ୍ଜନ ସୁତାର, ଗୌରାଙ୍ଗ ମହାପାତ୍ର ଏବଂ ସଂଗଠକ ନିର୍ମଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସଂଯୋଜନା କରିଥିଲେ। ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ପ୍ରଭାତ କୁମାର ସାହୁ, ସନ୍ତୋଷ ଦୋରା, ରମେଶ ବେହେରା, ସନାତନ ମାଝୀ, ପଞ୍ଚାନନ ମାଝୀ, ତୁଳସୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତି ମାସରେ ଏହିପରି ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଥିଲେ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶ୍ରୀମନ୍ଦିର ଶୁଭ ଉଦ୍‌ବୋଧନ ମହୋତ୍ସବ

ବେତନଟୀ (ଭାସ୍କର ନ୍ୟୁଜ): ପରମପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ ଆଗାମୀ ୧୬ ଡିସେମ୍ବର ସୋମବାର ପ୍ରାତଃ ଆଠରୁ ଦଶ ଘଣ୍ଟା ମଧ୍ୟରେ ବେତନଟୀରେ ନବନିର୍ମିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀମନ୍ଦିର ଉଦ୍ଘାଟନ କରିବେ। ଏଥିନିମନ୍ତେ ବିଭିନ୍ନ ପ୍ରାନ୍ତରୁ ବହୁ ସତସଙ୍ଗୀ ଉକ୍ତଦିନ ବେତନଟୀସ୍ଥ ସତସଙ୍ଗ ବିହାର ସମାବେଶରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଅଛି । ଉକ୍ତଦିନ ପ୍ରତ୍ୟୁଷ ଘ୫.୨୩ ମିନିଟରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ମାଙ୍ଗଳିକ କର୍ମମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଅଛି। ତନ୍ମଧ୍ୟରେ ଉଷା କୀର୍ତ୍ତନ, ସଂଗୀତାଞ୍ଜଳି,ନାମ ସଂକୀର୍ତ୍ତନ, ସଂଧ୍ୟା ବିନତି ପ୍ରାର୍ଥନା,ଆତସବାଜି ଇତ୍ୟାଦି ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସରରେ ଚାଲୁରହିବ। ଜନସାଧାରଣ ବହୁସଂଖ୍ୟାରେ ଯୋଗ ଦେବାକୁ ସ.ପ୍ର.ରିତିକ ଖଗେନ୍ଦ୍ରନାଥ ସାହୁ କମିଟି ତରଫରୁ ଅନୁରୋଧ ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ରାମାୟଣ ପ୍ରତିଯୋଗିତା, ପୋକତୁଙ୍ଗା ସର୍ବଶ୍ରେଷ୍ଠ

ଅନୁଗୋଳ (ଭାସ୍କର ନିୟୁଜ ) ଅନୁଗୋଳ ଜିଲ୍ଲା ସଦର ଥାନା କୁମୁରି ସିଂହା ଗ୍ରାମରେ ଶୁକ୍ରବାର ଗୀତା ଉତ୍ସବ ରେ ଜିଲ୍ଲାସ୍ତରୀୟ ରାମାୟଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ କୁମୁରି ସିଂହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ରଜ କିଶୋର ବିଶ୍ୱାଳ, ସୁଦର୍ଶନ ସାହୁ , ବରିଷ୍ଠ ଦଣ୍ଡ ବିଚାରକ ତଥା ଆୟୋଜକ ଯୋଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଢେଙ୍କାନାଳ ଜିଲ୍ଲାର ମାନପୁର , ପୁରୁକିଆ , ଅନୁଗୋଳ ଜିଲ୍ଲାର ପୋକତୁଙ୍ଗା , ଶରଧା ପୁର , ଶାବଳ ଭଙ୍ଗା , ସାନ କଞ୍ଜନି , ଜମୁନାଳି, ଜରଡା,ରାଣୀ ଗୋଡ଼ା ,ବଡ଼ କଞ୍ଜନୀ, ବାଲୁଅକଟା ଆଦି ୧୨ ଟି ଗ୍ରାମର ଧାର୍ମିକ ଗୋଷ୍ଠୀ



ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା । ଏଥିରେ ପୋକତୁଙ୍ଗା ଧାର୍ମିକ ଗୋଷ୍ଠୀ ସର୍ବଶ୍ରେଷ୍ଠ ଚମ୍ପିଆନ ହୋଇଥିଲେ । ଉକ୍ତ ଦଳର ବସନ୍ତ ସାହୁ ,ରଞ୍ଜିତ ପ୍ରାଧାନ, ପ୍ରହ୍ଲାଦ ସାହୁ ଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ । ସେହିପରି ସାନ କଞ୍ଜିନି ଦ୍ୱିତୀୟ ସ୍ଥାନ ଓ ଅରାହାଟ ପୁରୁକିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତାଳଚେର ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଓ ଆମ ପୁରାଣ ଆମ ସଂସ୍କୃତି ପରିବାର ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ କୁମୁରି ସିଂହା ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

# ଧାନଘର ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ

ଚିକିଟି(ଭାସ୍କର ନ୍ୟୁଜ୍): ଧାନଘର ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ତର୍କ, ଆବୃତ୍ତି, କବିତା ରଚନା,ଗଳ୍ପ ଲିଖନ, କଣ୍ଠ ସଂଗୀତ,ଏକକ ଅଭିନୟ,ଏକକ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା ଓ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ୨୦,୨୧ ତାରିଖରେ ଗୋପାଳପୁରଠାରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ଅବସରରେ ବ୍ଲକର ଓଷ୍ଟା ସଙ୍ଘର ନୂତନ ସଭାପତି ଭାବେ ସୁଦୀପ୍ତ କୁମାର ପଟ୍ଟନାୟକଙ୍କ ନାମ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା ଘୋଷଣା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମର ବ୍ଲକ ଅଧ୍ୟକ୍ଷ ଆପନା ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଏକ ନୂତନ ଅତିରିକ୍ତ କୋଠରୀର ଶୁଭ ଉଦଘାଟନ କରିବା ପରେ ଶିଶୁ ଉତ୍ସବର କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥିଭାବେ ସରପଞ୍ଚ ଜି.ଜ୍ୟୋତି ରେଡି,ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ମଣ୍ଡଳ,ଓଷ୍ଟା ରାଜ୍ୟସଂଘର ଉପଦେଷ୍ଟା ଜଗବନ୍ଧୁ ଜେନା,ଓଷ୍ଟାର ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା,ଉପ -ସଭାପତି ଅଶୋକ



କୁମାର ହୋତା,ସମ୍ପାଦକ ବିଜୟ କୁମାର ବେହେରା,ଉପଦେଷ୍ଟା ଭିକାରୀ ଚରଣ ଗୌଡ଼, ସୋରଡ଼ା ବ୍ଲକ ସମ୍ପାଦକ କେଦାରନାଥ ପଟ୍ଟନାୟକ, କୃଷ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନ ମୋହନ ରଥ, ବ୍ଲକ ସମ୍ପାଦକ ଜୁର ଗୌଡ଼, ବରିଷ୍ଠ ସାମ୍ବାଦିକ ବାଳକୃଷ୍ଣ ପଟ୍ଟନାୟକ, ଶିକ୍ଷାବିତ ଅନୀଲ କୁମାର ପୁରୋହିତ,ରାଜ୍ୟସଂଘ ସଦସ୍ୟ କେ. ଚେନ୍ଦ୍ରୟା, ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଫକୀର ମୋହନ ବିଷୋୟୀ, ପ୍ରମୋଦ କୁମାର ବୈଦ୍ୟ, ବୈକୁଣ୍ଠ ନାଥ ସାହୁ,ବୈକୁଣ୍ଠ ନାଥ ପାଢ଼ୀ, ସୁଶାନ୍ତ କୁମାର ପଟ୍ଟନାୟକ, ସିମାଞ୍ଚଳ ଗୌଡ଼, ବୃନ୍ଦାବନ ବିଷୋୟୀ ଓ ମଧୁସୂଦନ ପାଗଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପରବ ପାଇଁ ସମସ୍ତ ସରକାରୀ ଅଧିକାରୀଙ୍କ ୫ଦିନ ଛୁଟି ବାତିଲ

କୋରାପୁଟ(ଭାସ୍କର ନ୍ୟୁଜ୍):(ଭାସ୍କର ନ୍ୟୁଜ) ଚଳିତ ବର୍ଷ ଲୋକ ମହୋତ୍ସବ ପରବ ୫ଦିନ ଧରି ପାଳନ କରାଯିବ। ତେଣୁ ଏହି ଉତ୍ସବକୁ ସଠିକ ଭାବେ ପରିଚାଳନା କରିବା ନିମନ୍ତେ ଜିଲ୍ଲାପାଳ ଭି କିର୍ତୀ ଭାସନ ଉଦ୍ୟମ କରୁଛନ୍ତି। ପରବ ନିମନ୍ତେ ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟନିର୍ବାହୀ ଅଧିକାରୀ, ସିଡିଏମଓ. ବିଡିଓ , ତହସିଲଦାରଙ୍କ ସହିତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ଛୁଟି ୫ଦିନ ପର୍ଯ୍ୟନ୍ତ ବାତିଲ୍ କରିଛନ୍ତି ଜିଲ୍ଲାପାଳ। ଏହି ୫ଦିନ କୌଣସି ସରକାରୀ ଅଧିକାରୀ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲ୍ଲାକୁ ଏହି ୫ଦିନ ଧରି ବିଭିନ୍ନ ରାଜ୍ୟସ୍ତରୀୟ ଅଧିକାରୀ, ମନ୍ତ୍ରୀ , ସଚିବ ପ୍ରମୁଖ ଆସିବାର କାର୍ଯ୍ୟକ୍ରମର ରହିଥିବାରୁ କୌଣସି ଅଧିକାରୀ ବିନା ଅନୁମତିରେ ମୁଖ୍ୟାଳୟ ଛାଡିପାରିବେ ନାହି ବୋଲି ବିଜ୍ଞାପ୍ତି ଜାରି କରିଛନ୍ତି ।

# କାର୍ଯ୍ୟକାରୀ ହେଉନି ଶିକ୍ଷକଙ୍କ ବଦଳି ଆଦେଶ

ମାଲକାନଗିରି(ଭାସ୍କର ନ୍ୟୁଜ) : ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବଦଳି ପାଇଁ ଆବେଦନ ପରେ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏହା ସତ୍ୱେ ଏକାଧିକ ଅସୁସ୍ଥ ଶିକ୍ଷକଙ୍କ ହୋଇପାରୁନି ବଦଳି । କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାରୁ। ଫଳରେ ଶିକ୍ଷକମାନେ ଏବେ ଚିନ୍ତାରେ । ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାରେ ଏକାଧିକ ଶିକ୍ଷକ ନିଜର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ନିଜର ଘର ନିକଟକୁ ବଦଳି ଲାଗି ଆବେଦନ କରିଥିଲେ। ଏହି ଆବେଦନ କରି ଅନେକ ପ୍ରଚେଷ୍ଟା ପରେ ଶିକ୍ଷା ବିଭାଗ ମୋଟ ୧୦ ଜଣ ଶିକ୍ଷକଙ୍କୁ ବଦଳି ପାଇଁ ଅନୁମତି ଦେଇଥିଲେ। ଗତ ଅଗଷ୍ଟ ମାସରେ ଏହି ବଦଳି ପାଇଁ ଆଦେଶ ଆସିଥିବା ବେଳେ ୧୦ ଜଣ ଶିକ୍ଷକଙ୍କ ମଧ୍ୟରୁ ୬ ଜଣ ଶିକ୍ଷକ ଅନ୍‌ଲାଇନ ମାଧ୍ୟମରେ ନିଜର ନିକଟସ୍ଥ ବିଦ୍ୟାଳୟ ଚୟନ କରିଥିବା ବେଳେ ଅନ୍ୟ ୪ ଜଣ ଏହି ପ୍ରକ୍ରିୟା ପୂରଣ କରିନଥିଲେ। ତେବେ ନିୟମ ଅନୁଯାୟୀ ଯେଉଁମାନେ ଅନ୍‌ଲାଇନ ମାଧ୍ୟମରେ ବିଦ୍ୟାଳୟ ଚୟନ କରିଥିଲେ ସେମାନଙ୍କ ବଦଳି ହେବା କଥା, କିନ୍ତୁ ଏହାକୁ ମାସ ମାସ ବିତି ଯାଇଥିଲେ ମଧ୍ୟ ଆବେଦନକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ବଦଳି ହେଉନାହିଁ ଓ ତେବେ ଏହା ମଧ୍ୟରେ ଏମ୍‌ଭି- ୧୦ ଗ୍ରାମ ବିଦ୍ୟାଳୟରେ ଶିକ୍ଷକ ଥିବା ନିହାର ରଞ୍ଜନ ସ୍ୱାଇଁଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିବା ବେଳେ ତାଙ୍କର ମଧ୍ୟ ବଦଳି ହୋଇନଥିବା ସୂଚନା ମିଳିଛି। କେବଳ ନିହାର ନୁହଁନ୍ତି ଅନ୍ୟ ଆବେଦନକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ନିକଟସ୍ଥ ସ୍ଥାନକୁ ଆସିଲେ ନିଜର ସ୍ୱାସ୍ଥ୍ୟର ଯତ୍ନ ସଠିକ ଭାବେ ପରିବାର ଲୋକେ ନେବା ସହ କାର୍ଯ୍ୟ କରିବାରେ ସହଜ ହୋଇଥାନ୍ତା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ବଦଳି ପାଇଁ ପଦକ୍ଷେପ ନିଆଯାଇ ନଥିବାରୁ ସେମାନଙ୍କ ବଦଳି ହୋଇପାରୁନାହିଁ । ଫଳରେ ସେମାନେ ନାନା ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ଏହାକୁ ନେଇ ଆମେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଏବିଷୟରେ ତୁରନ୍ତ ପଦକ୍ଷେପ ନେଇ ଆସନ୍ତା ୭ ଦିନ ମଧ୍ୟରେ ବଦଳି ଆଦେଶ କାର୍ଯ୍ୟକାରୀ କରାଇବେ ବୋଲି ପ୍ରକାଶ କରିଛନ୍ତି।

# ସାମ୍ବାଦିକ ସଂଘ ପକ୍ଷରୁ ନୂତନ ବିଡ଼ିଓଙ୍କୁ ସମ୍ବର୍ଦ୍ଧନା



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ନୂତନ ଭାବେ ଯୋଗଦାନ କରିଥିବା ଯୁବ ବିଡ଼ିଓ ସୌଭାଗ୍ୟ ବେହେରାଙ୍କୁ ସୌଜନ୍ୟ ମୂଳକ ଭାବେ ପରଜଙ୍ଗ ସାମ୍ବାଦିକ ସଂଘର ସଦସ୍ୟମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।ପରଜଙ୍ଗ ସାମ୍ବାଦିକ ସଂଘର ସଭାପତି ବିନୟ କୁମାର ଦାସଙ୍କ ସହିତ ସାମ୍ବାଦିକ ସୁବଳ କୁମାର ରାଉତ, ରୂପକ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ସାହୁ, ସୂର୍ଯ୍ୟକାନ୍ତ ବେହେରା,ରାକେଶ କୁମାର ପରିଡା, ସୁଜିତ ଦଳବେହେରାଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ମାନେ ବ୍ଲକକୁ ଯାଇ ସମ୍ବର୍ଦ୍ଧିତ କରି ପରିଚୟ ପ୍ରଦାନ କରିଥିଲେ ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି ଠାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାସ ସବୁଜ ପତାକା ଦେଖାଇ ଶକ୍ତି ସଂରକ୍ଷଣର ଏକ ସଚେତନତା ରାଲି ର ଶୁଭ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟ ର ପ୍ରାୟ ପଚାଶ ଜଣ ଛାତ୍ର ହାତରେ ପ୍ଲାକାର୍ଡ ଧରି ସହରର ମୁଖ୍ୟ ରାସ୍ତାରେ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ଶକ୍ତି ସଂରକ୍ଷଣର ବାର୍ତ୍ତା ଦେଇଥିଲେ। ପରେପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀରାମ ମୂର୍ତ୍ତି ଶକ୍ତି ସଂରକ୍ଷଣରେ ଛାତ୍ରମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାଶ ଛାତ୍ରମାନଙ୍କୁ ବିକଳ୍ପ ଶକ୍ତିର ବ୍ୟବହାର ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ସସ୍ମିତା ମିଶ୍ର, ଶ୍ରୀମତୀ ସୁଲତା ଶୁଭଦର୍ଶିନୀ ଓ ଏନର୍ଜି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ହିରଣ୍ମୟୀ ନାୟକ ଶିକ୍ଷାର୍ଥୀଙ୍କ ଜୀବନରେ ପରିବେଶ ଭୂମିକା ଓ ସେମାନଙ୍କର ପରିବେଶ ପ୍ରତି କର୍ତ୍ତବ୍ୟବୋଧ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ଛାତ୍ରମାନଙ୍କୁ ଜଳବାୟୁ ପରିବର୍ତ୍ତନ କିପରି ବିଶ୍ୱପାଇଁ ଏକ ଆହ୍ୱାନ ତାହା ବୁଝାଇଥିଲେ ।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଦଶମ ଶ୍ରେଣୀର ସୁଶିଲ ବିଶ୍ୱାଳ ଓ ଶ୍ରୀତମ ମହାରଣା ଏକ ସୁନ୍ଦର ବିକଳ୍ପ ଶକ୍ତିର ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଶ୍ରୀ ଜିକୋରିଆ ଶବର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ହର୍ସ ରାଇଡିଂ କ୍ଲବ୍ ଉଦ୍‌ଘାଟିତ



କୋରାପୁଟ,(ଭାସ୍କର ନ୍ୟୁଜ୍): କୋରାପୁଟ ଟାଲେଣ୍ଟସ ମହାବିଦ୍ୟାଳୟ ପରିସରରେ ଜାତୀୟ ଅଶ୍ୱ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ହର୍ସ ରାଇଡିଂ କ୍ଲବ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ଆଡଭୋକେଟ୍ ଜେନେରାଲ ପ୍ରଶାନ୍ତ କିଶୋର ରାୟ ପାଠ୍ୟ ପୁସ୍ତକ ମାଧ୍ୟମରେ ଉତ୍ତମ ଶିକ୍ଷା ଗ୍ରହଣ କରିବା ସହ ଛାତ୍ରଛାତ୍ରୀ ହର୍ସ ରାଇଡିଂ ଆଦି ନୂତନ ଜ୍ଞାନ କୌଶଳ ହାସଲ କରି ବ୍ୟକ୍ତିତ୍ୱ ଓ ସମ୍ମାନକୁ ସମାଜରେ ପ୍ରତିଷ୍ଠିତ କରିପାରିବେ ବୋଲି କହିଥିଲେ । ଆଡଭୋକେଟ୍ ଅଙ୍କିତା ପାଣିଗ୍ରାହି, ରମେଶ ଚନ୍ଦ୍ର ରାଉତ ଏବଂ କଲେଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପରିସରରେ କ୍ଲବ ଗଠନ କରିବା ଦ୍ୱାରା ଉତ୍ତମ ଅଧ୍ୟୟନ ସହ ଛାତ୍ରଛାତ୍ରୀଙ୍କର ମାନସିକ ଓ ଶାରିରୀକ ଦକ୍ଷତା ବୃଦ୍ଧି ପାଇବ ବୋଲି ଟାଲେଣ୍ଟସ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ମାନସ ରନ ପଟ୍ଟନାୟକ କହିଥିଲେ । ଅଧିକ ସଂଖ୍ୟାରେ ତାଲିମପ୍ରାପ୍ତ ଘୋଡା ଅଣାଯାଇ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯିବା ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ ।

# ଶ୍ରୀଜଗନ୍ନାଥ ମନ୍ଦିରରେ ବିଶ୍ୱଶାନ୍ତି ଗୀତାଯଜ୍ଞ

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସ୍ଥାନୀୟ ଗୁମାଡେରା ଜଗନ୍ନାଥ ମନ୍ଦିର ଆର୍ତ୍ତତ୍ରାଣ କ୍ଷେତ୍ରରେ ଶୁକ୍ରବାର ବିଶ୍ୱଶାନ୍ତି ଗୀତାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗୁମାଡେରାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ପରେ ଦୀର୍ଘ ୩୫ ବର୍ଷ ପୂର୍ବେ ସ୍ୱର୍ଗୀୟ ପଣ୍ଡିତ ଗୌରୀ ଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ଏହି ଗୀତାଯଜ୍ଞ ପ୍ରଥମ କରି ଆରମ୍ଭ ହୋଇଥିଲା। ସେହି ବର୍ଷଠାରୁ କ୍ରମାଗତ ଭାବେ ଏହି ଗୀତା ଯଜ୍ଞ ପରିଚାଳିତ ହୋଇଆସୁଛି। ଏହି ଗୀତାଯଜ୍ଞ ଅବସରରେ ଆଜି ସକାଳୁ ଦେବାଦେବୀଙ୍କ ପୂଜାର୍ଚ୍ଚନାରେ ଆରମ୍ଭ ହୋଇ ହୋମଯଜ୍ଞ, ଗୀତାପାଠ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୂତି ଓ ସନ୍ଧ୍ୟାରେ ସଞ୍ଜ ଆଳତୀ ପରେ ସମାପ୍ତ ହୋଇଥିଲା। ଏହି ଭକ୍ତିପୂତ



କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିରେ ଶରତ ଚନ୍ଦ୍ର ପାଣିଗ୍ରାହୀ ଏବଂ ତାଙ୍କ ପତ୍ନୀ ଜୟନ୍ତୀ ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ମୁଖ୍ୟ ପୂଜକ ଭାବରେ ପଣ୍ଡିତ ସୁରେଶ ଚନ୍ଦ୍ର କର ଯୋଗ ଦେଇ ପୂଜାର୍ଚ୍ଚନା କରିଥିବା ବେଳେ ଅଶୋକ ଦାଶ ଗୀତା ପାଠ କରିଥିଲେ। ମନ୍ଦିର ପୂଜକ ବ୍ରଜସୁନ୍ଦର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବନମାଳୀ ପଣ୍ଡା, ଅନ୍ତର୍ଯ୍ୟାମୀ ପାଢ଼ୀ, ସତ୍ୟେନ୍ଦ୍ର ମିଶ୍ର, ବାବୁଲୁ ପାତ୍ର, ଶୈଳେନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ଶନିବାର ଦିନ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ୩୦ଟି ଜିଲ୍ଲା ସମେତ କଟକ ଡେବ୍ଟ ରିକୋଭରୀ ଟ୍ରିବ୍ୟୁନାଲ୍, ଷ୍ଟେଟ୍ କ୍ୟୁମର ରିଡ୍ରେସାଲ୍ କମିଶନ, କଟକ, ଇଣ୍ଡଷ୍ଟ୍ରିଆଲ୍ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର, ଏଜୁକେଶନ୍ ଟ୍ରିବ୍ୟୁନାଲ୍ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଆଇନସେବା ପ୍ରାଧିକରଣର ପୃଷ୍ଠପୋଷକ ତଥା ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂ ଏବଂ ରାଜ୍ୟ ଆଇନସେବା ପ୍ରାଧୀକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ଓଡିଶା ହାଇକୋର୍ଟର ବିଚାରପତି ଅରିନ୍ଦମ ସିହ୍ନାଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ ଲୋକ ଅଦାଲତରେ ୧୯୩୪୬୩ଟି ମାମଲାର ଫଇସଲା ହୋଇଛି । ଫଇସଲା ବାବଦକୁ ୧୬୫୪୭୩୩୨୧୭ଟଙ୍କା ଆଦାୟ ହୋଇଛି । ଏଡି ଲୋକ ଅଦାଲତରେ ୧୬୮୩୩ଟି କୋର୍ଟରେ ଥିବା ମାମଲାର ଫଇସଲା ହୋଇଥିବାବେଳେ ୧,୭୦,୭୦୭ଟି ରାଜସ୍ୱ ସମ୍ପର୍କିତ ମାମଲାର ଫଇସଲା ହୋଇଯାଇଛି । ସେହିପରି ୫,୯୨୩ଟି ପ୍ରାକ୍ ବିବାଦ ମାମଲାର ମଧ୍ୟ ଫଇସଲା ହୋଇଯାଇଛି । ଅନ୍ୟପକ୍ଷରେ ୧୦୯୭୭ଟି ଫୌଜଦାରୀ ମାମଲାର ଫଇସଲା ହୋଇଥିବାବେଳେ ୧୬୬୬ଟି ଦେୱାନୀ ମାମଲାର ଫଇସଲା ହୋଇଛି ।



## ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# ‘ଓଡିଆର ସ୍ୱାଭିମାନ ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅବିସ୍ମରଣୀୟ’



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ(ଭୁବନେଶ୍ୱର)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଜଣେ ଦେଶସେବୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଏବଂ ସମ୍ପାଦକ ଥିଲେ । ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ପୃଷ୍ଠପୋଷକ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି । ଓଡିଆର ସ୍ୱାଭିମାନ ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟ ଅତିଥି ବିଶ୍ୱଭୁଷଣ ହରିଚନ୍ଦନ ଉଲ୍ଲେଖ କରିଛନ୍ତି । ମୁଖ୍ୟବକ୍ତା ଭାବେ ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଜନ୍ମ ଜୟନ୍ତି ପାଳନର ଆବଶ୍ୟକତା ସେହି ଯୋଗଜନ୍ମାଙ୍କ ପାଇଁ ଯେଉଁମାନେ ଏ ଓଡିଶା ମାଟିକୁ ତାଙ୍କ ମହାର୍ଘ ସେବାରେ ସମର୍ପିତ କରିଛନ୍ତି । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସେହିଭଳି ଜଣେ ମହାପୁରୁଷ । ମାତ୍ର ୫୭ ବର୍ଷ ଜୀବନ କାଳରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଓଡିଶା ରାଜ୍ୟ ଗଠନରେ ତାଙ୍କର ଭୁମିକାକୁ ଆଜି ବି ଏ ଜାତି ସ୍ମରଣ କରୁଛି । ଶ୍ରୀ ପଟ୍ଟନାୟକ ତାଙ୍କୁ ଜଣେ ସ୍ୱଷ୍ଟବାଦୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ଅଭିହିତ କରି କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସମ୍ବାଦପତ୍ରର ସମ୍ପାଦନା କରି ଓଡ଼ିଆ ପତ୍ରିକା ସମ୍ପାଦନା ଓ ଶୁଦ୍ଧ ପାଠ୍ୟପୁସ୍ତକ ସମ୍ପାଦନାକୁ ମହତ୍ୱ ପ୍ରଦାନ କରିଛନ୍ତି । ସମ୍ମାନନୀୟ ଅତିଥି ଭାବେ ବଡଚଣାର ପ୍ରାକ୍ତନ ବିଧାୟକ ଅମର ପ୍ରସାଦ ଶତପଥୀ ତାଙ୍କ ବକ୍ତବ୍ୟରେ ବିଦ୍ୟାରତ୍ନଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ କୃତି ଓ କୃତିତ୍ୱ ଉପରେ ବକ୍ତବ୍ୟ ରଖି ଓଡ଼ିଶା ଇତିହାସରେ ତାଙ୍କ ଅବଦାନ ସ୍ମରଣୀୟ ରହିବ ବୋଲି କହିଥିଲେ । ପ୍ରାକ୍ତନ ବିଧାୟକ ତଥା ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ପ୍ରଭାତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କୁ ସ୍ୱତନ୍ତ୍ର ଓଡ଼ିଶାର ନବ ଜାଗରଣର ଅଗ୍ରଦୂତ ବୋଲି କହିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ସମ୍ପାଦକ ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଆଜି ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ତରଫରୁ ଜୟଦେବ ବିହାର ସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ଏବଂ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।



କଟକ ମଧୁପାଟଣା ଛକରେ ହୁତୁ ହୁତୁ ହୋଇ ଜଳୁଛି ମୋ ବସ୍

## ସୁଜିତ୍ କୁମାରଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁଜିତ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟସଭା ସାଂସଦ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ଆମ ଦଳର ପ୍ରାର୍ଥୀ ସୁଜିତ କୁମାରଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ବିକଶିତ ଓଡ଼ିଶା ନିର୍ମାଣର ଜଣେ ସାରଥି ଭାବେ ରାଜ୍ୟ ଏବଂ ରାଜ୍ୟବାସୀଙ୍କ ବିକାଶ ପାଇଁ ଆପଣ କାର୍ଯ୍ୟ କରିବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ଆହୁରି ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

## ବିଦ୍ୟୁତ୍ ବକେୟା ପ୍ରସଙ୍ଗରେ ବିଭାଗକୁ ଦାୟୀ କଲେ କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଦ୍ୟୁତ ବକେୟା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ସେ କହିଛନ୍ତି ଯେ, ଗତ ସରକାରଙ୍କ ସମୟରେ ଅନେକ ଲୋକଙ୍କ ବା କମ୍ପାନୀର ବିଦ୍ୟୁତ ବକେୟା ରହିଛି । ବିଭାଗ ମତେ ଯାହା ତଥ୍ୟ ଦେଇଥିଲା ମୁଁ ବିଧାନସଭାରେ ଉତ୍ତର ଦେଇଛି । ଏତେ ବକେୟା ରହିଲା କାହିଁକି ଏହା ପାଇଁ ବିଭାଗ ଦାୟୀ । ସେ ସବୁ କେସ କୋର୍ଟରେ ଥିବାରୁ ଟଙ୍କା ଆଦାୟ ହୋଇପାରି ନଥିଲା । ତେବେ କୋର୍ଟରେ ଉତ୍ତର ଦେଇ ଉଚିତ ପଦକ୍ଷେପ ନେବାର ଥିଲା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ।

## ରାଜ୍ୟସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

# ବିଶ୍ୱ ଉତ୍ତାପ କମାଇବାରେ ଶକ୍ତି ସଂରକ୍ଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଶନିବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରୁ ଏକ ଜନସଚେତନତା ରାଲି କରାଯାଇଥିଲା । ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ରାଲିକୁ ଉଦ୍‌ଘାଟନ କରିଥିଲେ । ଶକ୍ତି ବିଭାଗ ଏବଂ ସିଇଏସ୍‌ର କର୍ମଚାରୀମାନେ ରାଲି ସଂଚାଳନ କରିଥିଲେ । ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍), ଶକ୍ତି ବିଭାଗ ଦ୍ୱାରା ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକସଭା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଏକ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥା, ଶିଳ୍ପ ସଂସ୍ଥା, ବୈଷୟିକ ବିଶେଷଜ୍ଞ, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ମଡେଲ୍ ପ୍ରଦର୍ଶନ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ ଶକ୍ତି ଦକ୍ଷ ଉପକରଣ, ଇଲେକ୍ଟ୍ରିକ୍‌ଯାନ, ସୋଲାର ପ୍ୟାନେଲ ପ୍ରଦର୍ଶନ କରାଯାଇ ଏହାର ବ୍ୟବହାର ନିମନ୍ତେ ଉତ୍ସାହିତ କରାଯାଇଥିଲା । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶକ୍ତି ସରଂକ୍ଷଣରେ ଆମ ପଦକ୍ଷେପ କେବଳ ସେମିନାର, କନ୍‌ଫରେନ୍ସର ଚାରିକାନ୍ଥ ଭିତରେ ସୀମିତ ନ ରହି ଦୈନନ୍ଦିନ ଜୀବନରେ ହେବା ଉଚିତ । ଯେପରିକି, ଆବଶ୍ୟକ ନ ଥିଲେ ବିଦ୍ୟୁତ ଉପକରଣର ସ୍ୱିଚଗୁଡ଼ିକୁ ବନ୍ଦ ରଖିବା, ସବୁଜ ଶକ୍ତି, ଅକ୍ଷୟ ଶକ୍ତିର ବ୍ୟବହାର । ସମସ୍ତେ ମିଳିମିଶି ଶକ୍ତି ସରଂକ୍ଷଣରେ ସହଯୋଗ କରନ୍ତୁ, ଜଳବାୟୁ ପରିବର୍ତ୍ତନ ସଂଶୋଧନରେ ସହଭାଗୀ ହୁଅନ୍ତୁ । ବିକଶିତ ଭାରତ, ବିକଶିତ ଓଡ଼ିଶା ପାଇଁ ଆମକୁ ଶକ୍ତି ସଂଚୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ପଡ଼ିବ ଏବଂ ଭବିଷ୍ୟତପିଢ଼ିଙ୍କୁ ଏହି ଅଭ୍ୟାସରେ ବିନିଯୋଗ କରିବାକୁ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ । ଚଳିତ ବର୍ଷ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ଓଡିଶାର ପ୍ରତି ବ୍ଲକ ଓ ଜିଲ୍ଲା ସ୍ତରରେ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଶ୍ରେଷ୍ଠ ବିବେଚିତ ୩୦ ଜଣ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇଥିଲେ । ସାରା ରାଜ୍ୟର ସପ୍ତମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧,୫୦,୦୦୦ ପ୍ରତିଯୋଗୀ ଏହି କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଶ୍ରେଷ୍ଠ ବିବେଚିତ ୩ ଜଣ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୭୦୦୦, ୫୦୦୦ ଓ ୩୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କୁ ଦୃଷ୍ଟାନ୍ତମୂଳକ ଶକ୍ତି ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ମୁଖ୍ୟ ଯନ୍ତ୍ରୀ ନିଳାଞ୍ଚଳ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜଧାନୀରେ ଆପାର୍ଟମେଣ୍ଟ ଚୋରଙ୍କ ଭୟ, ୪ ଫ୍ଲାଟରୁ ଚୋରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ପୁଣି ମାତିଲେ ଲୁଟେରା । ଗୋଟିଏ ଆପାର୍ଟମେଣ୍ଟର ୪ ଟି ଫ୍ଲାଟରୁ ଚୋରି ହୋଇଛି । ପାହାଳ ନିକଟରେ ଥିବା ସିଟି ହୋମ ଆପାର୍ଟମେଣ୍ଟର ୪ଟି ଫ୍ଲାଟରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଛି । ୪ ଜଣ ଦୁର୍ବୃତ୍ତ ଆପାର୍ଟମେଣ୍ଟରେ ପଶିଥିବା ନେଇ ସିସିଟିଭିରେ ଦେଖିବାକୁ ମିଳୁଛି । ଗତ ୧୧ ତାରିଖରେ ଏନେଇ ପାହାଳ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରୁଛି ।

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସ୍ମରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ରାଜ୍ୟ ଯୁବ ବିଜ୍ଞାନ ମେଳା ଅନୁଷ୍ଠିତ

# ୨୦ ଜିଲ୍ଲାର ପ୍ରାୟ ଶହେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଉଦ୍ଦେଶ୍ୟରେ ଆଜି କଳିଙ୍ଗ ଷ୍ଟାଡିୟମ ପରିସରରେ ରାଜ୍ୟ ଯୁବ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏଥିରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ବରିଷ୍ଠ ବିଭାଗରେ ୩୯ଟି ଏବଂ ବିଦ୍ୟାଳୟ ସ୍ତରୀୟ କନିଷ୍ଠ ବିଭାଗରେ ୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି । ରାଜ୍ୟର ୨୦ଟି ଜିଲ୍ଲାର ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜର ଗବେଷଣାତ୍ମକ ପ୍ରକଳ୍ପ ଉପସ୍ଥାପନ କରିଥିଲେ । ଏହି ଅବସରରେ ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ସଠିକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଦିକ ଯୁଗରେ ମଧ୍ୟ ଅନିସନ୍ଧିତ୍ସୁ ମଣିଷ ଅନେକ ଉନ୍ନତ ମାନର ସାମଗ୍ରୀ ବ୍ୟବହାର କରିବାର ନଜିର ରହିଛି ଏବଂ ତାହା କେବଳ ଜାଣିବାର ଇଚ୍ଛାରୁ ସୃଷ୍ଟି ହୋଇଛି ବୋଲି ଶ୍ରୀ ପାତ୍ର କହିଥିଲେ । ଆଜିର ଯୁବପିଢ଼ି ନୂତନ ଗବେଷଣା ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ବିଜ୍ଞାନର ଅଭିବୃଦ୍ଧି ସହ ପ୍ରକୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ନିଜ ମନକୁ ନିୟନ୍ତ୍ରଣ କରିପାରିଲେ ସବୁକିଛି ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଉଭୟ ବିଭାଗର କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ବରିଷ୍ଠ ବିଭାଗରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସର ଶୁଭାଶିଷ ପୃଷ୍ଟି ପ୍ରଥମ, ଓୟୁଟିଆରର ରକ୍ଷିତ କୁମାର ମହାନ୍ତି ଦିତ୍ୱୀୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସିଦ୍ଧି ମୋହନ ପଟ୍ଟନାୟକ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ସେହିଭଳି କନିଷ୍ଠ ବିଭାଗରେ ରାୟଗଡାର ରମଣଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟର ଆୟୁଷ୍ମାନ ଚୌଧୁରୀ ପ୍ରଥମ, ମୟୁରଭଞ୍ଜ ରାଣୀଭୋଳ ଓଡିଶା ଆଦର୍ଶ ବିଦ୍ୟାଳୟର ଜ୍ୟୋତି ରଞ୍ଜନ ବାରିକ ଦ୍ୱିତୀୟ ଓ ପୋଖରୀପୁଟ ଡ଼ିଏଭି ପବ୍ଲିକ ସ୍କୁଲର ଶ୍ରେୟାନ ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ବିଚାରକ ମଣ୍ଡଳୀରେ ସାମିଲ ହୋଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସମସ୍ତ ଅଂଶଗ୍ରହଣ କାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡିଶା ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର ବିଭୁତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୋଆରେ ଆନ୍ତର୍ଜାତିକ ଫିଜିଓଥେରାପି ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ କେବଳ ଔଷଧ ବା ଅସ୍ତ୍ରୋପଚାର ନୁହେଁ ଫିଜିଓଥେରାପି ସେମାନଙ୍କୁ ସୁସ୍ଥ କରିବା ନିମନ୍ତେ ଏକ ବଡ଼ ମାଧ୍ୟମ ବୋଲି କହିଛନ୍ତି ଓଡ଼ିଶାର ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାସ । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ, ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପି (ଆଇଏପି) ଉତ୍କଳ ଶାଖା ଏବଂ ଆଇଏପିର ମହିଳା ଶାଖା ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଫିଜିଓଥେରାପି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ପ୍ରଫେସର ଦାସ । ଡାକ୍ତରୀ ଛାତ୍ରଛାତ୍ରୀମାନେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଫିଜିଓଥେରାପିର ଗୁରୁତ୍ୱ ଉପଲବ୍ଧ କରିବା ଉଚିତ୍ ବୋଲି ସେ କହିଛନ୍ତି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗ ଦେଇ ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ରୋଗୀ ସେବା କ୍ଷେତ୍ରରେ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛି ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ସମ୍ ହସ୍ପିଟାଲ୍‌ରେ ପ୍ରାୟ ୨୫୦ ଆଇସିୟୁ ଶଯ୍ୟା ରହିଥିବା ବେଳେ ଅନେକ ହୃଦରୋଗ ଓ ଜଟିଳ ସମସ୍ୟା ଥିବା ରୋଗୀଙ୍କୁ ସୁସ୍ଥ କରିବାରେ ସହାୟକ ହେଉଛି ଫିଜିଓଥେରାପି । କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପିର ଜାତୀୟ ସଭାପତି ଡକ୍ଟର ସଞ୍ଜୀବ୍ ଝା ଓ କୋଷାଧ୍ୟକ୍ଷ ତଥା ଆଇଏପି ମହିଳା ଶାଖାର ସଭାନେତ୍ରୀ ଡକ୍ଟର ରୁଚି ଭାର୍ସନେ ଉପସ୍ଥିତ ରହି ଫିଜିଓଥେରାପିଷ୍ଟଙ୍କର କାର୍ଯ୍ୟଧାରା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏହି ସମ୍ମିଳନୀର ଅଧ୍ୟକ୍ଷା ତଥା ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗର ମୁଖ୍ୟ ଡାକ୍ତର ସ୍ମିତିପ୍ରଜ୍ଞା ଦଳବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଶେଷରେ ଆଇଏପି ଉତ୍କଳ ଶାଖାର ସମ୍ପାଦକ ଭୁବନାନନ୍ଦ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ମାଲକାନଗିରି ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ବିଜେଡି ସ୍ୱରକୁ ଶାଣିତ କରିବ’



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲାଭରମ ପ୍ରକଳ୍ପକୁ ନେଇ ବିଜୁ ଜନତା ଦଳର ଯେଉଁ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀ ଯାଇ ବିଭିନ୍ନ କେନ୍ଦ୍ର ଅଧିକାରୀଙ୍କୁ ଭେଟିଥିଲେ, ସେଇ ପ୍ରତିନିଧି ମଣ୍ଡଳୀ ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ରିପୋର୍ଟ ପ୍ରଦାନ କରିଥିଲେ । ପୋଲାଭରମ ପ୍ରକଳ୍ପ ହେଲେ, ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଥିବା ବେଳେ, ବିଜୁ ଜନତା ଦଳ ମାଲକାନଗିରି ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ ବୋଲି ନବୀନ ପ୍ରତିନିଧି ଦଳର ସଦସ୍ୟ ମାନଙ୍କୁ କହିଥିଲେ । ବିଜେଡି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କ ଠାରୁ ଉତ୍ତର ଆସିବା ପରେ ବିଜେଡି ତାର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ । ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ନବୀନଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ସୁବାଶିଷ ଖୁଣ୍ଟିଆ, ମିଡ଼ିଆ ସଂଯୋଜକ ଡ଼ଃ ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝି, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ଇତ୍ୟାଦି ଉପସ୍ଥିତ ଥିଲେ । ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଛି । ବିଜେଡି ପ୍ରତିନିଧି ମଣ୍ଡଳୀ ଭେଟିଥିବା ଅଧିକାରୀ ମାନଙ୍କଠାରୁ ଉଠାଯାଇଥିବା ପ୍ରସଙ୍ଗ ଉପରେ ଉତ୍ତର ଆସିବା ପରେ ବିଜେଡି ତାର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ । ପରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମ ଆଗରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ ।

## ଶ୍ରୀ ନୃତ୍ୟୋତ୍ସବ ଉଦ୍‌ଘାଟିତ

# ଓଡ଼ିଶୀ ଏକକ, ଯୁଗଳ ନୃତ୍ୟରେ ଦର୍ଶକ ବିମୋହିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶୀ ନୃତ୍ୟ ଗୁରୁ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ଆୟୋଜିତ ଶ୍ରୀ ନୃତ୍ୟୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଦ୍ୱାରା ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି । ଏହି ନୃତ୍ୟ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବ । ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀକୁ ଲୋକଲୋଚନକୁ ଆଣିବା ଏବଂ ତାହାର ପ୍ରଚାର ଓ ପ୍ରସାର କରିବା । ଉଦ୍‌ଘାଟନୀ ସଂଧ୍ୟାର ଅତିଥି ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ମିନାକ୍ଷୀ ବେହେରା, ଶ୍ରୀ ଡ୍ୟାନ୍ସ ଏକାଡ଼େମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଶ୍ରୀ ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ନମିତା ରାୟ ପ୍ରମୁଖ ଯୋଗଦେଇଥିଲେ । ସଂଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଗୁରୁ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡ଼େମୀର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ । ସେମାନଙ୍କ ପ୍ରସ୍ତୁତିରେ ଥିଲା ବାଚସ୍ପତିପଲ୍ଲବୀ ଯାହା ରାଗ ବାଚସ୍ପତି ଓ ତାଳ ଯମନ୍ ଉପରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ରବି ଶଙ୍କର ପ୍ରଧାନ, ବାଦ୍ୟ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ନୃତ୍ୟ ସଂରଚନା ଗୁରୁ ନମିତା ରାୟ କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଏକକ ଓଡ଼ିଶୀ ନୃତ୍ୟ କବି ଜୟଦେବଙ୍କ ରଚନା ଗୀତଗୋବିନ୍ଦରୁ ଉଦ୍ଧୃତ ଅଭିନୟ ଯାହି ମାଧବ । ଯାହାକୁ ପରିବେଷଣ କରିଥିଲେ ସଙ୍ଗୀତା ଦାଶ । ପରେ ପରେ ପ୍ରସ୍ତୁତ ହୋଇଥିଲା ବିଶିଷ୍ଟ କଥକ ନୃତ୍ୟାଙ୍ଗନା ସର୍ମିଳା ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା କଥକ ଏକକ ନୃତ୍ୟ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ଦ୍ୱୈତ୍ୟ ନୃତ୍ୟ ସୂର୍ଯ୍ୟାଷ୍ଟକ ଯାହାକୁ ପରିବେଶଷ କରିଥିଲେ ଗୋକୁଳଶ୍ରୀ ଦାସ ଓ ରବି ଶଙ୍କର ମାଝୀ । ଉଦ୍‌ଘାଟନୀ ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଥିଲା ସୃଜନ ଅନୁଷ୍ଠାନର ଶିକ୍ଷୀମାନଙ୍କ ଦ୍ୱାରା ଓଡ଼ିଶୀ ଦଳଗତ ନୃତ୍ୟ ଦଶାବତାର ଯାହାର ସଙ୍ଗୀତ ସଂଯୋଜନା ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ ଓ ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିଲେ । କଥକ ନୃତ୍ୟ ସହିତ ଓଡ଼ିଶୀର ଏକକ, ଯୁଗଳ ଓ ଦଳଗତ ନୃତ୍ୟ ଶେଷ ପର୍ଯ୍ୟନ୍ତ ଦର୍ଶକ ବିକୋହିତ ହୋଇଥିଲେ । ଏହି କାର୍ଯ୍ୟକ୍ରମଟିକୁ ବିଶ୍ୱଜିତ୍ ବଳିଆରସିଂହ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଗୁରୁ ନମିତା ରାୟ ।





ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



# ସ୍କୁଟର୍‌ରେ ମଇଁଷି ବୁହା : ବିହାର ଗୋଖାଦ୍ୟ ଦୁର୍ନୀତି



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଗୋଖାଦ୍ୟ ଆସୁଥିଲା ମୃଦୁପାନୀୟ ଦୋକାନରୁ, ପଶୁଔଷଧ ଆସୁଥିଲା ମଣିଷ ଔଷଧ ଦୋକାନରୁ। ପରିବହନ ଖର୍ଚ୍ଚ ବାବଦରେ ଯେଉଁ ସବୁ ଟ୍ରକ୍ ଓ ଅନ୍ୟ ବଡ଼ଯାନର ପଞ୍ଜୀକୃତ ସଂଖ୍ୟା ସ୍କୁଟର ଓ ଅନ୍ୟ ଦୁଇଚକିଆ ଯାନର ଥିଲା। ଡୁରାଣ୍ଡା ପଶୁପାଳନ କେନ୍ଦ୍ର ପ୍ରଜନନ ପାଇଁ ହରିଆଣା ଓ ଦିଲ୍ଲୀରୁ ମଇଁଷି ଆଣିବା ପାଇଁ ଯେଉଁସବୁ ଟ୍ରକ୍ ବ୍ୟବହାର ହୋଇଥିଲା ସେସବୁର ନମ୍ବର ପ୍ରକୃତରେ ସ୍କୁଟର୍ ନମ୍ବର ଥିଲା। ଅର୍ଥାତ୍ ମଇଁଷି ସ୍କୁଟର୍‌ରେ ବୁହା ହୋଇଥିଲେ। ମଇଁଷି ଶିଙ୍ଗରେ ମାଲିସ୍ କରିବା ପାଇଁ ପନ୍ଦରଲକ୍ଷ ଟଙ୍କାର ସୋରିଷତେଲ କିଣାଯିବାର ବିଲ୍ ମଧ୍ୟ ଥିଲା। ଏହା ଭାରତୀୟ ମହାଲେଖାକାରଙ୍କ ସମୀକ୍ଷା ରିପୋର୍ଟର କିଛି ଅଂଶ। ଏପରି ବେନିୟମ କାମ ବର୍ଷବର୍ଷ ଧରି ଚାଲିଥିଲା। ୧୯୮୫ ମସିହାରେ ଭାରତର ତତ୍କାଳୀନ ମହାଲେଖାକାର ଟି ଏନ୍ ଚତୁର୍ବେଦୀ କେନ୍ଦ୍ରୀୟ ଅନୁଦାନର ସମୀକ୍ଷା କଲାବେଳେ ଦେଖିଲେ ଯେ ଏହି ବିଭାଗ ତା'ର ମାସିକ ଆର୍ଥିକ ରିପୋର୍ଟ ସବୁବେଳେ ଡେରିରେ ଦେଉଥିଲା ଏବଂ ସେଥିରେ ଅନେକ ଅନିୟମିତତା ତଥା ନକଲି ବିଲ୍ ମାଧ୍ୟମରେ ମିଛବ୍ୟୟ ଉଲ୍ଲେଖ କରାଯାଉଥିଲା। ଉପରସ୍ତରରେ ଅନୁମୋଦନକୁ ଆଡ଼େଇବା ପାଇଁ ବଡ଼ବଡ଼ ବ୍ୟୟପରିମାଣକୁ ଭାଙ୍ଗି ଦିଆଯାଉଥିଲା। ଏମିତି ଛୋଟଛୋଟ ବ୍ୟୟ ଦଶବର୍ଷ ପରେ ୯୫୦ କୋଟି ଟଙ୍କାରେ ପହଞ୍ଚିଥିଲା।

ଭଲ ହେଉ ବା ମନ୍ଦ : ଗୋଟିଏ କର୍ମ ଗୋଟିଏ ଦିନର କଥା ନୁହେଁ। ଏହା ଦୀର୍ଘଦିନର ଅଭ୍ୟାସ ଏବଂ ତାକୁ ରୂପ ଦେବାର ପ୍ରବୃତ୍ତି ଉପରେ ନିର୍ଭର କରେ। ଦୀର୍ଘ ଦେଢ଼ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ଗୋଖାଦ୍ୟ ଦୁର୍ନୀତି ସରକାରରେ ଥିବା ଉପରୁ ତଳ ପର୍ଯ୍ୟନ୍ତ ଲୋକଙ୍କର ଲୋଭ ଓ ଦୁର୍ନୀତିପ୍ରବଣତା ତଥା ସରକାରୀ କ୍ଷମତାର ଅପବ୍ୟବହାରର ଜ୍ୱଳନ୍ତ ଉଦାହରଣ। କେନ୍ଦ୍ର ଓ ରାଜ୍ୟରୁ ଯଥେଷ୍ଟ ଅର୍ଥ ସଂଗ୍ରହ ସତ୍ତ୍ୱେ ଗରିବ, ଅନୁନ୍ନତ ଏବଂ ଅଶିକ୍ଷିତ ରାଜ୍ୟ ବିହାରର ଅବସ୍ଥାରେ ଆଜି ବି ସେମିତି କିଛି ପରିବର୍ତ୍ତନ ନହେବାର କାରଣ ହେଉଛି ଦୁର୍ନୀତି।

ଜନତା ପାର୍ଟିର ବିଭାଜନ ପରେ ସୃଷ୍ଟି ହୋଇଥିବା କେତୋଟି ଛୋଟଦଳ ଭିତରେ ଅନ୍ୟତମ ଥିଲା ବିହାର ଲୋକ ଦଳ। ଦଳର ନେତା ଲାଲୁ ପ୍ରସାଦ ଯାଦବ ୧୯୮୦ ମସିହାରେ ସୋନପୁର ବିଧାନସଭା ଆସନରୁ ଟିକେଟ ପାଇ ଜିତିଲେ। ନିଜର ଭିନ୍ନ କଥାକୁହାର ଶୈଳୀ ଏବଂ ଦଳିତ ପଛୁଆବର୍ଗ ପାଇଁ ଲଢ଼ିବା ଦେଖାଇ ସେ ଖୁବ୍ ଲୋକପ୍ରିୟ ହୋଇଗଲେ। ପିଅନ ଚାକିରିରୁ ସାଂସଦ ଓ ବିଧାୟକ ହେବା ସତ୍ତ୍ୱେ ସେ ପାଟଣା ପଶୁପାଳନ ମହାବିଦ୍ୟାଳୟରେ ନିଜର ପୂର୍ବତନ ପିଅନସାଙ୍ଗମାନଙ୍କ ସହିତ ରହୁଥିଲେ। ସେଠାରେ ଥିବା ଯାଦବ ସମ୍ପ୍ରଦାୟର ଆର୍ କେ ରାଣା ଲାଲୁଙ୍କର ମହତାକାଂକ୍ଷା ଓ ଲୋକସମ୍ପର୍କର ଫାଇଦା ନେଇ ଲାଲୁଙ୍କୁ ପଶୁପାଳନ ବିଭାଗର ଦୁଇ ଅଧିକାରୀ ରାମରାଜ୍ ରାମ ଏବଂ ଶ୍ୟାମ ବିହାରୀ ସିହ୍ନାଙ୍କ ସହିତ ପରିଚିତ କରାଇ ଦେଲେ। ଏ ଦୁଇ ଅଧିକାରୀ ବିଭାଗରେ ବିଭିନ୍ନ ବେନିୟମ କାରବାରକୁ ଧରୁଥିଲେ କିନ୍ତୁ ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସଂପୃକ୍ତ କର୍ମଚାରୀଙ୍କ ଠାରୁ ଲାଞ୍ଚ ନେଇ ସେସବୁ ରଫାଦଫା କରୁଥିଲେ। ବିଭାଗୀୟ ପାଣ୍ଠିରୁ କୋଟିକୋଟି ଟଙ୍କା ବେନିୟମ ଭାବରେ ଉଠା ଯାଇ ଖର୍ଚ୍ଚ ହେବାରେ ପ୍ରତିବନ୍ଧକ ନ ଥିଲା। ।

ଦୁର୍ନୀତି କଥା ବାହାରକୁ ଆସିବା ପରେ ଦୁର୍ନୀତି ନିବାରଣ ବିଭାଗ ଅନୁସନ୍ଧାନ ଆରମ୍ଭ କଲେ। ଗୋଖାଦ୍ୟ ଏବଂ ଅନ୍ୟ ଜିନିଷକିଣାରେ ପ୍ରଚୁର ଅର୍ଥ ହେରଫେରର ସୂଚନା ଦିଆ ଯାଇଥିଲା। ଅଧିକୃତ ବିକ୍ରେତାଙ୍କ ଜାଗାରେ ଅନଧିକୃତ ବିକ୍ରେତାଙ୍କ ପାଖରୁ କ୍ରୟ କରାଯାଇଥିଲା ଏବଂ ବିଶେଷ କରି କମ୍ ମୂଲ୍ୟ ଜାଗାରେ ଅଧିକ ଦେୟ କରାଯାଇଥିଲା। ଅଧିକାରୀମାନେ ସାରା ରାଜ୍ୟରେ ନିଜ ବନ୍ଧୁବାନ୍ଧବଙ୍କ ନାଆଁରେ ଅଢେଇଶହରୁ ଅଧିକ ନକଲି ଯୋଗାଣକାରୀ ସଂସ୍ଥା ସୃଷ୍ଟି କରିଥିଲେ ଯେଉଁମାନଙ୍କର ଅସ୍ତିତ୍ୱ କେବଳ କାଗଜପତ୍ରରେ ଥିଲା। ନକଲି ବିଲ୍ ମାଧ୍ୟମରେ ଗୋଖାଦ୍ୟ, ଔଷଧ, ଯନ୍ତ୍ରପାତି, ଉପକରଣ କ୍ରୟ ସାଙ୍ଗକୁ ପରିବହନ ଖର୍ଚ୍ଚ ଦର୍ଶା ଯାଉଥିଲା। ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟରଙ୍କ ବିବି ଦ୍ୱିବେଦୀ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କଲେ। ସେଥିରେ ବିଭାଗର ଉପରିସ୍ଥ ଅଧିକାରୀଙ୍କ ମିଳିତ ଉଦ୍ୟମରେ ସଂଗଠିତ ଉପାୟରେ ଏକ ବଡ଼ ଦୁର୍ନୀତି ଏବଂ ସେଥିରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ସଂଶ୍ଳିଷ୍ଟ ଥିବାର ଉଲ୍ଲେଖ କରାଯାଇଥିଲା। ଆଶାନୁରୂପ ରିପୋର୍ଟକୁ ଶୀତଳ ଭଣ୍ଡାରରେ ରଖି ଦିଆଗଲା। ଦ୍ୱିବେଦୀଙ୍କୁ ପ୍ରଥମେ ବଦଳି କରାଗଲା ଓ ପରେ ବିଭିନ୍ନ ଅଭିଯୋଗରେ ନିଲମ୍ବିତ କରାଗଲା। କିନ୍ତୁ ସେତେବେଳକୁ ଗୋଖାଦ୍ୟ ଦୁର୍ନୀତି ଲୋକଲୋଚନକୁ ଆସି ସାରିଥିଲା।

ପଶୁପାଳନ ବିଭାଗର ଦୁର୍ନୀତି ବିରୋଧୀ ଦଳ ବିଧାନସଭାରେ ଉପସ୍ଥାପନ ପାଇଁ ପ୍ରସ୍ତାବ ରଖିଲା। ଏହା ଲାଲୁଙ୍କ ପାଇଁ ବିରାଡ଼ି କପାଳକୁ ସିକା ଛିଣ୍ଡିବା ପରି ଥିଲା। ୧୯୮୮ ମସିହାରେ ବିଶ୍ୱନାଥ ପ୍ରତାପ ସିଂହ ଯେତେବେଳେ ଜନତା ଦଳ ସୃଷ୍ଟି କଲେ, ସେତେବେଳେ କର୍ପୂରୀ ଠାକୁରଙ୍କ ମୃତ୍ୟୁ ପରେ ଲାଲୁ ଯାଦବ ବିରୋଧୀ ଦଳ ନେତା ହେଲେ। ଗୋଖାଦ୍ୟ କିଣବିକାରେ ହେରଫେର କରୁଥିବା ବିଭାଗୀୟ ଅଧିକାରୀ ତ ଆଗରୁ ପରିଚିତ ଥିଲେ। ତେଣୁ ସେମାନେ ଲାଲୁଙ୍କୁ ଉତ୍କୋଚ ଦେଇ ବିଧାନ ସଭାରେ ଘଟଣାର ଆଲୋଚନାକୁ ବନ୍ଦ କରିଦେଲେ। ଘଟଣା ଚପିଗଲା।

ଏହାପରେ ବିହାରରେ ନିର୍ବାଚନ ହେଲା। ନିର୍ବାଚନରେ ଜନତା ଦଳ ଜିତିଲା। ଦଳିତ ନେତା ରାମ ସୁନ୍ଦର ଦାସ ମୁଖ୍ୟମନ୍ତ୍ରୀ ହେବେ ବୋଲି ନିଷ୍ପତ୍ତି ନିଆଗଲା। ଏସ୍ ବି ସିହ୍ନା ଏବଂ ଆର୍ କେ ରାଣାଙ୍କ ପରି ଦୁର୍ନୀତିଗ୍ରସ୍ତ ଦୁଇ ଅଧିକାରୀଙ୍କ ପାଇଁ ଏହା ଭଲ ଖବର ନ ଥିଲା। ଠିକ୍ ତା' ପରଦିନ ସେମାନେ ଲାଲୁଙ୍କ

## ମୁଦ୍ରା କାହାଣୀ

ପାଖକୁ ପାଞ୍ଚଲକ୍ଷ ଟଙ୍କା ପଠାଇ ଦେଲେ। ବିଧାୟକମାନଙ୍କୁ ଟଙ୍କା ବଣ୍ଟା ହେଲା। ନିର୍ବାଚନରେ ଠିଆ ହୋଇ ନଥିବା ସତ୍ତ୍ୱେ ଲାଲୁ ମୁଖ୍ୟମନ୍ତ୍ରୀ ହେବାକୁ ଦାବି ଉପସ୍ଥାପନ କଲେ, ଟଙ୍କା ବାଣ୍ଟି ସଂଖ୍ୟାଗରିଷ୍ଠତା ହାସଲ କରି ମୁଖ୍ୟମନ୍ତ୍ରୀ ହେଲେ। ବିନା ବାଧାରେ ଦୁର୍ନୀତି ପାଇଁ ଅର୍ଥ ବିଭାଗ ସେ ନିଜ ହାତରେ ରଖିଲେ।

ଧୀରେଧୀରେ ତହବିଲ୍ ଖାଲି ହେବାକୁ ଲାଗିଲା। ରାଜ୍ୟରେ ଜରୁରୀ ସେବା, ସାଧାରଣ ଖର୍ଚ୍ଚ ଏବଂ ସରକାରଙ୍କର ବିଭିନ୍ନ ବିଭାଗରେ ଦରମା ଦେବାକୁ ଅର୍ଥ ନ ଥିଲା। ତେଣୁ ସରକାର ସବୁ ବିଭାଗ ଉପରେ ନଗଦଟଙ୍କା ଉଠାଣ ଉପରେ ପ୍ରତିବନ୍ଧ ଲଗେଇଲେ। ଆଶ୍ଚର୍ଯ୍ୟ କଥା ପ୍ରତିବନ୍ଧ ଲାଗିଲାନି କେବଳ ପଶୁପାଳନ ବିଭାଗ ଉପରେ। ଏହାପରେ ୧୯୯୩ ମସିହା ନଭମ୍ବର ମାସ ୧୬ ତାରିଖରେ ଭାରତର ମହାଲେଖାକାର ପଶୁପାଳନ ବିଭାଗ ଦ୍ୱାରା ଉଠାଣ ଅର୍ଥର ଏକ ସମୀକ୍ଷା ରିପୋର୍ଟ ପ୍ରଦାନ କଲେ। ଏଥିରେ ଖର୍ଚ୍ଚ ଓ ଅନିୟମିତତାର ସଂପୂର୍ଣ୍ଣ ବିବରଣୀ ଲେଖା ଥିଲା। ୧୯୮୮-୮୯ ଆର୍ଥିକ ବର୍ଷ ଠାରୁ ୧୯୯୪-୯୫ ପର୍ଯ୍ୟନ୍ତ ବ୍ୟୟ ଅଟକଳ ଠାରୁ କେତେ ଗୁଣ ଅଧିକ ଅର୍ଥ ଉଠା ଯାଇଥିଲା। ଯେଉଁ ବାବଦରେ ଯେତିକି ଟଙ୍କା ବ୍ୟୟ ବରାଦ ହୋଇଥିଲା ପ୍ରାୟ ସବୁକ୍ଷେତ୍ରରେ ପ୍ରକୃତ ଖର୍ଚ୍ଚ ଶହେ ଗୁଣରୁ ଅଧିକ ଥିଲା। ବିଭାଗୀୟ ଖର୍ଚ୍ଚବରାଦ ସରିଯିବା ପରେ ସେମାନେ ନକଲି ବରାଦ ବିଲ୍ ମାଧ୍ୟମରେ ବିଭାଗ ପାଇଁ ଅଧିକ ଅର୍ଥ ସଂଗ୍ରହ କରି ଖର୍ଚ୍ଚ କଲେ। ଖର୍ଚ୍ଚ ବରାଦ । ଏସବୁ ପଛରେ ଏସ୍ ବି ସିହ୍ନା ଥିଲେ। ସବୁ କାମ ସୁରୁଖୁରୁରେ ହେବା ପାଇଁ ସେ ଉପରିସ୍ଥ ଅଧିକାରୀଙ୍କ ଠାରୁ ତଳ ପିଅନ ପର୍ଯ୍ୟନ୍ତ ନିଜଲୋକଙ୍କୁ ରଖିଥିଲେ। ଏପରିକି ଆୟକର ଧରପଗଡ଼ ନ ହେବା ପାଇଁ ନିଜ ପସନ୍ଦର ଆୟକର ଅଧିକାରୀଙ୍କୁ ସେ ସେଠାରେ ନିଯୁକ୍ତ କରାଇଥିଲେ।

ଏସବୁ ଯେ ରାଜ୍ୟର ବଡ଼ ଅଧିକାରୀଙ୍କ ନଜରକୁ ଆସି ନ ଥିଲା ସେ କଥା ନୁହେଁ। ଯିଏ ଧରିଲା ସିଏ ସେ ପ୍ରକ୍ରିୟାର ଅଂଶ ହେଲା। ଡିଭିଜନାଲ୍ କମିଶନର୍ ଏସ୍ ଏନ୍ ଦୁବେ ଏହାକୁ ଧରିଥିଲେ। ତାଙ୍କୁ ପୁରା ପ୍ରକ୍ରିୟାର ୫% ଲାଞ୍ଚ ଦିଆଯିବାର ବ୍ୟବସ୍ଥା କରାଯାଇ ପ୍ରକ୍ରିୟାର ଅଂଶ କରି ଦିଆଗଲା। ପଶୁପାଳନ ଆଞ୍ଚଳିକ ନିର୍ଦ୍ଦେଶକ ଓମ୍ ପ୍ରକାଶ ଦିବାକର ନିଜର ସମସ୍ତ ଅଧସ୍ତନଙ୍କ ନାମରେ ନକଲି ବିଲ୍ ସଂଗ୍ରହ କରି ସେସବୁକୁ ଏକାଠି କରି ପରକୁ ପର ଅର୍ଥ ଉଠାଉଥିଲେ। ପ୍ରତି ବିଲ୍‌ର ୨୦ ଭାଗ ନକଲି ଯୋଗାଣକାରୀ ସଂସ୍ଥା ରଖି ୮୦ ଭାଗ ଫେରାଉ ଥିଲା ଯାହା ଅଧିକାରୀଙ୍କ ଭିତରେ ନିର୍ଦ୍ଧାରିତ ଭାଗରେ ବଣ୍ଟା ଯାଉଥିଲା। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର, ମୁଖ୍ୟମନ୍ତ୍ରୀ ଲାଲୁ ଯାଦବ, ଉପ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ସାମିଲ ଥିବାର ଖବର ଆସିଲା।

ଏସ୍ ବି ସିହ୍ନାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଗିରଫ କରିବା ପରେ ସେ ଆର୍ କେ ରାଣା ସଂଯୋଜକର କାମ କରୁଥିଲେ ବୋଲି କହିଲେ। ଅଧିକାରୀମାନେ ଲୋକଙ୍କ ଟଙ୍କାରେ ବଡ଼ବଡ଼ ହୋଟେଲରେ ଅୟସ କରୁଥିଲେ ଏବଂ ଟଙ୍କା ନେଇ ଦିଲ୍ଲୀରେ ଲାଲୁଙ୍କୁ ଦେଉଥିଲେ। ଲାଲୁଙ୍କ ପିଲାଙ୍କର ପଠାପଢ଼ା ଖର୍ଚ୍ଚ ଏହି ଅଧିକାରୀମାନେ ଅଭିଭାବକ ସାଜି ପଶୁପାଳନ ବିଭାଗ ପାଣ୍ଠିରୁ ପ୍ରଦାନ କରିଥିଲେ। ୧୯୯୫ ମସିହାରେ ଓମ୍ ପ୍ରକାଶ ଦିବାକର ଦେଢ଼କୋଟି ଟଙ୍କା ଶାସକ ଦଳର ଲୋକଙ୍କୁ ଦେଇଥିଲେ ନିର୍ବାଚନ ଖର୍ଚ୍ଚ ପାଇଁ। କେବଳ ମୁଖ୍ୟମନ୍ତ୍ରୀ ବା ସରକାରୀ ଅଧିକାରୀ ଏଥିରେ ସାମିଲ ନଥିଲେ। ବ୍ୟୟ ବରାଦ ଏବଂ ସଠିକ ଖର୍ଚ୍ଚ ଦେଖିବା ଦାୟିତ୍ୱରେ ଥିବା ପବ୍ଲିକ୍ ଏକାଉଣ୍ଟସ୍ କମିଟିର ଅଧ୍ୟକ୍ଷ ବିରୋଧୀ ଭାରତୀୟ ଜନତା ପାର୍ଟିର ନେତା ଧ୍ରୁବ ଭଗତ ଓ ଜାତୀୟ କଂଗ୍ରେସ ଦଳର ନେତା ଜଗଦୀଶ ଶର୍ମାଙ୍କ ନାମ ମଧ୍ୟ ଦୁର୍ନୀତିରେ ଅନ୍ତର୍ଭୁକ୍ତ ଥିଲା।

ସତରବର୍ଷ ଧରି ଷାଠିଏରୁ ଅଧିକ ମାମଲାର ଶୁଣାଣି ପରେ ଗୋଖାଦ୍ୟ ଦୁର୍ନୀତି ମାମଲାର ରାୟ ୨୦୧୩ ମସିହା ସେପ୍ଟେମ୍ବର ମାସ ୩୦ ତାରିଖରେ ପ୍ରକାଶ ପାଇଥିଲା। ମାମଲା ଚାଲିବା ଭିତରେ ଅନେକ ଲୋକଙ୍କର ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଥିଲା। ଲାଲୁ ଯାଦବଙ୍କୁ ପାଞ୍ଚ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଗଲା ଏବଂ ସାଂସଦ ପଦରୁ ସତର ବର୍ଷ ପାଇଁ ବାସନ୍ଦ କରାଗଲା। ସେ କାରାଗାରକୁ ନଯାଇ ପାଟଣା ପଶୁପାଳନ ମହାବିଦ୍ୟାଳୟର ଅତିଥି ଭବନରେ ରାଜକୀୟ ଠାଣିରେ ରହିଥିଲେ। ଅଭିଯୋଗ ଆସିବା ପରେ ତାଙ୍କୁ ଜେଲ୍ ପଠାଗଲା। ଦୁର୍ନୀତିର ଗଭୀରତା ଓ ବ୍ୟାପ୍ତି ତୁଳନାରେ ଦଣ୍ଡ କିଛି ନୁହେଁ। ଲାଲୁ ଯାଦବ ସିନା ମୁଖ୍ୟମନ୍ତ୍ରୀ ହୋଇ ପାରିଲେନି। ହେଲେ ନିଜର ଅଶିକ୍ଷିତା ସ୍ତ୍ରୀ ରାବିଡ଼ି ଦେବୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇ କାରାଗାରରୁ ରାଜ୍ୟ ଶାସନ କଲେ। ଭାରତର ଇତିହାସରେ ବିହାର ଗୋଖାଦ୍ୟ ଦୁର୍ନୀତି କଳା ଅକ୍ଷରରେ ଲିପିବଦ୍ଧ।

# ସ୍ଥାୟୀ ଭବିଷ୍ୟତ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଜରୁରି



ମାନସ କୁମାର କର
କୋଟାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଭାରତରେ ଜନସଂଖ୍ୟା ବୃଦ୍ଧି ଏକ ଗୁରୁତର ସମସ୍ୟା ପାଲଟିଛି। ପ୍ରାୟ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ଆଜି ହେଉଛି ବିଶ୍ୱର ସବୁଠାରୁ ଜନସଂଖ୍ୟା ବିଶିଷ୍ଟ ଦେଶ। ଏହା ହେଉଛି ବିଶ୍ୱର ମୋଟ ଜନସଂଖ୍ୟାର ୧୭.୭୬%। ଏହି ଅଭିବୃଦ୍ଧିଶୀଳ ଜନସଂଖ୍ୟା ଦେଶର ସମ୍ବଳ, ପରିବେଶ ଏବଂ ସାମାଜିକ ଗଠନ ଉପରେ ଗଭୀର ପ୍ରଭାବ ପକାଇଛି। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଯଦି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଏହାର ପରିଣାମ ଗମ୍ଭୀର ହୋଇପାରେ। ଭାରତରେ ଜନସଂଖ୍ୟା ବୃଦ୍ଧି ଦେଶର ପ୍ରାକୃତିକ ସମ୍ପଦ ଉପରେ ସିଧାସଳଖ ପ୍ରଭାବ ପକାଉଛି। ଖାଦ୍ୟ ଉତ୍ପାଦନ, ଜଳ, ବିଦ୍ୟୁତ୍ ଏବଂ ଇନ୍ଧନ ପରି ଉତ୍ସଗୁଡ଼ିକ ସୀମିତ ଏବଂ ସେମାନଙ୍କର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି।

ଉଦାହରଣ ସ୍ୱରୂପ, ଗତ ୨୦ବର୍ଷ ମଧ୍ୟରେ ହାରାହାରି ଭାରତୀୟ ପରିବାରର ବିଦ୍ୟୁତ୍ ବ୍ୟବହାର ଦଶଗୁଣ ବୃଦ୍ଧି ପାଇଛି।

ପ୍ରତ୍ୟେକ ନବଜାତ ଶିଶୁ ଖାଦ୍ୟ, ଜଳ, ଗୃହ, ଶିକ୍ଷା ଏବଂ ପରିବହନ ପରି ସମ୍ବଳ ପାଇଁ ଏକ ବଡ଼ ଚାହିଦା ଆଣିଥାଏ। ପୃଥିବୀରେ ସମ୍ବଳ ସୀମିତ ଅଟେ। ବୈଜ୍ଞାନିକ ମାନେ ଅନୁମାନ କରନ୍ତି ଯେ ଯଦି ପ୍ରତ୍ୟେକ ବ୍ୟକ୍ତି ଆମେରିକାର ସାଧାରଣ ନାଗରିକଙ୍କ ପରି ଯେତିକି ସମ୍ବଳ ବ୍ୟବହାର କରନ୍ତି, ତେବେ ଆମକୁ ୧୭ଟା ପୃଥିବୀ ଆବଶ୍ୟକ ହେବ। ବର୍ତ୍ତମାନ ପରିସ୍ଥିତିରେ ମଧ୍ୟ ପୃଥିବୀର ଉତ୍ସ ଏତେ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ପ୍ରତ୍ୟେକ ନୂତନ ଶିଶୁ ଜନ୍ମ ହେବା ମାତ୍ରେ ୫୦ଟି ଗଛ କଟାଯାଉଛି, ଯାହାଦ୍ୱାରା ପ୍ରତେକ ପ୍ରଜାତିର ଜୀବ ବିଲୁପ୍ତ ହେବାକୁ ଯାଉଛନ୍ତି ଏବଂ ନଦୀଗୁଡ଼ିକ ଶୁଖି ଯାଉଛି। ଜନସଂଖ୍ୟା ବୃଦ୍ଧି ହେତୁ ଦେଶରେ ବେକାରୀ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି।




ଯେତେବେଳେ ଲୋକଙ୍କ ସଂଖ୍ୟା ଅଧିକ ହୋଇଥାଏ, ସେତେବେଳେ ରୋଜଗାରର ସୁଯୋଗ ଏତେ ଶୀଘ୍ର ବଢ଼ିପାରେ ନାହିଁ। ଏହା ଯୁବକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଥାଏ। ଭାରତରେ ହାରାହାରି ବୟସ ହ୍ରାସ ପାଉଛି, ଯାହାର ଅର୍ଥ ହେଉଛି ଦେଶର ଅଧିକାଂଶ ଜନସଂଖ୍ୟା ଯୁବକ। ରୋଜଗାର ଏବଂ ସମ୍ବଳ ଅଭାବରୁ ଏହି ଯୁବକମାନେ ଆର୍ଥିକ ଏବଂ ସାମାଜିକ ଚାପ ଅନୁଭବ କରନ୍ତି। ଲୁଚି ରହିଥିବା ବେକାରୀ ମଧ୍ୟ ଭାରତରେ ଏକ ବଡ଼ ସମସ୍ୟା। ଅନେକ ଲୋକ ରୋଜଗାର କରିବାରେ ଅସମର୍ଥ କିମ୍ବା ଚାକିରୀକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତି ନାହିଁ। କାରଣ ସେମାନଙ୍କର ପିତାମାତା ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଜଳବାୟୁ ପରିବର୍ତ୍ତନ ଜନସଂଖ୍ୟା ବୃଦ୍ଧି ସହିତ ଜଡିତ।

ଜନସଂଖ୍ୟା ବୃଦ୍ଧି ହେତୁ କୋଇଲା, ତୈଳ ଏବଂ ଗ୍ୟାସ୍ ପରି ପ୍ରାକୃତିକ ସମ୍ପଦ ଅତ୍ୟଧିକ ବ୍ୟବହୃତ ହେଉଛି। ଏହି ଉତ୍ସଗୁଡିକ କେବଳ ସୀମିତ ନୁହେଁ, ଏହାକୁ ଜଳାଇବା ଦ୍ୱାରା ବାୟୁମଣ୍ଡଳରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ମଧ୍ୟ ବଢ଼ିଥାଏ, ଯାହା ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ସମସ୍ୟାକୁ ଆହୁରି ଖରାପ କରିଥାଏ। ଜନସଂଖ୍ୟା ବୃଦ୍ଧି ହେତୁ ଚାଷ ଜମି ପାଇଁ ଜଙ୍ଗଲ କଟାଯାଉଛି। ଏହା ଏକ ସବୁଠୁ ବଡ଼ ସମସ୍ୟା।

ଯେତେବେଳେ ଜଙ୍ଗଲ କଟାଯାଏ, ଅନେକ ପ୍ରଜାତିର ଜୀବ ଏବଂ ଉଦ୍ଭିଦ ବିଲୁପ୍ତ ହୁଅନ୍ତି। ଜନସଂଖ୍ୟା ବୃଦ୍ଧି ପ୍ରାୟତଃ ଏକ ବ୍ୟକ୍ତିଗତ ନିଷ୍ପତ୍ତି ଭାବରେ ବିବେଚନା କରାଯାଏ, କିନ୍ତୁ ଏହା ସମାଜ, ଦେଶ ଏବଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରେ। ପ୍ରତ୍ୟେକ ଶିଶୁର ଜନ୍ମ ସହିତ ରାସ୍ତା, ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ଚାହିଦା ବଢ଼ି ଥାଏ। ପିଲାଟିର ଜନ୍ମ କେବଳ ପିତାମାତାଙ୍କର ବ୍ୟକ୍ତିଗତ ବିଷୟ ବୋଲି କହିବା ଭୁଲ ହେବ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାର ଏକ ଦୃଢ ଆଇନ ପ୍ରସ୍ତୁତ କରିବା ଉଚିତ୍। ସ୍ୱଚ୍ଛତା ଏବଂ ସ୍ୱଚ୍ଛ ଉଦ୍ଦେଶ୍ୟ ସହିତ ଏହି ନିୟମ କାର୍ଯ୍ୟକାରୀ କରାଯିବା ଉଚିତ୍। ଜନସଂଖ୍ୟା ବୃଦ୍ଧିର ସାମାଜିକ ଏବଂ ଅର୍ଥନୈତିକ ପରିଣାମ ବିଷୟରେ ଲୋକଙ୍କୁ ଶିକ୍ଷା ଦେବା ଜରୁରି ଅଟେ। ଧାର୍ମିକ ତଥା ସାଂସ୍କୃତିକ ବିଶ୍ୱାସ ଆଧାରରେ ଜନସଂଖ୍ୟାକୁ 'ଭଗବାନଙ୍କ ଠାରୁ ଉପହାର' ଭାବରେ ବିବେଚନା କରିବାର ପ୍ରବୃତ୍ତି ବନ୍ଦ ହେବା ଆବଶ୍ୟକ। ଜନସଂଖ୍ୟା ବୃଦ୍ଧି କେବଳ ଭାରତ ପାଇଁ ଆର୍ଥିକ କିମ୍ବା ସାମାଜିକ ସମସ୍ୟା ନୁହେଁ, ଏହା ବିଶ୍ୱ ସଙ୍କଟର ଏକ ଅଂଶ।

ଯଦି ଏହାକୁ ତୁରନ୍ତ ନିୟନ୍ତ୍ରଣ କରାନଯାଏ , ତେବେ ଏହାର ପ୍ରଭାବ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଦେଖାଯିବ। ଏହି ସମସ୍ୟାକୁ ବୁଝିବା ଏବଂ ସମାଧାନ ଖୋଜିବାରେ ନିଜର ଭୂମିକା ଗ୍ରହଣ କରିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଅଟେ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କଠୋର ନିୟମ, ସଚେତନତା ଅଭିଯାନ ଏବଂ ସାମାଜିକ ସମର୍ଥନ ହେଉଛି ସମୟର ଆବଶ୍ୟକତା। ଜନସଂଖ୍ୟା ବୃଦ୍ଧି କେବଳ ମଣିଷ ନୁହେଁ ପରିବେଶ, ପ୍ରାଣୀ ଏବଂ ପୃଥିବୀର ପ୍ରତ୍ୟେକ ଉତ୍ସ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ତେଣୁ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଧ୍ୟାନ ଦେବା ଜରୁରି ଅଟେ।

# ସଂସଦରେ ଅଚଳାବସ୍ଥା



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଏଥିରେ ଦ୍ୱିମତ ନାହିଁ ଯେ, ପାର୍ଲାମେଣ୍ଟ ହେଉ ବା ବିଧାନସଭା ହେଉ, ଆଲୋଚନାରେ ଅଚଳାବସ୍ଥା, ବିଶୃଙ୍ଖଳା, ହଟ୍ଟଗୋଳ ଏବଂ ବାରମ୍ବାର ମୁଲତବୀ ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଗଲାଣି। ମାତ୍ର ଏଥିପ୍ରତି ସରକାର, ଶାସକଦଳ କିମ୍ବା ବିରୋଧୀ ଦଳ ଚିନ୍ତିତ, ଉଦ୍‌ବିଗ୍ନ ନୁହଁନ୍ତି, ଏହା ସ୍ପଷ୍ଟ ଅନୁମେୟ। ଏବେ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ତୃତୀୟ ସପ୍ତାହରେ ପ୍ରକାଶ କରିଥିବା ସତ୍ତ୍ୱେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଉଭୟ ଲୋକସଭା ଓ ରାଜ୍ୟସଭାରେ ଅଚଳାବସ୍ଥା ଲାଗି ରହିଛି। ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ଦେଶର ଖ୍ୟାତନାମା ଶିଳ୍ପପତି ଗୌତମ ଆଦାନୀ ଏବଂ ତାଙ୍କ କମ୍ପାନୀ ଭର୍ତ୍ସିତ ହେବା ଘଟଣା ଉପରେ ଗୃହରେ ଆଲୋଚନା ପାଇଁ ବିରୋଧୀଦଳ କିଛି ଆସୁଥିବାବେଳେ ସରକାର ଏଥିପାଇଁ ଅନୁମତି ଦେଉନାହାଁନ୍ତି। ପରିଣତି ସ୍ୱରୂପ ବିରୋଧୀ ଦଳ ଗୃହର ମଧ୍ୟଭାଗକୁ ପଶି ଆସି ହଟ୍ଟଗୋଳ କରିବା ଫଳରେ ଅଚଳାବସ୍ଥା ଲାଗି ରହିଛି। ସେହିପରି ବିରୋଧି କଂଗ୍ରେସକୁ ମୁକାବିଲା କରିବା ପାଇଁ ଆମେରିକାର ବିଶିଷ୍ଟ ବ୍ୟବସାୟୀ ଜର୍ଜ ସୋରୋସଙ୍କ ସହ ସୋନିଆ ଗାନ୍ଧୀଙ୍କ ସମ୍ପର୍କ ପ୍ରସଙ୍ଗ ଜଣାଉଛି। ସୋରେସ ଭାରତ ବିରୋଧୀ ସଂଗଠନ ଗୁଡିକୁ ପାଣ୍ଠି ସହାୟତା ଯୋଗାଉଥିବା ବିଜେପି ଅଭିଯୋଗ କରିଛି। ରାଜ୍ୟସଭାରେ ମଧ୍ୟ ଅନୁରୂପ ଅବସ୍ଥା ଲାଗି ରହିଛି। ରାଜ୍ୟସଭାର ଅଧ୍ୟକ୍ଷ ପକ୍ଷପାତିତା କରୁଥିବା ଅଭିଯୋଗରେ ବିରୋଧୀ ଦଳ ତାଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବା ଆଉ ଏକ ଉଲ୍ଲେଖନୀୟ ଘଟଣା। ଭାରତୀୟ ସଂସଦୀୟ ଇତିହାସରେ ଗୃହର ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ ହେବା ପ୍ରଥମ ଘଟଣା ବୋଲି କୁହାଯାଏ। ଏହା ନିଃସନ୍ଦେହ ଯେ, ଗୃହର ସୁପରିଚାଳନା କ୍ଷେତ୍ରରେ ବାଚସ୍ପତି ଏବଂ ଅଧ୍ୟକ୍ଷଙ୍କ ଭୂମିକା କିଛି କମ୍ ନୁହେଁ। ଗୃହର ଅଧ୍ୟକ୍ଷ ଭାବେ ସେମାନେ ନିର୍ଦ୍ଦଳୀୟ ବା ନିଷ୍ପକ୍ଷ ଭୂମିକା ନିର୍ବାହ କରିବା ନେଇ ସମ୍ବିଧାନର ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏଥିରେ ବ୍ୟତିକ୍ରମ ଘଟୁଥିବା ପରିଲକ୍ଷିତ ହୁଏ। ଯାହାର ପରିଣତ ବିରୋଧୀ ଦଳ ଗୃହରେ ପ୍ରତିବାଦ ପୂର୍ବକ ହଟ୍ଟଗୋଳ କରିଥାଏ। ସେହିପରି ଗୃହର ସୁପରିଚାଳନା କ୍ଷେତ୍ରରେ ବିରୋଧୀ ଦଳର ଭୂମିକା ଯେତିକି ରହିଛି, ସରକାରୀ ଦଳର ଭୂମିକା ମଧ୍ୟ କିଛି କମ୍ ନୁହେଁ। ଶୃଙ୍ଖଳିତ ଅଧିବେଶନ ପାଇଁ ବିରୋଧୀ ଦଳର ସହଯୋଗ ଲୋଡିବା ପରିବର୍ତ୍ତେ ଶାସନ ଦଳର ମୁକାବିଲା ମନୋଭାବ ପରିସ୍ଥିତିକୁ ଅଣାୟତ୍ତ କରି ଶାସକ ଦଳର ମୁକାବିଲା ମନୋଭାବ ପରିସ୍ଥିତିକୁ ଅଣାୟତ କରି ଦେଉଛି ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ପାର୍ଲାମେଣ୍ଟ ହେଉ ବା ବିଧାନସଭା ହେଉ, ହେଉଛି ଆଲୋଚନାର କ୍ଷେତ୍ର। ମୁକାବିଲାର କ୍ଷେତ୍ର ନୁହେଁ। ଅଧିବେଶନ ସମୟରେ ଦେଶବାସୀ ସେମାନଙ୍କର ପ୍ରତିନିଧିଙ୍କ ଠାରୁ ବହୁତ କିଛି ଆଶା କରିଥାନ୍ତି। ମାତ୍ର ଗୃହରେ ଅଚଳାବସ୍ଥା ସେମାନଙ୍କୁ ନିରାଶା କରୁଛି। କେବଳ ଏତିକି ନୁହେଁ, ହଟ୍ଟଗୋଳ, ବିଶୃଙ୍ଖଳା ଯୋଗୁଁ ଅଧିବେଶନର ଅବଧି ମଧ୍ୟ କମି କମି ଯାଉଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ତଥା ଅବଧି ପୂର୍ବରୁ ଅଧିବେଶନ ଶେଷ ହେବା ଏବେ ଏକ ପରମ୍ପରାରେ ପରିଣତ ହୋଇଛି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ଦେଶ ସ୍ୱାଧୀନତା ପରେ ୧୯୫୨-୫୭ ପ୍ରଥମ ଲୋକସଭାରେ ସବାଧିକ ୬୭୭ ବୈଠକ (ସିଟିଂ) ଅନୁଷ୍ଠିତ ହୋଇଥିବାବେଳେ ଏବେ ଏହା ଏକ ତୃତୀୟାଂଶକୁ ହ୍ରାସ ପାଇଛି। ଗଲା ସପ୍ତାଦଶ ଲୋକସଭାରେ ମାତ୍ର ୨୭୨ଦିନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ହଟ୍ଟଗୋଳ ଯୋଗୁଁ ଗୋଟିଏ ଗୋଟିଏ ଅଧିବେଶନ ସମ୍ପୂର୍ଣ୍ଣ ଧୋଇ ଯାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଚଳିତ ଅଧିବେଶନ। ଉଲ୍ଲେଖ କରାଯାଇପାରେ ଯେ, ଗଣତନ୍ତ୍ରର ପବିତ୍ର ମନ୍ଦିର ପାର୍ଲାମେଣ୍ଟର ଅଧିବେଶନ ସମୟରେ ପ୍ରତି ଘଣ୍ଟା ପାଇଁ ୨୫୦୦ ଟଙ୍କା ରାଜକୋଷରୁ ବ୍ୟୟ ହେଉଛି। ମାତ୍ର ହଟ୍ଟଗୋଳ ଯୋଗୁଁ ଗୃହର ବହୁ ମୂଲ୍ୟବାନ ସମୟ ନଷ୍ଟ ହେବା ଯୋଗୁଁ କରଦାତାଙ୍କ ଅର୍ଥରେ ସମୃଦ୍ଧ ରାଜକୋଷରୁ ଶହ ଶହ କୋଟି ଟଙ୍କା ପାଣିରେ ପଡ଼ିବା ସାର ହେଉଛି। କେବଳ ଅର୍ଥ ଅପବ୍ୟୟ ନୁହେଁ, ଲୋକପ୍ରତିନିଧିଙ୍କ ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ହ୍ରାସ ପାଇବାରେ ଲାଗିଥିବା ମନେହୁଏ। ଅନେକ ସମୟରେ ବିରୋଧୀ ଦଳର ଅନୁପସ୍ଥିତି କିମ୍ବା ହୋହାଲା ମଧ୍ୟରେ ଅତ୍ୟନ୍ତ ତରବରିଆ ଭାବେ ବିନା ଆଲୋଚନାରେ ସଂଖ୍ୟାବଳରେ ବିଲ୍ ଗୃହୀତ ହେବା ତଥା ନୂତନ ଆଇନ ଅନୁମୋଦିତ ହେବା ବହୁ ନଜିର୍ ରହିଛି। ଚଳିତ ଲୋକସଭା ଅଧିବେଶନର ପନ୍ଦରଟି କାର୍ଯ୍ୟ ଦିବସ ଧୋଇ ହୋଇଗଲାଣି। ଦେଶ ଆଗରେ ବହୁ ସମସ୍ୟା ରହିଛି। ବିଶେଷ କରି ମୁଦ୍ରାସ୍ଫୀତି ବୃଦ୍ଧି, ଅଭିବୃଦ୍ଧି ହ୍ରାସ ଅର୍ଥନୀତି ପ୍ରତି ଗୁରୁତ୍ୱର ଚ୍ୟାଲେଞ୍ଜ ସୃଷ୍ଟି କରିବାକୁ ଯାଉଛି। ଆହୁରି ମଧ୍ୟ ଆଦାନୀଙ୍କୁ ଭର୍ତ୍ସନା ଅଭିବୃଦ୍ଧି ପ୍ରତି ଏକ ଚ୍ୟାଲେଞ୍ଜ ହୋଇଥିବାବେଳେ, ମଣିପୁର ସଂକଟରେ କେନ୍ଦ୍ରର ଭୂମିକା, ଉପାସନା ପୀଠ ଆଇନ, ଦିଲ୍ଲୀ-ଢାକା ଆଲୋଚନା ଉପରେ ଗୃହରେ ବିତର୍କ ହେବାର ଆବଶ୍ୟକତା ରହିଛି। ସଂସଦରେ ଅଚଳାବସ୍ଥା ଦେଶ ଓ ଦେଶର ସ୍ୱାର୍ଥ ପାଇଁ ଅତ୍ୟନ୍ତ କ୍ଷତିକାରକ, ଏହା ସରକାର ଓ ଲୋକପ୍ରତିନିଧିମାନେ ଭୁଲିଯିବା ଉଚିତ୍ ନୁହେଁ।

# ସମ୍ପର୍କର ସାଥୀ ଚା'



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଅଧିକାଂଶ ଭାରତୀୟଙ୍କୁ ଚା' ପିଇବା ଖୁବ୍ ପସନ୍ଦ। ବ୍ୟସ୍ତ ବହୁଳ ଜୀବନ ଭିତରେ ସକାଳୁ ଏବଂ ସନ୍ଧ୍ୟା ସମୟରେ ଅଧିକାଂଶ ଚା' କିମ୍ବା କଫି ପିଇଥାନ୍ତି। ଶୀତୁଆ ସକାଳ ଠାରୁ ଆରମ୍ଭ କରି ବିଳମ୍ବିତ ରାତିରେ ଅଫିସ କାମ ଆଦି ସବୁ ପରିସ୍ଥିତିରେ ନିବିଡ ବନ୍ଧୁତା କାମ କରେ ଚା'। ଚା' ଅଭ୍ୟାସ ଊଣା ଅଧିକେ ସମସ୍ତଙ୍କର। ସକାଳର ଚା' ବିନା କେତେକଙ୍କର ନିଦ ଛାଡେ ନାହିଁ। ଚା' ବିନା ଅନେକଙ୍କର ବି ଦିନ ଆରମ୍ଭ ହୁଏ ନାହିଁ। ଅତୀତରେ ଚା' ସମ୍ଭ୍ରାନ୍ତ ପରିବାରର ପାନୀୟ ଥିଲା। ଏସବୁ ପରିବାରର ବିଳାସପ୍ରିୟ ଲୋକମାନେ ମୂଲ୍ୟବାନ୍ ଟ୍ରେ ଉପରେ ପୋର୍ସଲିନ୍ ଓ ଚାନ୍ଦିର କପ୍‌ରେ ଚା' ପିଉଥିଲେ। ଏବେ ଗରିବରୁ କୋଟିପତି ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଚା' ସୁଲଭ ପାନୀୟର ମାନ୍ୟତା ପାଇଛି। ସମ୍ଭାଷଣ, ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ ପାଇଁ ଚା' ଗୋଟିଏ ମାଧ୍ୟମ। ସାଧାରଣ ପରିବାରରେ ଦିନକୁ ଦୁଇଚାରିଥର ଚା' ହେଉଛି। ଘରକୁ କୌଣସି ଅତିଥି ଆସିଲେ ଚର୍ଚ୍ଚା ପାଇଁ ସର୍ବପ୍ରଥମେ ଚା' କଥା ଚିନ୍ତାକୁ ଆସେ। ଆଗେ ସାଙ୍ଗସାଥୀ ବା ବନ୍ଧୁବାନ୍ଧବ ଘରକୁ ଆସିଲେ ପ୍ରଥମେ ଲେମ୍ବୁ ବା ଦହି ସରବତ ପାନୀୟ ରୂପେ ଘରର ଝିଅ ବୋହୂମାନେ ପରଷୁ ଥିଲେ। କିନ୍ତୁ ଏବେ ଯୁଗ ବଦଳିଛି। ଅତିଥି ଚର୍ଚ୍ଚା କରିବା ଲାଗି ସର୍ବପ୍ରଥମେ ଚା' କଥା ଚିନ୍ତାକୁ ଆସୁଛି। ଚା' ଏବେ ସବୁରି ପ୍ରିୟ। ବାହାରେ ବୁଲାବୁଲି କରି ସାଙ୍ଗସାଥୀମାନେ ଖଟି କରିବାବେଳେ ଦରକାର ପଡୁଛି ଚା'। ସକାଳୁ ଉଠି ଖବରକାଗଜ ପଢିବା ବେଳେ ବା ଟିଭି ଦେଖୁଥିବାବେଳେ ହାତରେ ଶୋଭାପାଏ ଚା' କପ୍। କେତେକ ବି ସକାଳ ଚା'ର ନାଁ ଦେଇଛନ୍ତି 'ବେଡ୍ ଟି'। ବିଛଣାରେ ଥାଇ ଏ ଚା' ପିଆଯାଏ। ସଭା ସମିତିରେ ବି ଅତିଥି ତଥା ଶ୍ରୋତା ଦର୍ଶକମାନଙ୍କୁ ଉଦ୍ୟୋକ୍ତାମାନେ ଚା' ପରଷିବାର ବ୍ୟବସ୍ଥା କରୁଛନ୍ତି। ସରକାରୀସ୍ତରୀୟ ଉଚ୍ଚ ବୈଠକମାନଙ୍କରେ ଟେବୁଲ୍ ଉପରେ ଚା' କପ୍ ଥିବାର ଆମେ ଟିଭି ପରଦାରେ ଦେଖୁଛେ। ବଡ଼ ବଡ଼ ସରକାରୀ କାର୍ଯ୍ୟାଳୟରେ ବଡ଼ ହାକିମମାନେ ଅଫିସ୍‌କୁ ଆସି ପ୍ରଥମେ ଚା' ଆସରରେ ଯୋଗ ଦିଅନ୍ତି। ସକାଳୁ ହିଁ ମନ ଓ ଶରୀରକୁ ଚା' ସତେଜ କରିଥାଏ। କାର୍ଯ୍ୟକ୍ଷେତ୍ରରେ କ୍ଳାନ୍ତ ଲାଗିଲେ, ପାଗ ଖରାପ ଯୋଗୁଁ ମୁଣ୍ଡ ଓଜନିଆ ଲାଗିଲେ, ଥଣ୍ଡା ସର୍ଦ୍ଦି ହେଲେ ମନ ସତେଜ ରହେନାହିଁ, ଚା' ପିଇବାକୁ ଇଚ୍ଛାହୁଏ। ଚା' ପ୍ରେମୀମାନେ କୁହନ୍ତି ଏମିତି କିଛି ସମସ୍ୟା ନାହିଁ ; ଯାହାର ସମାଧାନ ଚା' କରିପାରିବ ନାହିଁ। ଟ୍ରେନ୍‌ରେ ଯାତ୍ରା କଲାବେଳେ ଚା' ପିଇବାର ମଜା ନିଆରା। ଟ୍ରେନ୍ ବଗିରେ ଚା' ବିକାଳି ବଡ ବଡ କେଟ୍‌ଲିରେ ଚା' - ଏ - ଚା' ଡାକିଲେ ଚା' ଅଭ୍ୟସ୍ତ ଲୋକମାନେ ସମ୍ଭାଳି ରହିପାରନ୍ତି ନାହିଁ। ଜରି କପ୍ ହେଉକି ମାଟି ଭାଣ୍ଡ ହେଉ ହାତରେ ଚା' ଧରି ଟ୍ରେନ୍ ଭିତରୁ ବାହାରର ଦୃଶ୍ୟ ଦେଖିବାର ମଜା ନିଆରା। ଚା' ପିଇବା ଦ୍ୱାରା ଏକ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେବା ସହ ଦୃଷ୍ଟିଶକ୍ତି ବୃଦ୍ଧି ହୋଇଥାଏ। କର୍କଟ ପ୍ରତିରୋଧ ଶକ୍ତି ଏଥିରେ ରହିଛି। ନିୟମିତ ଚା' ପିଇବା ଦ୍ୱାରା ହୃଦଘାତ ହେବାର ସମ୍ଭାବନା କମ୍‌ଥାଏ। ୟୁ.ଏନ ତଥ୍ୟ ଅନୁସାରେ ବିଶ୍ୱରେ ପାଣି ପରେ ଚା' ହେଉଛି ଆବଶ୍ୟକୀୟ ପାନୀୟ। ପ୍ରକୃତରେ ଜୀବନକୁ ସତେଜ ଓ ଫୁର୍ତ୍ତି କରିଦିଏ କପେ ଚା'। ଚା' କେବଳ ଯେ ଏକ ପାନୀୟ ତାହା ନୁହେଁ, ଏହା ସଂସ୍କୃତିର ଏକ ଅଙ୍ଗ। କେବଳ ଆମ ଭାରତ ନୁହେଁ ବରଂ ବିଦେଶୀ ରାଷ୍ଟ୍ର ଜାପାନ, ଚୀନ୍, ଆମେରିକା, ବ୍ରିଟେନ୍‌ରେ ୬୦ରୁ ୭୦ ପ୍ରତିଶତ ଲୋକେ ସକାଳ-ସନ୍ଧ୍ୟାରେ ଚା' କପେ ପିଇବାକୁ ପ୍ରାଧାନ୍ୟ ଦେଇଥାନ୍ତି।

ଚୀନ୍‌ରେ ଚା' ଏକ ଔଷଧୀୟ ପାନୀୟ ଭାବେ ପ୍ରଥମେ ବ୍ୟବହୃତ ହେଉଥିଲା। ଭାରତରେ ଅନେକ ବର୍ଷ ପୂର୍ବେ ଏହାର ପତ୍ରକୁ ପାଣିରେ ସିଝାଇ ଶରୀର ଅସୁସ୍ଥ ବେଳେ ପିଆଯାଉଥିଲା। ସମୟ କ୍ରମେ ଏଥିରେ ଅଦା, ଗୋଲମରିଚ ଓ କ୍ଷୀରର ବ୍ୟବହାର କରାଗଲା। ଆମ ଦେଶରେ ଚା' ଏବେ ଦୁଇପ୍ରକାର ତିଆରି ହେଉଛି। ଗୋଟିଏ ଦୁଗ୍ଧ ମିଶ୍ରିତ ଧଳା ଚା' ଓ ଅନ୍ୟଟି ସବୁଜ ଚା'। ମଧୁମେହ ଆକ୍ରାନ୍ତ ରୋଗୀମାନେ ବିନା ଚିନିରେ ଚା' ପିଇଥାନ୍ତି। କେତେକ ମଧୁମେହ ରୋଗୀ ଚିନି ମିଶ୍ରିତ ଚା'ରେ ସୁଗାର ଫ୍ରି ଟାବ୍‌ଲେଟ୍ ମିଶାଇ ପିଇଥାନ୍ତି। ଏବେ ବଢିଛି ସବୁଜ ଚା'ର ଆଦର। ଟିକେ ଶ୍ରୁତି ମଧୁର ଢଙ୍ଗରେ ଏହାକୁ କେତେକ 'ହର୍ବାଲ ଟି'ର ଆଖ୍ୟା ଦେଇଥାନ୍ତି। ସ୍ମରଣ ଶକ୍ତି ବୃଦ୍ଧି କରିବା ପାଇଁ ଗବେଷକ ମାନେ 'ଗ୍ରୀନ୍ ଟି' ପିଇବା ପାଇଁ କହୁଛନ୍ତି। 'ଗ୍ରୀନ୍ ଟି'ରେ ଥିବା ରସାୟନ ସ୍ମରଣଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। 'ଗ୍ରୀନ୍ ଟି' ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିଥାଏ। ଚୀନ୍‌ର ଥର୍ଡ ମିଲିଟାରୀ ମେଡିକାଲ ୟୁନିଭରସିଟିର ଗବେଷକମାନେ କହିଲେଣି ଯେ 'ଗ୍ରୀନ୍ ଟି'ରେ ଥିବା ରସାୟନ ମସ୍ତିଷ୍କର କୋଷିକାକୁ ସକ୍ରୀୟ କରି ସ୍ମରଣଶକ୍ତି ବୃଦ୍ଧି କରିଥାଏ ଏବଂ ଶିଖିବାର ଦକ୍ଷତାକୁ ଅଧିକ ସକ୍ରିୟ କରିଥାଏ। ତେବେ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଦିନକୁ ଦୁଇ ଥର ଚା' ପିଇବାରେ ଅସୁବିଧା ନାହିଁ, ହେଲେ ଅଧିକ ଥର ଚା' ପିଇଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ।

ବିଶ୍ୱରେ ମେ ମାସରେ ଚା ଉତ୍ପାଦନ ସବୁଠାରୁ ବେଶୀ ହୋଇଥାଏ। ତେଣୁ ମିଳିତ ଜାତିସଂଘ ପକ୍ଷରୁ ୨୦୧୯ ମସିହ ଠାରୁ ମେ ୨୧ ତାରିଖକୁ ଅନ୍ତର୍ଜାତୀୟ ଚା' ଦିବସ ଭାବେ ପାଳନ କରାଯାଉଛି। ଗ୍ରାମୀଣ ଅର୍ଥନୀତିରେ ଚା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଲୋକଙ୍କୁ ସଚେତନ କରିବା ଏହି ଦିବସର ଉଦ୍ଦେଶ୍ୟ।

ଓଡ଼ିଶା ଭାସ୍କର
# ରାଜ୍ୟ ଖବର



ଗରଦପୁର(ଭାସ୍କର ନ୍ୟୁଜ୍): ଲୋକନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଓଡିଶା ବାସ୍କେଟ ବଲ ଓ ଭଲିବଲ ଆସୋସିଏସନର ଉପ ସଭାପତି ତଥା କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ଆସୋସିଏସନର ସାଧାରଣ ସମ୍ପାଦକ ସୟଦ ଏକମଲ ଅଲି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ଛାତ୍ର ଛାତ୍ରୀ ମାନଙ୍କୁ ରାଜ୍ୟ ସ୍ତରରେ ପ୍ରତିଯୋଗିତା ପାଇଁ ସୁଯୋଗ ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଭାପତି ଦିଲୀପ କୁମାର ସାହୁ ପିଲାଙ୍କ ଖେଳିବା ପାଇଁ ଖେଳ ସାମଗ୍ରୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଉଦଯାପନୀ ଉତ୍ସବରେ ଅଧାପକ ଡ଼ ସରୋଜ ରଞ୍ଜନ ସ୍ୱାଇଁ, ସଦସ୍ୟ ରମାକାନ୍ତ ପାଣି, ଅଟଳ ମଳିକ, ମାନସ ପଟ୍ଟନାୟକ, ଦୁର୍ଯ୍ୟୋଧନ ଜେନା, ମନୋରଞ୍ଜନ ଦାସ ଓ ଅନ୍ୟାନ୍ନ କ୍ରୀଡା କ୍ଲବର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସୟଦ ଏକମଲ ଅଲ୍ଲୀ ସିଲ୍ ଓ କପ୍ ପ୍ରଦାନ କରିଥିଲେ। ଶେଷରେ ଇତିହାସ ବିଭାଗ ଅଧପାକ ରମାକାନ୍ତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।



### ନିଷିଦ୍ଧାଞ୍ଚଳରୁ ବିଶାଖାପାଟଣା-ଆନ୍ଧ୍ର ଟ୍ରଲର ଜବତ

# ଭୟରେ ବିଭାଗୀୟ ଅଧିକାରୀ, ପୋଲିସ ନିଷ୍କ୍ରିୟ

କାକଟପୁର/ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ବିରଳ ଅଲିଭି ରିଡ଼େଲଙ୍କ ସୁରକ୍ଷା ପାଇଁ ଦେବୀ ନଦୀ ମୁହାଁଣ ଠାରୁ ପ୍ରାୟ ୨୦କିଲୋମିଟର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଓ ସମୁଦ୍ର ଭିତର ୫କିଲୋମିଟର ଅଞ୍ଚଳକୁ ନଭେମ୍ବର ୧ରୁ ଆସନ୍ତା ବର୍ଷ ମେ ୩୧ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି । ଯେଉଁ ମାନେ ଏହି ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ମାଛ ଧରିବେ ସେମାନେ ଓଡିଶା ମେରାଇନି ଫିସିଂ ରେଗୁଲେସନ ଆଇନି ୧୯୮୨ଓ ବନ୍ୟଜନ୍ତୁ ସୁରକ୍ଷା ଆଇନି ୧୯୭୨ଅନୁଯାୟୀ ଦଣ୍ଡିତ ହେବେ। ଟ୍ରଲର ଜବତ ସହ ସେମାନେ ଧରିଥିବା ମାଛକୁ ମତ୍ସ୍ୟ ସମ୍ପଦ ବିଭାଗ ଜବତ କରି ନିଲାମ ଡାକି ଟ୍ରଲର ମାଲିକଙ୍କୁ ନିଲାମ ପରିମାଣର ସର୍ବାଧିକ ୫ଗୁଣା ଜରିମାନା ମଧ କରାଯିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳରୁ ପୂର୍ବରୁ ୪ଟି ଟ୍ରଲର ଜବତ ହୋଇଥିବା ବେଳେ ଶୁକ୍ରବାର ଦିନ ଦେବୀ ନଦୀ ନିଷିଦ୍ଧାଞ୍ଚଳରୁ ବିଶାଖାପାଟଣା ଆନ୍ଧ୍ର ସୀମାବର୍ତ୍ତି ଅଞ୍ଚଳ ଏସ କେ ଏମ ଏଲ (ଆଇ ଏନ ଡି -ଏ ପି -ଭି ୫-ଏମ ଏମ - ୨୮୩)ଟ୍ରଲର ଦେବୀ ମୁହାଁଣ ନିଷିଦ୍ଧାଞ୍ଚଳରୁ ଜବତ ହୋଇଥିଲା।ଜବତ ଟ୍ରଲରରୁ ୯ଜଣ କ୍ରିଉ ମେମ୍ବର ଅଟକ ସହ ସନ୍ଧ୍ୟା ସୁଧା ନିଲାମ





ପ୍ରକ୍ରିୟା ହୋଇନଥିଲା।ଯାହା ସୂଚନା ମିଳିଛି ଯେ, କୌଣସି ସମୟରେ ଜବତ ଟ୍ରଲର ନୂଆଗଡ ଜେଠି ନିକଟରେ ପହଂଚିଲେ ଅପରାଧୀ, ବାହୁବଳୀ ନଚେତ ନିଜକୁ କରିତି କର୍ମା ଗୁଣ୍ଡା କହି ନିଲାମ ଡାକୁଛନ୍ତି, ଯାହାକି ପୁଲିସ ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଜ ନାମ ଗୋପନ ରଖି ଜଣେ ଅଫିସର କହିଛନ୍ତି ବିଳମ୍ବିତ ରାତ୍ରରେ ମାରଣାସ୍ତ୍ର ଦେଖାଇ ଅଫିସର ମାନଙ୍କୁ ଧମକ ଦେଉଛନ୍ତି। ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ଶୁକ୍ରବାର ଦିନ ଆନ୍ଧ୍ର ଅଞ୍ଚଳର ଟ୍ରଲର ଟି ମାଛମାରୁଥିବା ବେଳେ ବନବିଭାଗ ଟିମ୍, ଟର୍ଟଲ ସ୍କ୍ୱାଡ଼ ଉକ୍ତ ଟ୍ରଲରକୁ ଜବତ କରିଥିଲେ । ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନ କର୍ମଚାରୀଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂରେ ସାମିଲ ହୋଇଥିଲେ। ଜବତ ଟ୍ରଲରକୁ ନୂଆଗଡ ଜେଠି ନିକଟକୁ ଆଣିବା ପରେ ଶୁକ୍ରବାର ଦିନ ସନ୍ଧ୍ୟା ମଧ୍ୟରେ ବାହୁବଳୀ ଓ କରିତି କର୍ମା ଗୁଣ୍ଡାଙ୍କ ଦୌରାତ୍ମ ବୃଦ୍ଧି ପାଇଥିଲା ଯାହା ଫଳରେ ନିଲାମ ପ୍ରକ୍ରିୟା ହୋଇନଥିଲା। ଶନିବାର ପୂର୍ବାହ୍ନରେ ପୁରୀ ଅତିରିକ୍ତ ମତ୍ସ୍ୟଅଧିକାରୀ ରମେଶ ଚନ୍ଦ୍ର ରାଉଳ, ସହକାରୀ ମତ୍ସ୍ୟଅଧିକାରୀ ସତ୍ୟବ୍ରତ ଦାସ ପୋଲିସ ଫୋର୍ସଙ୍କ ଉପସ୍ଥିତରେ ଜବତ ଟ୍ରଲରରୁ ମାଛକୁ ନିଲାମ ହୋଇଥିଲା। ଉକ୍ତ ଟ୍ରଲର ରୁ ଟୁନା (ତୁମ୍ବି )ମାଛ ତଥା ବି କ୍ଲାସ ମାଛ ୭୭୫କିଗ୍ରା ନିଲାମ ହୋଇଥିଲା। ନିଲାମ ସମୟରେ ମତ୍ସ୍ୟବିଭାଗ ସାଗର ମିତ୍ର କୃଷ୍ଣବିଶ୍ୱାଳ, ଅର୍ଜିତ ପ୍ରଧାନ ଉପସ୍ଥିତ ଥିଲେ। ଅଲିଭି ରିଡେଲ କଇଁଛଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି। କିନ୍ତୁ ମାଛ ନିଲାମ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଧମକ ଚମକ ମିଳୁଥିବା ବିଭିନ୍ନ ମହଲରୁ ଶୁଣିବାକୁ ମିଳିଛି। ପୁରୀ ଅତିରିକ୍ତ ମତ୍ସ୍ୟ ସମ୍ପଦ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି କେବଳ ନିଲାମ ଡାକିବା ଆମ ଦାୟିତ୍ୱ। କିନ୍ତୁ କିଏ ନିଲାମ ନେଲା, କେତେ ଟଙ୍କାରେ ନିଲାମ ନେଲା, ସେଥିରେ ଆମର କୌଣସି ସମ୍ପୃକ୍ତି ନାହିଁ। ଯିଏ ଅଧିକ ନିଲାମ ଡ଼ାକିବ, ଆମେ ତାକୁ ମାଛ ଦେବୁ। ୫ଗୁଣା କି ଏହାଠାରୁ କମ୍ ଜରିମାନା ହେବ, ଏହା କଟକ ସ୍ଥିତ କାର୍ଯ୍ୟାଳୟ ଧାର୍ଯ୍ୟ କରିବ। ଆମେ ନିଲାମ ଅନୁସାରେ ଏହି କାର୍ଯ୍ୟାଳୟକୁ କାଗଜପତ୍ର ପଠାଇ ଦେଉ ବୋଲି ଶ୍ରୀ ରାଉଳ କହିଛନ୍ତି।

### ଜିଲ୍ଲାପାଳଙ୍କ ନିଆଳି ଗସ୍ତ

# ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ବିଭିନ୍ନ ମନ୍ଦିର ପରିଦର୍ଶନ

ନିଆଳି, (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ନିଆଳି ବ୍ଲକରେ ଥିବା ବିଭିନ୍ନ ଐତିହାସିକ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର ଉନ୍ନତିକରଣ, ଜବରଦଖଲ ଉଚ୍ଛେଦ ଓ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ନିମନ୍ତେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶରେ ପ୍ରଥମେ ନିଆଳି ନୂଆଗାଁ ସ୍ଥିତ ସୋଭନେଶ୍ୱର ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ ନିଆଳି ବିଧାୟକ ଛବି ମଲିକ ଓ ଜିଲ୍ଲାପାଳ ମନ୍ଦିରର ପୂଜକ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ପରେ ମାଧବ ପଞ୍ଚାୟତରେ ଥିବା ମାଧବାନନ୍ଦ ମନ୍ଦିର, ନିଭରଣର ରାମେଶ୍ୱର ମନ୍ଦିର, ସଡାନ୍ଦର ତ୍ରିଲୋଚନେଶ୍ୱର ଓ କୃଷ୍ଣ ପ୍ରସାଦ ପଞ୍ଚାୟତର ନୂଆ ତୀର୍ଥପଡା ଅଙ୍ଗନେଶ୍ୱର ମହାଦେବ ମନ୍ଦିର, କୃଷ୍ଣପ୍ରସାଦ ବିଶ୍ୱନାଥ ମନ୍ଦିର, ନୂଆ ସାତଙ୍ଗ ମନ୍ଦିର ଓ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ପଶ୍ଚିମ ମୁଖୀ ମା' ଦୁର୍ଗାଣି ମନ୍ଦିର, ପରିଦର୍ଶନ କରି ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ନିଆଳି



ପ୍ରଶାସନ ପକ୍ଷରୁ ତହସିଲଦାର ଲେଲିନ ପ୍ରସାଦ ସାହୁ, ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ, ନିଆଳି ଥାନା ଏସ୍ଆଇ ତନୁଶ୍ରୀ ସାହୁ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସଂସଦଙ୍କ ଜିଲ୍ଲା ପ୍ରତିନିଧି ବନ୍ଧୁ ଚରଣ ସାହୁ, ନୂଆ ଗାଁ ସରପଞ୍ଚ ଜ୍ୟୋତିରଞ୍ଜନ ମଲିକ, ବିଜେପି ମଣ୍ଡଳ ଉପସଭାପତି, ତ୍ରିଲୋଚନ ବେହେରା ଓ ବିଭିନ୍ନ ପଞ୍ଚାୟତର ପୂଜକ ଓ ବୁଦ୍ଧିଜୀବୀଙ୍କ ସହ ଜିଲ୍ଲାପାଳ ଓ ବିଧାୟକ ଆଲୋଚନା କରିଥିଲେ। ଖୁବଶୀଘ୍ର କଣ୍ଟାପଡା ବ୍ଲକରେ ଥିବା ଐତିହ୍ୟ ମନ୍ଦିରର ପରିଦର୍ଶନରେ ଜିଲ୍ଲାପାଳ ଆସି ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଗୀତା ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ବ୍ଲକ ରୋଡର ଈଶ୍ୱରପୁରସ୍ଥିତ ବ୍ରହ୍ମ ଗୌଡିୟ ସେବା ସଂସ୍ଥାନ ଭାଗବତ ଦାସ ମଠ ପରିସରରେ ପବିତ୍ର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ମଠର ମହନ୍ତ ସଚ୍ଚିଦାନନ୍ଦ ଗୋସ୍ୱାମୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସଂସ୍କୃତ ପ୍ରବଚକ ପଣ୍ଡିତ ଦାମୋଦର ରାଉତ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ ଗୀତାଜ୍ଞାନ ଶ୍ରେଷ୍ଠ ମାନବଜୀବନ ଦର୍ଶନ ବୋଲି ବାଖ୍ୟାନ କରି କହିଥିଲେ। ସଂସ୍କୃତ ଭାରତୀ ଜିଲ୍ଲା ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ନିତ୍ୟାନନ୍ଦ ଦାଶ, ଅଧାପକ ଲୋକନାଥ ସ୍ୱାଇଁ, ଭିକାରିଚରଣ ପ୍ରଧାନ, ପଣ୍ଡିତ କ୍ଷୀରୋଦ ସେନାପତି, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ଅମର ବିଶ୍ୱାଳଙ୍କ ସମେତ ବହୁ ଗୀତାପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କଣ୍ଠଶିଳ୍ପୀ ଶିବାନନ୍ଦ ପ୍ରଧାନ ପାରମ୍ପରିକ ଭଜନ ପରିବେଷଣ କରିଥିଲେ।

## ଲୋକ ଅଦାଲତରେ ୨୨ମାମଲାର ସମାଧାନ





କଣାସ (ଭାସ୍କର ନ୍ୟୁଜ୍) : କଣାସ ଠାରେ ପ୍ରତିଷ୍ଠିତ ସିଭିଲ ଜର୍ଜ ଜୁନିୟର ଡିଭିଜନ ତଥା ଜେ.ଏମ୍.ଏଫ.ସି ଅଦାଲତରେ ଶନିବାର ଦିନ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି ଅନୁସମ ଦାଶ, ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ପାନେଲ ଓକିଲ ସୁଶାନ୍ତ କୁମାର ମହାନ୍ତି, କୋର୍ଟରେ କାର୍ଯ୍ୟରତ କିରାଣୀ ଦିଲ୍ଲିପ କୁମାର ତରାଇ, ଜ୍ୟୋତି ରଂଜନ ପାଢି, କୃଷ୍ଣଚନ୍ଦ୍ର ସତପଥି, କଣାସ ବାର ଆସୋସିଏସନ ସଭାପତି ସଦାନନ୍ଦ ପ୍ରଧାନ, ଉପ ସଭାପତି ରବିନ୍ଦ୍ରନାଥ ରାଉତରା,ସରକାରୀ ଓକିଲ ବିକ୍ରମ କୁମାର ନାଥ, ଓକିଲ ଅଶୋକ କୁମାର ପାଣିଗ୍ରାହୀ, ମିହିର ବେହେରା, ପ୍ରବୋଧ ତ୍ରିପାଠୀ, ନିରଂଜନ ମୁଦୁଲିଙ୍କ ଉପସ୍ଥିତରେ ମୋଟ ୨୨ ଗୋଟି ଫୌଜଦାରୀ ମକଦମାର ସମାଧାନ କରାଯାଇଅଛି ।

## ହୃଦ୍‌ଘାତରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ଶୁଳିଆପଦା(ଭାସ୍କର ନ୍ୟୁଜ୍): ବଜାରରେ ହସ ଖୁସିରେ ବୁଲୁଥିଲେ। ଅପରାହ୍ନରେ ଘରକୁ ଫେରି ଜଳଖିଆ ଖାଉଥିବା ବେଳେ ଟଳି ପଡିଲେ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଶୁଳିଆପଦା



ବ୍ଲକ୍ ମହାବିଲା ପଞ୍ଚାୟତ ଅଧିନ ବିଳାସ ଗ୍ରାମରେ। ସୂଚନା ମୁତାବକ ଗତକାଲି ଅପରାହ୍ନରେ ଏହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ (ପ୍ରାଥମିକ) ସ୍ୱର୍ଗତ ପ୍ରତାପ ଚନ୍ଦ୍ର ରାଜ ଶୁଳିଆପଦା ବଜାରରୁ ଘରକୁ ଫେରି ଜଳଖିଆ କରୁଥିବା ସମୟରେ ହୃଦଘାତ କାରଣରୁ ବସିବା ସ୍ଥାନରେ ଟଳି ପଡିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସୂଚନା ଥାଉକି ସ୍ୱର୍ଗତ ରାଜ୍ ପେଶାରେ ଜଣେ ଶିକ୍ଷକ ଓ ନିଶାରେ ଜଣେ ଗାୟକ ଥିଲେ। ମହମ୍ମଦ ରୋଫୀ, କିଶୋର କୁମାର, ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ ଭିକାରୀ ବଳଙ୍କ ପୁରୁଣା ଗୀତ ଓ ଭଜନକୁ ଅଙ୍ଗ ଭଙ୍ଗୀ ସହିତ ସୁନ୍ଦର ଭାବେ ବିଭିନ୍ନ ଅନୁଷ୍ଠାନରେ ପରିବେଷଣ କରି ଅଞ୍ଚଳରେ ବେଶ୍ ପ୍ରିୟପାତ୍ର ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଝିଅ ଜ୍ୱାଇଁ, ବନ୍ଧୁ ବାନ୍ଧବ ପହଞ୍ଚିବା ପରେ ଆଜି ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଶୋକାକୁଳ ପରିବେଶରେ ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ସୁଧାଂଶୁ ଶେଖର ରାଜ୍ ମୁଖାଗ୍ନି ଦେଇଥିଲେ। ଧରମପୁରା, ମହାବିଲା, ଶୁଳିଆପଦା ପ୍ରଭୃତି ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ୩ ଝିଅଙ୍କ ବାହାଘର ପରେ ଘରେ ସ୍ୱାମୀ ସ୍ତ୍ରୀ ୨ ଜଣ ରହୁଥିଲେ। ସ୍ୱାମୀ ଚାଲିଯିବା ପରେ ସ୍ତ୍ରୀ ଏବେ ଏକାକୀ ହୋଇ ଯାଇଛନ୍ତି। କାର୍ଯ୍ୟାଳୟ ତରଫରୁ ତୁରନ୍ତ ତାଙ୍କର ଫ୍ୟାମିଲି ପେନସନ୍ କରାଇ ଦେବାକୁ ଦାବି ହେଉଛି।

# କଣାସରେ ଜାପାନୀ ଜ୍ୱର ଚିହ୍ନଟ
## ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ଅଧିକାରୀ

କଣାସ(ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଗଡସାନପୁଟ ଗ୍ରାମପ□ାୟତର ଝାରକଟା ଗ୍ରାମରେ ଜାପାନି ଜ୍ୱୋର ରୋଗରେ ଜଣେ ୭୫ବର୍ଷ ବୃଦ୍ଧ ଆକ୍ରାନ୍ତ ହୋଇଥିବା ଚିହ୍ନ ହେବାପରେ ଗତକାଲି ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ ତାଙ୍କ ନିକଟରେ ପହ□ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ଗ୍ରାମରେ ଆଉକେଉଁ ମାନଙ୍କୁ ଜ୍ୱୋର ହୋଇଛି ପଚାରି ବୁଝି ସହିତ ରୋଗୀମାନଙ୍କୁ ସର୍ଭେ କରିବାପାଇଁ ନିର୍ଦ୍ଦେଶ ଦେଇ ଫେରିଯାଇଥିବା ଜଣାପଡିଛି । ଉକ୍ତ ବୃଦ୍ଧ ଏକ ଘରେଇ ଡାକ୍ତରଖାନାରେ ଜାପାନି ଜ୍ୱୋରରେ ଆକ୍ରାନ୍ତ ହୋଇ ଚିକିତ୍ସା ହୋଇ ଫେରିଥିଲେ। ପରେ ପୂର୍ବଭଳି ଲକ୍ଷ୍ୟଣ ଦେଖାଦେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ ସେଠାରେ ଚିକିତ୍ସା କରାଯାଇ ତାଙ୍କର ନେଗେଟିଭି ରିପୋର୍ଟ ଆସିବାପରେ ଘରକୁ ଫେରିଆସିଛନ୍ତି । ଜାପାନି ଜ୍ୱୋର ଜଣାପଡିବାପରେ କଣାସ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ଘୁଷୁରି ମାଧ୍ୟମରେ ଏହି ଜ୍ୱୋର ସଂକ୍ରମିତ ହେଉଥିବାରୁ କେଉଁ ଦିନ କେତେବେଳେ ଗ୍ରାମ ଓ ଆଖାପାଖ ଗ୍ରାମକୁ ଘୁଷୁରି ଆସିଥିଲେ କି ନାହିଁ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ରଥ ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ରହିଥିଲେ।

## ନାଟକ ନ୍ତଅବସର' ମଞ୍ଚସ୍ଥ



ଦେବଗଡ଼(ଭାସ୍କର ନ୍ୟୁଜ୍): ଜାଗରଣ ଇଣ୍ଟରନ୍ୟାସନାଲ, ଦେବଗଡ଼ ଦ୍ୱାରା ଆୟୋଜିତ ୨୦ ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ୨୦୨୪ର ଦ୍ୱିତୀୟ ସଂଧ୍ୟାରେ ଟାଉନ ହଲ୍, ଦେବଗଡ଼ ଠାରେ ଲୋକପ୍ରିୟ ନାଟ୍ୟାନୁଷ୍ଠାନ ପଞ୍ଚମବେଦର ବହୁ ଚର୍ଚ୍ଚିତ ନାଟକ ନ୍ତଅବସର' ମଞ୍ଚସ୍ଥ ହୋଇଛି, ଯାହା ଦର୍ଶକମାନଙ୍କ ମନ ଜିଣିପାରିଛି। ନାଟକଟି ଏକ ପାରିବାରିକ ନାଟକ ହୋଇଥିବା ବେଳେ ଆଜିକାଲି ପରିବାର ମଧ୍ୟରେ ଥିବା ବୟସ୍କ ବ୍ୟକ୍ତିଙ୍କୁ କିପରି ଅଣଦେଖା, ହତାଦାର କରାଯାଇଛି ତାହା ନାଟକ ମାଧ୍ୟମରେ ଦର୍ଶାଯାଇଛି । ନାଟ୍ୟକାର ହର ବାରିକଙ୍କ ଦ୍ୱାରା ରଚିତ ଏହି ନାଟକର ନିର୍ଦ୍ଦେଶନା ହରେନ୍ ସାହୁ ଦେଇଛନ୍ତି। ସଙ୍ଗୀତରେ ବିନୟ ଦାଶ,ସଂଯୋଜନା ଏବଂ ମୁଖ୍ୟ ବ୍ୟବସ୍ଥାପକ ଭାବେ ପ୍ରକାଶ ମହାରଣା, ଆଲୋକରେ ଜଗନ୍ ମାଝୀ, ମଞ୍ଚ ପ୍ରଶାନ୍ତ ସ୍ୱାଇଁ ଓ ମଞ୍ଚ ପରିଚାଳନା ସୁରେନ୍ଦ୍ର ଗୌଡ଼(ବୁଲୁ ଭାଇ) ଏବଂ ଅଭିମନ୍ୟୁ ସେଠି କରିଥିଲେ। ବିଭିନ୍ନ ଭୂମିକାରେ ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ, ରଘୁନାଥ ବେହେରା, ଜ୍ଞାନେନ୍ଦ୍ର ଶତପଥୀ, ମହେନ୍ଦ୍ର ଶତପଥୀ,ଦୀପକ ମହାପାତ୍ର, ବ୍ୟାସଦେବ ଚୌହାନ, ଅଭିମନ୍ୟୁ ସେଠୀ, ତାପସ ଦାଶ, ମମତା ମହାନ୍ତି, ଶ୍ୱେତା ରଥ, ରାଜଲକ୍ଷ୍ମୀ ମିଶ୍ର ଓ ଶିଶୁ କଳାକାର ଅଭିମାନ ସାଇ ସ୍ୱରୂପ ଅଭିନୟ କରିଥିଲେ ।

## ପ୍ରଧାନଶିକ୍ଷକଙ୍କ ବୈଠକ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସାରସ୍ୱତ ସରକାରୀ ଉଚ୍ଚବିଦ୍ୟାଳୟ ଜଳହରି ଠାରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାଦଶତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧର କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଉର ଗୋପାଳ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ରତିକାନ୍ତ ବେହେରା, ସୁଦର୍ଶନ ସେଠୀ, ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦାନ କରି ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିଆଯାଉଥିବା ପଦକ୍ଷେପ, ଉତ୍କର୍ଷ, ଆକାକ୍ଷୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ସମୀର କୁମାର ଚୌଧୁରୀ, ତଟିନୀ ସେଠୀ, ମଧୁସୂଦନ ମହାନ୍ତି, ମନୋରଞ୍ଜନ ପଣ୍ଡା, ଚନ୍ଦ୍ରାବତି ନାୟକ, ଭଗବାନ ପ୍ରଧାନ, ରଜନୀ କାନ୍ତ ମଲ୍ଲିକ ପ୍ରମୁଖରେ ଅଂଶ ଗ୍ରହଣ କରି ଥିଲେ।

# ବିଧାୟକଙ୍କ ଦ୍ୱାରା ମେଗା ପ୍ରକଳ୍ପ ସମୀକ୍ଷା

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ କନ୍ତୁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଭାଗୀୟ ଅଧିକାରୀ ଏବଂ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ଦ୍ୱାରା ମେଗା ଉଠା ଜଳସେଚନ ପ୍ରକଳ୍ପର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ତାଳଚେର ସମଲ ଠାରୁ ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ନିକଟରେ ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ ଦୀର୍ଘ ବର୍ଷ ହେବ ରହିଥିଲେ ମଧ ଚାଷୀଙ୍କ ଚାଷ ଜମିରେ ପାଣିର ବନ୍ଦୋବସ୍ତ ହୋଇପାରି ନାହିଁ । ମୁଖ୍ୟ କେନାଲ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ କେନାଲର ଉଭୟ ପାର୍ଶ୍ୱରେ ରହିଥିବା ଚାଷ ଜମି ଗୁଡିକ ଜଳସେଚିତ ହୋଇ ନପାରିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯିବା ସହ ଉଠା ଜଳସେଚନ ପ୍ରକଳ୍ପ ଉପରେ ବାରମ୍ବାର ଚାଷୀ ପ୍ରଜା ମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ । କନ୍ତୋର ନିକଟରେ ମେଗା ଉଠା ଜଳସେଚନ ପ୍ରକଳ୍ପ କରାଯାଇ କିପରି ଚାଷୀଙ୍କ ଚାଷ ଜମି ଜଳମଗ୍ନ ହୋଇପାରିବ ସେଥି ପାଇଁ ବିଧାନସଭାରେ ଶ୍ରୀ ପ୍ରଧାନ ଉତଥାପନ କରିଥିଲେ । ଗଭୀରତମ କେନାଲରୁ କନ୍ତୋର ଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ କରାଯାଇ ଉପର



ମୁଣ୍ଡରେ ରହିଥିବା ପଞ୍ଚାୟତ ମାନଙ୍କରେ ୧୬୭୩ ହେକ୍ଟର ଚାଷ ଜମିରେ ଜଳସେଚିତ ହୋଇପାରିବ ବୋଲି ଉକ୍ତ ବୈଠକରେ ସମୀକ୍ଷା କରାଯାଇଥିଲା । ଏହା ସହିତ ବଡଝରା ଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ କରାଗଲେ କେନାଲ ତଳ ଭାଗରେ ରହିଥିବା ବଡଝରା, ବାରିହାପୁର ଗ୍ରାମ ନିକଟରେ ରହିଥିବା ମଗରମୁହାଁଣ ଓ ପରଜଙ୍ଗ ନୃସିଂହସାଗରକୁ ପାଣି ଆସିବା ଦିଗରେ ବିଧାୟକ ଶ୍ରୀ ପ୍ରଧାନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ବିଜେପି ଦଳର କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଗା ଚରଣ ସାହୁ, ସରପଞ୍ଚ ଅଜିତ୍ କୁମାର ସାହୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ଦଳବେହେରା, ଦୁଷ୍ମନ୍ତ କୁମାର ଦାସ, ଧର୍ମାନନ୍ଦ ବିଶ୍ୱାଳ, ଅନିଲ କୁମାର ଭୂତିଆ, ବାବୁଲି ଦେହୁରୀ, ଦୟାନିଧି ସାହୁ, ଅମରେଶ ସାହୁଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ଅଞ୍ଚଳର ଚାଷୀ ପ୍ରଜା ମାନେ ସାମିଲ ହୋଇଥିଲେ ।

## ଦାମୋଦର ରାଉତଙ୍କ ଜନ୍ମ ଜୟନ୍ତୀ



କୁଜଙ୍ଗ(ଭାସ୍କର ନ୍ୟୁଜ୍): ପୂର୍ବତନ ମନ୍ତ୍ରୀ ତଥା ବିଜୁ ବାବୁଙ୍କ ଏକାନ୍ତ ଅନୁଗାମୀ ଡାକ୍ତର ଦାମୋଦର ରାଉତଙ୍କ ୮୨ ତମ ଜୟନ୍ତୀ କୁଜଙ୍ଗ ମଣ୍ଡପ ଠାରେ ଡାକ୍ତର ଦାମୋଦର ରାଉତ ଜୟନ୍ତୀ କମିଟି ପକ୍ଷରୁ ପାଳିତ ହୋଇଯାଇଛି। କମିଟି ସଭାପତି ଅରୂପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଜଙ୍ଗ ପ୍ରେସ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁ ଯୋଗଦେଇ ଦାମବାବୁଙ୍କ ବିୟୋଗ ଓଡିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଥିଲେ। ତାଙ୍କର ଗୋଟିଏ ଗୋଟିଏ ବୟାନ ଓଡିଶା ରାଜନୀତିରେ ଝଡ ସୃଷ୍ଟି କରିଥିଲା। ଆସନ୍ତା ଯୁବ ପିଢ଼ି ତାଙ୍କ ପରି ସ୍ୱାଭିମାନୀ ଓ ସ୍ପଷ୍ଟବାଦୀ ହେବା ଆବଶ୍ୟକ ବୋଲି ଶ୍ରୀ ସାହୁ କହିଥିଲେ।ଦାମବାବୁଙ୍କ ପରି ନିର୍ଭିକ ହୋଇ ପାରିଲେ ଜୀବନରେ ସଫଳତାର ପାହାଚ ନିଶ୍ଚୟ ଚଢି ପାରିବ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ସଭାରେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ,ବିଜୟ ଖଟେଇ,ଅବନ୍ତୀ ମାଝୀ,ଯୋଗେନ୍ଦ୍ର ନାଥ ସ୍ୱାଇଁ, ପ୍ରେମାନନ୍ଦ ସ୍ୱାଇଁ, ସଂଗ୍ରାମ ସ୍ୱାଇଁ, ନରହରି ତରାଇ, ଧନେଶ୍ୱର ଦାସ ଓ ପ୍ରହଲ୍ଲାଦ ସ୍ୱାଇଁଙ୍କ ସମେତ ବହୁ ବକ୍ତା ଯୋଗ ଦେଇଥିଲେ। ଏହି ଅବସରରେ ଦାମବାବୁଙ୍କ ଅନ୍ତରଙ୍ଗସହଯୋଗୀ ଭାବେ କାମ କରିଥିବା ମଙ୍ଗରାଜପୁର ପଂଞ୍ଚାୟତ ବୟୋଜେଷ୍ଠ ମୁରବୀ ସୁରେନ୍ଦ୍ର ସ୍ୱାଇଁଙ୍କୁ ଡାକ୍ତର ଦାମୋଦର ରାଉତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସୁଧାଂଶୁ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ରାସ୍ତା ନିର୍ମାଣ କଲେ ଯୁବନେତା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ରାସ୍ତା ନିର୍ମାଣ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଯୁବ ସମାଜସେବୀ । ଏହି ବ୍ଲକର ଷୋଳମପୁର ଗାଁର ଗୁରୁ ଚରଣ ନାୟକ ଘର ଠାରୁ ବିନୋଦ ରାଉତ ଘରକୁ ଯିବାକୁ ରାସ୍ତା ବିପର୍ଯ୍ୟସ୍ତ ଜାଣିବା ପରେ ଏହି ରାସ୍ତା ନିର୍ମାଣ କରିବା ପାଇଁ ଅନେକ ବାର ପ୍ରଶାସନ ନିକଟରେ ଦାବି ହୋଇଥିଲା । ଦୀର୍ଘ ଦିନର ସମସ୍ୟା ଜାଣିବା ପରେ ଷୋଳମପୁର ପଞ୍ଚାୟତର ଯୁବ ସମାଜସେବୀ ବିବେକାନନ୍ଦ ମଲ୍ଲିକ(ସମୀର), ଧୀରେନ୍ଦ୍ର ନାୟକ (ଲିପୁନା), ସମିତିସଭ୍ୟ ପ୍ରତିନିଧି ଶରତ ଜେନା ନିଜସ୍ୱ ହାତ ପାଣ୍ଠିରେ ସେଠାରେ ଆବଶ୍ୟକୀୟ ମାଟି ପକାଇ ସୁଗମ୍ୟ ରାସ୍ତା ନିର୍ମାଣ କରିଛନ୍ତି । ଏହି ମହତ କାର୍ଯ୍ୟ ପାଇଁ ଯୁବକମାନଙ୍କୁ ପ୍ରଶଂସା କରାଯାଉଛି ।

## ଗ୍ରୀଲ୍ ତାଡ଼ିନେଲେ ଦୁର୍ବୃତ୍ତ

ତାଳଚେର(ଭାସ୍କର ନ୍ୟୁଜ୍): ତାଳଚେର ଅଞ୍ଚଳରେ ଚୋରି ତସ୍କରୀ ଘଟଣା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି । ପୁଣି ଏଭଳି ଏକ ଘଟଣା ସ୍ଥାନୀୟ ରାମଚନ୍ଦ୍ର ବଜାରରେ ଘଟିଛି । ବୁଧବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ବଜାରରେ ଥିବା ଶୌଚାଳୟର ମୂଲ୍ୟବାନ ବିରାଟକାୟ ଲୁହା ଗ୍ରୀଲକୁ ତାଡି ନେଇ ରାତାରାତି ଉଭାନ ହୋଇ ଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ରାମଚନ୍ଦ୍ର ବଜାରରେ ଥିବା ସୁଲଭ ଶୌଚାଳୟଟି ଦୀର୍ଘ ବର୍ଷ ହେବ ଅବ୍ୟବହୃତ ହୋଇ ପଡି ରହିଥିଲା ଏହି ସୁଯୋଗରେ ଚୋର ସେହି ଗ୍ରୀଲକୁ ଚୋରି କରି ନେଇ ଯିବାରେ ସକ୍ଷମ ହୋଇଛନ୍ତି। ତାଳଚେର ପୋଲିସ ଏହି ଚୋରି ଘଟଣାକୁ ଗୁରୁତର ସହ ନେଇ ଗ୍ରୀଲ ଚୋରକୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି ।

## ପୋଡିଗଲା ସୋଲାର ପ୍ଲେଟ୍

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟ ପାଖରେ ଥିବା ଏକ ସୋଲାର ପ୍ଲେଟ ଗୋଦାମରେ ଆଜି ନିଆଁ ଲାଗି ଯିବାରୁ ବ୍ୟାପକ ନଷ୍ଟ ହୋଇଛି। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଗୋଦାମର ବାହାରେ ଏକ ଅସ୍ଥାୟୀ ସେଡ୍ ଭିତରେ ଏହି ସୋଲାର ପ୍ଲେଟ ଗଚ୍ଛିତ ଥିଲା। ନିଆଁ ଲାଗିବା ସୂଚନା ପାଇ ଲୋକେ ନିଆଁକୁ ଲିଭାଇବାକୁ ଚେଷ୍ଟା କଲା ବେଳେ ପରିସ୍ଥିତି ଅସମ୍ଭାଳ ହୋଇ ଜୋର ନିଆଁ ଜଳି ଉଠିଥିଲା। ତେବେ ଦମକଳ ବାହିନୀ ବିଳମ୍ବରେ ଆସିଥିବା ଅଭିଯୋଗ ହୋଇଛି । ଦମକଳ ନିଆଁ ଲିଭାଇବା ବେଳକୁ ଅଧିକାଂଶ ସୋଲାର ପ୍ଲେଟ ଜଳି ନଷ୍ଟ ହୋଇଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାପନା ଦିବସ

ମାଲକାନଗିରି(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିର ୬୨ ତମ ସ୍ଥାପନା ଦିବସ ଶନିବାର ପାଳିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ କେନ୍ଦ୍ରୀୟ ବିଦ୍ୟାଳୟ ୧୯୬୩ ମସିହା ଡ଼ିସେମ୍ବର ୧୫ ତାରିଖରେ ଆରମ୍ଭ ହୋଇଥିଲା । ଶିକ୍ଷା କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟ ଏକା ମାଇଲ ଖୁଣ୍ଟ ବୋଲି ବିଦ୍ୟାଳୟର ଅଧକ୍ଷ ତଥା ମୁଖ୍ୟ ଅତିଥି ଡ଼ କୈଳାଶ ମୀନା ନିଜ ବକ୍ତବ୍ୟରେ କହିଛନ୍ତି । କାର୍ଯ୍ୟକ୍ରମରେ ସମ୍ମାନିତ



ଅତିଥି ରୁପେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଡ଼ ରଞ୍ଜନ କୁମାର ସ୍ୱାଇଁ ଏବଂ ଲିଲି ପଟନାୟକ ଯୋଗ ଦେଇଥିଲେ । ଅତିଥି ମାନେ ବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରି ପିଲାମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ସ୍ଥାପନା ଦିବସ ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗରାଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ କବିତା ଭାରତୀ, ଆର୍ତ୍ତତ୍ରାଣ ମହାକୁଡ଼, ନଗମା ଅର୍ଶଦ, ସୃଷ୍ଟି, ଅଜିତ କୁମାର ମଲ୍ଲିକ, ଗଜେନ୍ଦ୍ର ଗୌଡ଼, ଭାନୁମତି ମହନ୍ତ ଏବଂ ଆଦିତ୍ୟ କୁମାର ପ୍ରମୁଖ ସଫଳ ରୁପେ ଆୟୋଜନ କରିଥିଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ): ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୨୪ ବିଦ୍ୟାଳୟ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଏନ୍‌ସିସି ବାଟାଲିୟନ କମାଣ୍ଡିଙ୍ଗ ଅଫିସର କର୍ନେଲ ମୟୁର ଘାଡ଼ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବା ସହିତ କ୍ରୀଡ଼ା ମାଧ୍ୟମରେ ନିଜକୁ ଫିଟ୍ ରଖିବାକୁ ପରାମର୍ଶ ଦେଇଥିଲେ । ଭିଜିଲାନ୍ସ ଡ଼ିଏସ୍‌ପି ସୁଧାଂଶୁ ପୂଜାରୀ ସମ୍ମାନିତ ଅତିଥି ଭାବେ ନିଜ ସମ୍ଭାଷଣରେ ପିଲାମାନଙ୍କୁ ଉତ୍ତମ ଚରିତ୍ରବାନ ହୋଇ ବିଦ୍ୟାଳୟ, ଦେଶ ଓ ପିତାମାତାଙ୍କ ନାମକୁ ଶିଖରକୁ ନେଇଯିବାକୁ କହିଥିଲେ । ଛାତ୍ରଛାତ୍ରୀ ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇ କୃତି କ୍ରୀଡ଼ାବିତମାନଙ୍କୁ ମାନପତ୍ର ଓ ଟ୍ରଫି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଜାତୀୟସ୍ତରରେ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିବା ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ହେଡ୍ ମାଷ୍ଟର ହରମନ ଛୁରା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଦୁଷ୍ମନ୍ତ ସାହୁ ଓ ସୁଶ୍ରୀ ମାଧୁରୀ ଉତ୍ସବ ପରିଚାଳନା କରିଥିଲେ । କ୍ରୀଡ଼ାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଟାଗୋର ହାଉସ ଚମ୍ପିୟାନ, ଅଶୋକା ହାଉସ ରନରଅପ ହୋଇଥିଲେ ।



# ରାସ୍ତାକଡ଼ରେ ବନ୍ଦ ହେବ କଂସେଇଖାନା

କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝରଗଡ଼ ପୌରାଞ୍ଚଳର ରାସ୍ତା କଡ଼ରେ ଅତି ନିର୍ଦ୍ଦୟ ଭାବେ ଖାସି ଓ କୁକୁଡା ମରା ଚାଲିଛି । ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସମସ୍ତ କଂସେଇଖାନା ଚିହ୍ନଟ କରାଯାଇ ନୋଟିସ୍ ମରାଯାଇଛି । କଂସେଇଖାନା ସ୍ଥାନାନ୍ତର ପାଇଁ ସମୟ ଦିଆଯାଇଛି । ଏହା ନ କରାଗଲେ ପୌରପାଳିକା ପକ୍ଷରୁ ବନ୍ଦ କରାଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି । କୃଷକ ବଜାରରେ ଖାଲି ସ୍ଥାନ ଥିଲେ ମଧ୍ୟ ସେଠାରେ କୌଣସି ବ୍ୟବସାୟୀ ଯାଉନାହାଁନ୍ତି । ମାଇନିଂରୋଡ ରାସ୍ତାରେ ବହୁ ସଂଖ୍ୟାରେ କଂସେଇଖାନା ଖୋଲି କୁକୁଡ଼ା ଏବଂ ଖାସି ରାସ୍ତା ପାର୍ଶ୍ୱରେ କଟାଯାଉଛି । ଫଳରେ ଏହି ରାସ୍ତା ଯାତାୟାତ କରୁଥିବା କୋମଳମତି ଶିଶୁଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । କେନ୍ଦୁଝର ସହରରେ ଛୋଟ ବଡ଼ ବେପାରୀଙ୍କୁ ମିଶାଇ ୨୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ମାଛ ମାଂସ ବିକ୍ରୀ କରୁଛନ୍ତି । ପୌରପାଳିକା ପକ୍ଷରୁ ଧାଙ୍ଗରପଡାଠାରେ ୪୦ଟି ସ୍ଲଟର ହାଉସ ନିର୍ମାଣ ସରିଛି । ମାତ୍ର ଏହି ସ୍ଥାନକୁ ମାଛ, କୁକୁଡ଼ା ଏବଂ ଖାସି ବେପାରୀଙ୍କୁ ସ୍ଥାନାନ୍ତର ହେଉନଥିବାରୁ ରାସ୍ତାକଡ଼ରେ ପଶୁ କଟାଯାଉଛି । କେନ୍ଦୁଝର ସହରର ଗାନ୍ଧୀ ମାର୍କେଟ କମ୍ପ୍ଲେକ୍ସରେ ୪୦ଜଣ ଏହି ବେପାର ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରୀ କରୁଛନ୍ତି । ସମସ୍ତ ବେପାରୀଙ୍କୁ ସ୍ଥାନାନ୍ତର ପାଇଁ ଆବଶ୍ୟକ ସ୍ଥାନ ନଥିବାରୁ କିଛି ବେପାରୀଙ୍କୁ ସ୍ଥାନାନ୍ତର ପାଇଁ କୁହାଯାଉଥିବାରୁ ସେମାନଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । କେନ୍ଦୁଝରଗଡ ପୌରାଞ୍ଚଳରେ ଗାନ୍ଧୀ ମାର୍କେଟ, ବଣିଆପାଟ, ମାଇନିଂ ରୋଡ, ଚର୍ଚ୍ଚ ଛକ, ପୁରୁଣା ବଜାର, କଲେଜ ରୋଡ ଇତ୍ୟାଦି ଅଞ୍ଚଳରେ ଖାସି ଓ କୁକୁଡା ବେପାରୀ ନିର୍ଭୟରେ



ପ୍ରତିଦିନ ଖୋଲା ମେଲାରେ ଶହ ଶହ ପଶୁପକ୍ଷୀ କାଟୁଛନ୍ତି । କିନ୍ତୁ ଏହି ଖାସି ବା କୁକୁଡାମାନଙ୍କୁ ସ୍ଲଟର ହାଉସ୍‌ରେ ଗୁପ୍ତ ଭାବରେ କାଟି ମାଂସ ବିକ୍ରି କରିବା କଥା । ଏହି ପଶୁ ଓ ପକ୍ଷୀମାନଙ୍କୁ ମାରିବା ପୂର୍ବରୁ ୧୨ ଘଣ୍ଟା ଉପବାସ ରଖାଯିବା କଥା । କୁକୁଡ଼ାମାନଙ୍କୁ ସାଇକେଲ ଓ ମଟର ସାଇକେଲ ପଛରେ ବାନ୍ଧି ନିଷ୍ଠୁର ଭାବେ ପରିବହନ କରିବା ଆଇନ ସମ୍ମତ ନୁହେଁ । କିନ୍ତୁ ବିଭାଗୀୟ ନିରୀକ୍ଷକ ନଥିବାରୁ ଏଥିପ୍ରତି ନଜର ଦେବାକୁ କେହି ନାହିଁ । ଏହି ନିରୀକ୍ଷକମାନେ ମୋବାଇଲ କୋର୍ଟ ମାଧ୍ୟମରେ ଏହି ନିଷ୍ଠୁର ପଶୁ ପକ୍ଷୀ ହତ୍ୟାକାରୀମାନଙ୍କୁ, ବେଆଇନ ପଶୁ ପକ୍ଷୀ ଚାଲାଣକାରୀମାନଙ୍କୁ ଜୋରିମାନା କରିଥାନ୍ତି । ଏହି ଏସ୍ପିସିଏ ବିଭାଗଟି ରାଜ୍ୟ ସରକାରଙ୍କ ପଶୁ ସଂପଦ ବିଭାଗ ଅଧୀନରେ କାର୍ଯ୍ୟ କରୁଛି । ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଏହି ଏସ୍ପିସିଏ ନିରୀକ୍ଷକ ପଦବୀ ଥିଲେ ମଧ୍ୟ ବର୍ତ୍ତମାନ ଓଡ଼ିଶାରେ ମାତ୍ର ଦୁଇଟି ଜିଲ୍ଲା ମୟୂରଭଞ୍ଜ ଓ ପୁରୀରେ ନିରୀକ୍ଷକ ଅଛନ୍ତି । ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ପଦବୀ ଫାଙ୍କା ଅଛି । ଏସ୍ପିସିଏ ବିଭାଗ ପଦବୀ ଶୂନ୍ୟ ହୋଇଥିବାରୁ ଧରପଗଡ଼ ହୋଇ ପାରୁନାହିଁ । କେନ୍ଦୁଝରଗଡ଼ ପୌରାଞ୍ଚଳ ଧାଙ୍ଗରପଡାଠାରେ କୋଟି କୋଟି ଟଙ୍କା ବ୍ୟୟରେ ଏକ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି । ସେଠାରେ କୁକୁଡା ଓ ଖାସି ବେପାରୀଙ୍କୁ ଯୋଗାଇ ଦେବା ପାଇଁ ସ୍ଲଟର ହାଉସ । କିନ୍ତୁ ଆଜି ପର୍ଯ୍ୟନ୍ତ ସେ କମ୍ପ୍ଲେକ୍ସକୁ କୌଣସି ବେପାରୀଙ୍କୁ ଯୋଗାଇ ଦିଆଯାଇନାହିଁ କି ସେଠାକୁ ଯିବାକୁ ବେପାରୀମାନଙ୍କୁ ବାଧ୍ୟ କରାଯାଇନାହିଁ । ଖାସି, କୁକୁଡାଙ୍କୁ ନିର୍ଦ୍ଦୟ ଭାବେ ରାସ୍ତା କଡରେ ଖୋଲା ଖୋଲି ମାରି ଟାଙ୍ଗିବା ଯୋଗୁଁ ଜନସାଧାରଣ, ଛୋଟ ଛୋଟ କୋମଳମତି ସ୍କୁଲ ପିଲାଙ୍କ ମନରେ କୁପ୍ରଭାବ ପକାଉଛି । ତୁରନ୍ତ ଏହି ବେପାରୀମାନଙ୍କୁ ଧାଙ୍ଗରପଡା ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ସ୍ଲଟର ହାଉସକୁ ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି ।

# ବାତ୍ୟା ଆଶ୍ରୟସ୍ଥଳୀ ସ୍ଥାନ ପରିବର୍ତ୍ତନ ପାଇଁ ତହସିଲଦାରଙ୍କୁ ଦାବିପତ୍ର



ଏରସମା, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତ ଅନ୍ତର୍ଗତ ଖୁରାଣ୍ଟତୁଠ ଗ୍ରାମ ପ୍ଲଟ୍ ନଂ ୧୫୦ର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ୨୫ ଡିସ୍ମିଲ ଜାଗା ଉପରେ ଓସଡମା ପକ୍ଷରୁ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ପ୍ରସ୍ତାବ ରହିଛି । ତେବେ ଏହି ସ୍ଥାନରେ ଗତ ମହାବାତ୍ୟା ପରବର୍ତ୍ତୀ ସମୟରେ ରେଡ୍‌କ୍ରସ୍ ପକ୍ଷରୁ ସ୍ଥାନୀୟ ଲୋକମାନଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି । ବର୍ତ୍ତମାନ ସେଠାରେ ଲୋକମାନେ ବସବାସ କରୁଛନ୍ତି । ତେବେ ଏହି ପ୍ଲଟ୍‌ରେ କେତେକ ଅବ୍ୟବହୃତ ସ୍ଥାନ ରହିଛି, ଯେଉଁଠି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଗଲେ, ତାହା ମଧ୍ୟସ୍ଥଳି ହେବ ଏବଂ ଏହାଦ୍ୱାରା ଗ୍ରାମର ସମସ୍ତ ଜନସାଧାରଣ ଉପକୃତ ହେବେ ବୋଲି ଗ୍ରାମବାସୀମାନେ ଯୁକ୍ତି ଉପସ୍ଥାପନ କରିଛନ୍ତି । ଏ ସମ୍ପର୍କରେ ଖୁରାଣ୍ଟତୁଠ ଗ୍ରାମର ଶଶିକାନ୍ତ ପଣ୍ଡା, ବିଜୟ କୁମାର ରାଉତ, କବିନ୍ଦ୍ର କୁମାର ମାଝି, ପ୍ରମୋଦ କୁମାର ବେହେରା, ଧିରେନ୍ଦ୍ର କୁମାର ନାୟକ, କିଶାରାମ ପ୍ରଧାନ, ଚାଇନା ପ୍ରଧାନ, ଅରବିନ୍ଦ ପ୍ରଧାନ, କାହ୍ନୁ ବାଗ୍ ଓ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀମାନେ ଏରସମା ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏଥିସହିତ ଗ୍ରାମବାସୀଙ୍କ ପକ୍ଷରୁ ଜଗତସିଂହପୁର ଜିଲ୍ଲାପାଳଙ୍କୁ ମଧ୍ୟ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରାଯାଇଥିବାର ଜଣାପଡିଛି ।

# ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ଗୋପ, (ଭାସ୍କର ନ୍ୟୁଜ): ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି ଶୁକ୍ରବାର ଗୋପ ନିଗମାନନ୍ଦ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ । ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗୋପ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସୌଜନ୍ୟରେ ଗୋପ ନିଗମାନନ୍ଦ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ନିମନ୍ତେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଶାରୀରିକ, ମାନସିକ, ଦୃଷ୍ଟିହୀନ, ବାକ୍ ଓ ଶ୍ରବଣ ବାଧିତ ଭିନ୍ନକ୍ଷମମାନଙ୍କୁ ନୀରିକ୍ଷଣ କରାଯାଇ ଚିହ୍ନଟ କରାଯାଇଥିଲା । ଅନ୍‌ଲାଇନ୍ ମାଧ୍ୟମରେ ଭିନ୍ନକ୍ଷମମାନଙ୍କ ପଞ୍ଜିକରଣ କରାଯାଇ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା । ଏହି ଶିବିରରେ ୯୪୯ଜଣ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୭୫୪ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା । ୩୯୭ ଜଣ ଅସ୍ଥିଶଲ୍ୟ ଓ ଶାରିରୀକ ଅକ୍ଷମ ବ୍ୟକ୍ତିଙ୍କୁ ପରୀକ୍ଷା କରାଯାଇଥିବା ବେଳେ ୧୦୫ ଜଣ ମାନସିକ ଅନଗ୍ରସର, ୧୨୩ଜଣ ଶ୍ରବଣ ବାଧିତ, ୮୧ ଜଣ ନାସା ଓ ଗଳା ଏବଂ ୪୮ ଜଣ ଔଷଧ ବିଭାଗର ବ୍ୟକ୍ତିଙ୍କୁ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ଖୁବ୍‌ଶୀଘ୍ର ସେମାନଙ୍କୁ ପ୍ରମାଣପତ୍ର ଦିଆଯିବ ବୋଲି ବିଡିଓ ଛବିରାଣୀ ସାହୁ କହିଛନ୍ତି । ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ବ୍ଲକ ଫାଇନାସ୍ ଅଫିସର ମୋହନ ଦାସ, ସେକ୍ସନ ଅଫିସର କୃଷ୍ଣଚନ୍ଦ୍ର ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ଜେନା ଶିବିରକୁ ପରିଚାଳନା କରିଥିଲେ । ସେହିପରି ଗୋପ ବ୍ଲକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ଜିଲ୍ଲାପରିଷଦ ପ୍ରମୋଦରାୟ, ମଞ୍ଚନାଥ ମଣ୍ଡଳ ସଭାପତି ରାଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ତଦାରଖ କରିଥିଲେ । ଏଚିଏଚ୍ ରକ୍ତ ପରିବାର ରାଜ୍ୟ କୋଷାଧ୍ୟକ୍ଷ ସରୋଜିନୀ ସ୍ୱାଇଁ, ଜିଲ୍ଲା ସଭାପତି ଜୟଶ୍ରୀ ପାତ୍ର, ସରିତା ମହାପାତ୍ରଙ୍କ ସମେତ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ରମାନେ ସାହାଯ୍ୟର ହାତ ବଢାଇବା ସହ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲରେ ଶିବିରକୁ ନବାଆଣିବା କରିଥିଲେ ।

# ପାରଦ ଖସୁଛି, ଥଣ୍ଡା ବଢୁଛି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କିଛି ଦିନ ହେଲାଣି ଲକ୍ଷ୍ମୀପୁର ବ୍ଲକରେ ଘନ କୁହୁଡି ସହ ପ୍ରବଳ ଥଣ୍ଡା ଅନୁଭୂତି ହେଉଛି । ଅନ୍ଧାର ହେଲେ ପାରଦ ଖସୁଛି ଥଣ୍ଡା ବଢୁଛି । ଫଳରେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡିଛି । ରାତି ଯେତେ ଯେତେ ହେଉଛି ଥଣ୍ଡା ସେତେ ବଢୁଛି । ରାତି ବାରଟାରୁ ପାହାନ୍ତିଆ ପାଞ୍ଚଟା ପର୍ଯ୍ୟନ୍ତ ପାରଦ ଦଶରୁ ଏଗାର ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଛଅଟା ହେଲେ ତେର ଡିଗ୍ରୀ ପାଖା ପାଖି ରହୁଛି । ଘନକୁହୁଡି ପାଇଁ ଦିନ ନଅଟା ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ମୁହଁ ଦିଶୁନି । କୁହୁଡି ପାଇଁ ରାସ୍ତା ଦିଶୁ ନଥିବାରୁ ଯାନବାହାନ ଚଳାଚଳରେ ବାଧା ଉପୁଜୁଛି । ଏହି ରାସ୍ତା ଦେଇ କଟକ, ଭୁବନେଶ୍ୱର ପଟରୁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଆସୁଥିବା ସମସ୍ତ ପାସେଞ୍ଜର ବସ୍‌ଗୁଡ଼ିକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଚାଳିଆ, କୁଡିଆରେ ରହୁଥିବା ଅସହାୟ ଲୋକଙ୍କ ଜୀବନ ସବୁଠୁ ଅଧିକ କଷ୍ଟଦାୟକ ହୋଇପଡ଼ିଛି । କିଛି ଲୋକ ଥଣ୍ଡାକୁ ସହ୍ୟ କରି ନପାରି ବିଳମ୍ବିତ ରାତି ଯାଏଁ ନିଆଁ ସେକି ହୋଇ ରାତି କାଟିବାକୁ ବାଧ୍ୟ ହେଉଛନ୍ତି । ପ୍ରକାଶ ଥାଉକି ଗତ ବର୍ଷ ଏହି ସମୟରେ ପାରଦ ଖସି ୭ ରୁ ୮ ଥିବାରୁ ଲକ୍ଷ୍ମୀପୁର ବ୍ଲକ ସଦରର କେତେକ ସ୍ଥାନରେ ବରଫର ପତଳା ଆସ୍ତରଣ ପଡ଼ିଥିବା ନଜରକୁ ଆସିଥିଲା । ଆଗକୁ ଏହିଭଳି ଥଣ୍ଡା ଯଦି ଜାରି ରହିବ ତେବେ ଅସହାୟ ଲୋକଙ୍କ ଜୀବନ କଷ୍ଟକର ହୋଇ ପଡିବା ପୂର୍ବରୁ ବ୍ଲକ୍ ପ୍ରଶାସନ ତରଫରୁ କମ୍ବଳ ବାଣ୍ଟିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଆଞ୍ଚଳିକ ସରସ ମେଳା ପ୍ରସ୍ତୁତି ଚୂଡ଼ାନ୍ତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଗୋନାସିକା କେନ୍ଦୁଝର ମହୋତ୍ସବ ଏବଂ ନିମନ୍ତେ ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । କେନ୍ଦୁଝର ଷ୍ଟାଡିୟମରେ ଡିସେମ୍ବର ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଗୋନାସିକା ମହୋତ୍ସବ ଏବଂ କାଳୀ ପଡ଼ିଆଠାରେ ୧୮ ତାରିଖରୁ ୧୦ ଦିନ ବ୍ୟାପୀ ଡିସେମ୍ବର ୨୭ ଯାଏଁ ଆଞ୍ଚଳିକ ସରସ ମେଳା ଆୟୋଜିତ ହେବ । ୧୮ ତାରିଖ ଉଦ୍‌ଘାଟନୀ ସଂଧ୍ୟା ୬:୦୦ ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଆଞ୍ଚଳିକ ସରସ ମେଳା ଓ ପରେ ଗୋନାସିକା କେନ୍ଦୁଝର ମହୋତ୍ସବର ଶୁଭ ଉଦ୍‌ଘାଟନ କରିବେ । ଦ୍ୱିତୀୟ ସନ୍ଧ୍ୟାରେ ମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସୂରଜ ସୂର୍ଯ୍ୟବଂଶୀ,



ତୃତୀୟ ସନ୍ଧ୍ୟାରେ ମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମୁକେଶ ମହାଲିଙ୍ଗ, ଚତୁର୍ଥ ସନ୍ଧ୍ୟାରେ ମନ୍ତ୍ରୀ ଆଇନ, ଅବକାରୀ ଓ ପୂର୍ତ୍ତ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପଞ୍ଚମ ତଥା ଅନ୍ତିମ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ବିଶାଲ ସିଂହ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରିବା କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିରେ କେନ୍ଦୁଝରର କଳାକାରମାନଙ୍କ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲା, ଅନ୍ୟ ରାଜ୍ୟ ଏବଂ ବଲିଉଡ୍ କଳାକାର ଯଥା ନନ୍ଦୀ ସିଷ୍ଟର୍ସ, ଅନନ୍ୟା ପାଲ ଓ ନକାସ ଅଜିଜ ପ୍ରମୁଖ ନିଜ କଳା ନୈପୁଣ୍ୟ ପ୍ରଦର୍ଶନ ପୂର୍ବକ ଏହି ମହୋତ୍ସବକୁ ଆକର୍ଷଣୀୟ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ । ସେହିପରି ଓରମାସ ସହଯୋଗରେ କାଳୀ ପଡିଆରେ ଆୟୋଜିତ ହେବାକୁ ଥିବା ସରସ ମେଳାରେ ମୋଟ ୩୦୦ ଗୋଟି ଷ୍ଟଲ ସ୍ଥାନ ପାଇବ । ବିଶେଷକରି ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ଓ ବିପଣନ ନିମନ୍ତେ ପ୍ରାଧାନ୍ୟ ଦିଆଯାଇଛି । ଖାଦ୍ୟ ଷ୍ଟଲ୍ ଓ ପୁସ୍ତକ ମେଳାର ମଧ୍ୟ ବ୍ୟବସ୍ଥା କରାଯାଇ ସବୁ ବର୍ଗର ରୁଚିକୁ ଧ୍ୟାନ ଦିଆଯାଇଛି । ପଡିଆର ପରିମଳ ପ୍ରତି ବିଶେଷ ଧ୍ୟାନ ଦିଆଯିବା ସହ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଇଛି । ପଡିଆ ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସିଂହ ସୂଚନା ଦେଇଥିଲେ । ଏହି ଅବସରରେ ଗୋନାସିକା କେନ୍ଦୁଝର ମହୋତ୍ସବର ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ଉଭୟ ଗୋନାସିକା ଓ ସରସ ମେଳାରେ ବହୁ ସଂଖ୍ୟାରେ ଯୋଗଦେଇ କଳାକାର ଓ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହ କଳା ସଂସ୍କୃତିର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ନିମନ୍ତେ ଉଦ୍ଦିଷ୍ଟ ଏହି ଉତ୍ସବକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ସୁନାଚେନ୍ ଝାମ୍ପି ନେଲେ ଲୁଟେରା

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ସଦର ମହକୁମାର ପୋଷ୍ଟ ଅଫିସ୍ ଛକ ନିକଟରେ ଜଣେ ମହିଳାଙ୍କ ଠାରୁ ସୁନାଚେନ୍ ଝାମ୍ପି ଚମ୍ପଟ ମାରଛନ୍ତି ଦୁର୍ବୃତ୍ତ । ବୋରିଗୁମା ପୋଲିସ ଘଟଣାର ତଦନ୍ତ କରିବା ସହିତ ଆଖପାଖ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରୁଛି । ସୂଚନା ଅନୁଯାୟୀ, ପୋଷ୍ଟ ଅଫିସ ଛକ ନିକଟରେ କମଳିନୀ ସାମଲ ନାମକ ଜଣେ ବୃଦ୍ଧା ଘର ବାହାରେ ଏକାକୀ ଠିଆ ହୋଇଥିଲେ । ଏହି ସମୟରେ ଦୁଇ ଜଣ ଅଜଣା ଯୁବକ ଏକ କଳା ରଙ୍ଗର ବାଇକ୍‌ରେ ପହଞ୍ଚି ମାଉସୀ ପେଟ୍ରୋଲ୍ କେଉଁଠି ମିଳିବା ବୋଲି କମଳିନୀଙ୍କୁ ପଚାରିଥିଲେ । ପରେ କମଳିନୀ ହାତ ଟେକି ସେହି ଦୋକାନରେ ପେଟ୍ରୋଲ ମିଳିବ ବୋଲି କହିବା ମାତ୍ରେ ତାଙ୍କ ବେକରୁ ଦୁଇ ତୋଳାର ସୁନା ଚେନି ଝାମ୍ପି ନେଇ ଦୁର୍ବୃତ୍ତ ଚମ୍ପଟ୍ ମାରିଥିଲେ । ସୁନାଚେନ୍ ଝାମ୍ପି ନେବା ସମୟରେ ବୃଦ୍ଧାଙ୍କ ବେକରେ କ୍ଷତ ହୋଇଥିଲା । ଏନେଇ ବୋରିଗୁମା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚ ତଦନ୍ତ ଆରମ୍ଭ କରିଛି । ସେହି ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରୁଛି ପୋଲିସ । ଅନ୍ୟପଟେ ସୁନା ଚେନ୍ ଲୁଟ୍ ଘଟଣା ପରେ ସ୍ଥାନିୟ ବାସିନ୍ଦା ଏକପ୍ରକାର ଭୟଭୀତ ଅବସ୍ଥାରେ ରହିଛନ୍ତି ।

# ଘର ପୋଡ଼ିଦେବା ନେଇ ଥାନାରେ ଅଭିଯୋଗ

ଫୁଲନଖରା, (ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୁରୁଣ୍ଟି ମୌଜାରେ ଥିବା ଦଳିତ ବସ୍ତିର ଘରଗୁଡ଼ିକରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ପୋଡ଼ିଦେବା ସଂକ୍ରାନ୍ତରେ ସଦର ଥାନାରେ ଅଭିଯୋଗ ହୋଇଛି । ମାତ୍ର ପୋଲିସ ଏହି ଘଟଣାକୁ ଗୁରୁତ୍ୱ ଦେଉନଥିବାରୁ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଘଟଣାରୁ ପ୍ରକାଶ ଯେ ସଦର ଥାନା ଅନ୍ତର୍ଗତ କୁରୁଣ୍ଟି ମୌଜାରେ ସରକାର ଦେଇଥିବା ଭୂଦାନ କିସମ ଜାଗାରେ ୩୫ଟି ଦଳିତ



ପରିବାର ଘର ଓ ଚାଷବାସ କରି ରହୁଥିଲେ । କିଛି ଖଳପ୍ରକୃତିର ଲୋକେ ଏହି ଜମିକୁ ହାତେଇବାକୁ ଉଦ୍ୟମ କରି ବିଫଳ ହେବାରୁ ସେମାନେ ପ୍ରତିଶୋଧପରାୟଣ ହୋଇପଡ଼ିଥିଲେ । ଗତ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସେମାନଙ୍କ ଚାଳଛପର ଘରେ ନିଆଁ ଲଗାଇଦେବାରୁ ତିନି ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା । ଏ ନେଇ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଛି । ଦୁର୍ବୃତ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗରିବ ପରିବାରକୁ ସରକାର କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି ।

# କଂସାର- ସାହାସପୁର ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ): ଗ୍ରାମ ପରିବେଶ ସହିତ ବିଦ୍ୟାଳୟର ପରିବେଶ ଶିକ୍ଷାଦାନ ଉପରେ ପ୍ରଭାବ ପକାଇଥାଏ । ଗାଁ ଗଣ୍ଡାରେ ମଦର ପ୍ରସାର ଶିକ୍ଷା ବ୍ୟବସ୍ଥା ଏବଂ ଉତ୍ତରପିଢିଙ୍କି ପଙ୍ଗୁ କରିଦେବ। ସ୍ୱାଧୀନତା ଆନ୍ଦୋଳନ ପରି ମଦ ବିରୋଧୀ ଆନ୍ଦୋଳନ ହେବା ଆବଶ୍ୟକ । ସମସ୍ୟାର ସମାଧାନ ଯିଏ କରେ ସିଏ ନେତା । ଶିକ୍ଷକ, ଡାକ୍ତର, ଅଧିଭକ୍ତା ଏହି କାମ କରି ନେତା ପଦବାଚ୍ୟ ହୋଇପାରିବେ ବୋଲି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର-ସାହାସପୁର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ତାଙ୍କ ଅଭିଭାଷଣରେ କହିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ହୀରକ ଜୟନ୍ତୀ ସଭାପତି ଫକୀର ଚରଣ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟାରେ ଶ୍ରୀ ଜେନା ଆହୁରି କହିଥିଲେ ଯେ ବିଧାୟକ ସାଂସଦ ହେବା ସହଜ କିନ୍ତୁ ଜଣେ ନେତା ହେବା କଷ୍ଟ । ଯିଏ ୨୪ଘଣ୍ଟା ଅନ୍ୟ ପାଇଁ ମରେ ସିଏ ନେତା। ପାଠପଢି ଚାକିରି ପଛରେ ନଗୋଡାଇ ଅନ୍ୟକୁ ରୋଜଗାର ଦେବା ନିମନ୍ତେ ପ୍ରୟାସ କରିବା ଉଚିତ। ଏଥିପାଇଁ ବିଦ୍ୟାଳୟରେ ଦକ୍ଷତା ବିକାଶ କେନ୍ଦ୍ର



ଖୋଲାଯିବା ଆବଶ୍ୟକ । ଶ୍ରୀ ଜେନା ଭୀମଭୋଇଙ୍କ କବିତା "ପ୍ରାଣିର ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ" ଉଦ୍ଧାର କରି ଆଜିର କବି ଓ ସାହିତ୍ୟିକମାନେ ଏପରି ଲେଖିବାକୁ ଆହ୍ୱାନ ଦେଇଥିଲେ । ଏହି ଉକ୍ତିକୁ ବିଦ୍ୟାଳୟରେ ଲେଖିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ କୂଳପତି ଡ. ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ ଶିକ୍ଷକ ଛାତ୍ର ସମ୍ପର୍କ ଏବଂ ଶିକ୍ଷାୟତନ ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ, ନାଟ୍ୟକାର ଡ. ବିଜୟ କୁମାର ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଗଗନବିହାରୀ ମନ୍ତ୍ରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କବୟିତ୍ରୀ ବିଣାପାଣୀ ଚୌଧୁରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀଙ୍କ ସ୍ୱରଚିତ କବିତା ପାଠ ସଭାସ୍ଥଳକୁ ଆମୋଦିତ କରିଥିଲା। ପ୍ରାକ୍ତନ ପ୍ରଧାନଶିକ୍ଷକ ମୂରଲୀଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ଶହ ଶହ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟବ୍ୟକ୍ତି ଯୋଗ ଦେଇଥିଲେ । ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା ।

## ଜିଲ୍ଲାପାଳଙ୍କ ନିଆଳି ଗସ୍ତ

# ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ବିଭିନ୍ନ ମନ୍ଦିର ପରିଦର୍ଶନ

ନିଆଳି, (ଭାସ୍କର ନ୍ୟୁଜ): କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ନିଆଳି ବ୍ଲକରେ ଥିବା ବିଭିନ୍ନ ଐତିହାସିକ ମନ୍ଦିର ପରିଦର୍ଶନ କରିଛନ୍ତି । ମନ୍ଦିର ଉନ୍ନତିକରଣ, ଜବରଦଖଲ ଉଚ୍ଛେଦ ଓ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ନିମନ୍ତେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶରେ ପ୍ରଥମେ ନିଆଳି ନୂଆ ଗାଁ ସ୍ଥିତ ସୋଭନେଶ୍ୱର ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ନିଆଳି ବିଧାୟକ ଛବି ମଲିକ ଓ ଜିଲ୍ଲାପାଳ ମନ୍ଦିରର ପୂଜକ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ । ପରେ ମାଧବ ପଞ୍ଚାୟତରେ ଥିବା ମାଧବା ନନ୍ଦ ମନ୍ଦିର, ନିଭରଣର ରାମେଶ୍ୱର ମନ୍ଦିର ସଡାନ୍ୱର ତ୍ରିଲୋଚନେଶ୍ୱର ଓ କୃଷ୍ଣ ପ୍ରସାଦ ପଞ୍ଚାୟତର ନୂଆ ତୀର୍ଥପଡା ଅଙ୍ଗନେଶ୍ୱର ମହାଦେବ ମନ୍ଦିର, କୃଷ୍ଣପ୍ରସାଦ ବିଶ୍ୱନାଥ ମନ୍ଦିର, ନୂଆ ସାତଙ୍ଗ ମନ୍ଦିର ଓ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ପଶ୍ଚିମମୁଖୀ ମା' ଦୁର୍ଗାଣି



ମନ୍ଦିର, ପରିଦର୍ଶନ କରି ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ନିଆଳି ପ୍ରଶାସନ ପକ୍ଷରୁ ତହସିଲଦାର ଲେଲିନ ପ୍ରସାଦ ସାହୁ, ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ, ନିଆଳି ଥାନା ଏସ୍‌ଆଇ ତନୁଶ୍ରୀ ସାହୁ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସଂସଦଙ୍କ ଜିଲ୍ଲା ପ୍ରତିନିଧି ବନ୍ଧୁ ଚରଣ ସାହୁ, ନୂଆ ଗାଁ ସରପଞ୍ଚ ଜ୍ୟୋତିରଞ୍ଜନ ମଲିକ, ବିଜେପି ମଣ୍ଡଳ ଉପସଭାପତି, ତ୍ରିଲୋଚନ ବେହେରା, ଓ ବିଭିନ୍ନ ପଞ୍ଚାୟତର ପୂଜକ ଓ ବୁଦ୍ଧିଜୀବୀଙ୍କ ସହ ଜିଲ୍ଲାପାଳ ଓ ବିଧାୟକ ଆଲୋଚନା କରିଥିଲେ । ଖୁବ ଶୀଘ୍ର କଣ୍ଟାପଡା ବ୍ଲକରେ ଥିବା ଐତିହ୍ୟ ମନ୍ଦିରର ପରିଦର୍ଶନରେ ଜିଲ୍ଲାପାଳ ଆସି ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# 'ବୈତରଣୀ ମହୋତ୍ସବ' ପ୍ରସ୍ତୁତି ବୈଠକ

ଚାନ୍ଦବାଲି, (ଭାସ୍କର ନ୍ୟୁଜ): 'ବୈତରଣୀ ମହୋତ୍ସବ' -ପୁନଃ ପ୍ରସ୍ତୁତି ! କରୋନା ମହାମାରୀର ଆକ୍ରମଣ ସାଙ୍ଗକୁ ରାଜନୈତିକ ଝଡରେ ଦୀର୍ଘବର୍ଷ ଧରି ଗତିପଥ ହରାଇଥିବା ଚାନ୍ଦବାଲି ଆଉ କନିକାର ସମ୍ପର୍କ ସେତୁ ତଥା ଏହି ଦୁଇ ଅଞ୍ଚଳର ଅତ୍ୟନ୍ତ ଲୋକପ୍ରିୟ ସାଂସ୍କୃତିକ ମହୋତ୍ସବ 'ବୈତରଣୀ ମହୋତ୍ସବ'କୁ ଅସଂଖ୍ୟ ସାଧାରଣ ଜନତାଙ୍କ ବାରମ୍ବାର ଅନୁରୋଧ ରକ୍ଷାକରି, ପୁନଃ ଏହା ଆରମ୍ଭ କରାଯିବା ପାଇଁ ଦଳମତ ନିର୍ବିଶେଷରେ କନିକା ଓ ଚାନ୍ଦବାଲିର ବହୁ ସାମାଜିକ ସଂଗଠନ, ସମାଜସେବୀ, ଶିକ୍ଷାବିତ୍, ପରିବେଶବିତ୍, କଳାକାର ଏବଂ ବୁଦ୍ଧିଜୀବୀମାନେ ଅଣ୍ଟା ଭିଡ଼ିଛନ୍ତି । ଅନୁଷ୍ଠାନଟି ଇତିମଧ୍ୟରେ ସରକାରୀ ସ୍ତରରେ ପଞ୍ଜିକୃତ ହୋଇଥିବାରୁ ଆସନ୍ତା ବର୍ଷ ମାର୍ଚ୍ଚ ମାସ ଶେଷ ସପ୍ତାହରେ ଏହା ପାଳିତ ହେବାକୁ ଗତ ଗୁରୁବାର ଦିନ ଚାନ୍ଦବାଲି ସ୍ଥିତ ଅନନ୍ୟା ସ୍କୁଲ୍ ପରିସରରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇ ସର୍ବମତେ ସିଦ୍ଧାନ୍ତ ନିଆଯାଇଛି । ପ୍ରକାଶଯୋଗ୍ୟ ଯେ ୨୦୧୪ ମସିହାରୁ ଲଗାତର ୩ ବର୍ଷ ଧରି ଏପରି ଏକ ବହୁଳ ଜନାଦୃତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଥିବା ବେଳେ ଦୈନିକ ହଜାର ହଜାର ଦର୍ଶକଙ୍କ ଉପସ୍ଥିତ ସତେଯେପରି ଓଡ଼ିଶାର ଦ୍ୱିତୀୟ ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଥିଲା । ତେବେ ପରବର୍ତ୍ତୀ ସମୟରେ ଅନେକ ଗୁଡିଏ ବାଧାବିଘ୍ନ ଉପୁଜିଥିବା ଯୋଗୁ ବିଗତ କିଛି ବର୍ଷ ଏହା ବନ୍ଦ୍ ରହିଥିବା ବେଳେ ଅନେକ ନୂତନ କାର୍ଯ୍ୟକର୍ତ୍ତା ଏବେଠାରୁ ଏହାକୁ ନିରନ୍ତର ଭାବେ ପାଳନ କରିବାକୁ ଶପଥ ନେଇଛନ୍ତି । ବିଶେଷତଃ ଦିନକୁ ଦିନ ପୋତି ହୋଇଯାଉଥିବା ବୈତରଣୀ ନଦୀର ପୁନରୁଦ୍ଧାର, ବିଲୁପ୍ତ ପ୍ରାୟ ଜଳଜୀବଙ୍କ ସୁରକ୍ଷା, ନଦୀବନ୍ଧ ଏବଂ ଜଳ ପରିବେଶ ନିର୍ମଳ ଆଦି ଜନଜୀବନ କଲ୍ୟାଣ କାର୍ଯ୍ୟକୁ ହାତକୁ ନେବା ସହ ପାରମ୍ପରିକ ସାଂସ୍କୃତିକ କଳାର ବିକାଶ ଓ ସାମାଜିକ ସଂସ୍କାର ଦିଗରେ ସ୍ୱତନ୍ତ୍ର ଭାବେ ଏହି ଅନୁଷ୍ଠାନର ସମସ୍ତ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି । ଏହି ବୈଠକରେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ବୈକୁଣ୍ଠ ପରିଡା, ଶିକ୍ଷାବିତ୍ ନିରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ଦାସ, ଅମୂଲ୍ୟ ରାଉତ, ଉତ୍ତମ ପଢିହାରି, ବରିଷ୍ଠ ସମାଜ୍ ସେବୀ ତାରାପଦ ମହାନ୍ତି, ଦାମୋଦର ଧଳ, ମଙ୍ଗୁଳି ବେହେରା ବ୍ରଜକିଶୋର ପଣ୍ଡା, ଅମୀୟ ସାହୁ, ନିର୍ମଳ ରାଉତ, ସୁଧୀର ବେହେରା, ଗଙ୍ଗାଧର ଦାସ, ଭରତ ଦାସ, ସୁଶୀଲ ବାରିକ, ଉମାକାନ୍ତ ମିଶ୍ର, ଦେବଦତ୍ତ ଦାସ, ସେକ ଫିରୋଜ, ସୌମ୍ୟକାନ୍ତ ନାୟକ, କିଶୋର ନାୟକ, ରଞ୍ଜନ ଦାସ, ଅଶୋକ ସାହୁ, ଆଇନଜୀବୀ ଆଦିତ୍ୟ କୁମାର ବିଶ୍ୱାଳ, ନାରିନେତ୍ରୀ ଚନ୍ଦ୍ରକାନ୍ତି ଦାସ ଏବଂ ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ ।





ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ସ୍ଥାନୀୟ ମଦନମୋହନ ମଠ ପରିସରରେ ଶନିବାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ମହୋତ୍ସବ ଓ ସତସଙ୍ଗ କେନ୍ଦ୍ରର ପଞ୍ଚଦଶ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସତସଙ୍ଗ କେନ୍ଦ୍ରରେ ପ୍ରତ୍ୟୁଷରୁ ଉଷାକୀର୍ତ୍ତନ, ସକାଳ ପ୍ରାର୍ଥନା, ଭଜନ କୀର୍ତ୍ତନ ଓ ନଗରକୀର୍ତ୍ତନ ପରେ ମଦନମୋହନ ମଠପରିଷରରେ ଓଡ଼ିଶାର ବରିଷ୍ଠ ସହପ୍ରତି ରତିକ ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ପୌରୋହିତ୍ୟରେ ଧର୍ମଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରତିକ ହୃଷିକେଶ ଆଚାର୍ଯ୍ୟ, ଗୋବିନ୍ଦ ଭୂୟାଁ, ରାମଚନ୍ଦ୍ର ଭୂୟାଁ, ବିଜୟ କୁମାର ମାଦେଳି, ନିରଞ୍ଜନ ଜେନା, ଗୋପାଳ ଦାସ, ନୃସିଂହ ବେହୁରା ପ୍ରମୁଖ ଧର୍ମଚର୍ଚ୍ଚା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ ଯେ ଆମ ସମସ୍ତଙ୍କର ଜୀବନ୍ତ ଠାକୁର ହେଉଛନ୍ତି ପିତା ମାତା। ତାଙ୍କୁ ପାଇଁ ଜୀବନ ଉତ୍ସର୍ଗୀକୃତ ହେବା ଆବଶ୍ୟକ। ଏଥିରେ ରତିକ ବିରେନ ରାଉତ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଘୁନାଥପୁର ସତସଙ୍ଗ କେନ୍ଦ୍ରର ଇନ୍‌ଚାର୍ଜ ନିର୍ମଳ କୁମାର ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା ଓ ଶରତ ଚନ୍ଦ୍ର ସ୍ୱାଇଁ ଧ୍ୱନୀ ଦେଇଥିଲେ। ଅପରାହ୍ନରେ ମାତୃ ସମ୍ମିଳନୀ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାବା ସଦାନନ୍ଦ ଯୋଗ ଦେଇ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବିଷୟରେ ଉଦ୍‌ବୋଧ ଦେଇଥିଲେ। ସମ୍ମିଳନୀକୁ ବିଜୟନ୍ତୀ ସ୍ୱାଇଁ ଏବଂ ଜୁଲି ମା’ ପରିଚାଳନା କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛି ରାସ୍ତାକାମ

କୋରାଇ,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଗମନାଗମନ ଭଳି ଲୋକଙ୍କ ମୌଳିକ ସୁବିଧା ପ୍ରତି ଗୁରୁତ୍ୱ ଦେଇ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାକୁ ତ୍ୱରାନ୍ୱିତ କରୁଥିବା ବେଳେ ତଳସ୍ତରରେ ଥିବା ବିଭାଗୀୟ ଅଧିକାରୀ ମାନଙ୍କର ଲାଞ୍ଚଖୋର ମନବୃତ୍ତି ଯୋଗୁଁ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଉନ୍ନୟନ ନାମରେ ଲୋକଙ୍କ ଟିକସ ପଇସା ହରିଲୁଟ ଚାଲିଛି। କଥାରେ ଅଛି ବାଡ଼ ହୋଇ ଯଦି କ୍ଷେତ ଖାଇବ ଲୋକ ଗୁହାରୀ କରିବେ କାହାକୁ ? ଏମିତି ଏକ ଘଟଣା କୋରେଇ ବ୍ଲକ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ହେଉଥିବା ପଛିକୋଟ ଲକ୍ଷ୍ମୀନଗର ଗ୍ରାମ୍ୟ ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ରାସ୍ତାଟି ପାଣିକୋଇଲି-ରଗଡ଼ି ରାସ୍ତାର ପଛିକୋଟ ଛକଠାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ଖମିଗାଁ ରାସ୍ତା ଅତିକ୍ରମ କରି ୨୦ନମ୍ବର ଜାତୀୟ ରାଜପଥର ଲକ୍ଷ୍ମୀନଗର ଛକ ନିକଟରେ



ସଂଯୋଗ ହୋଇଛି। ଏହି ରାସ୍ତା ଦେଇ କୋରାଇ ବ୍ଲକର ରଣପୁର, ଅସନଝର, କନ୍ତୋର, କାଚରାସାହି, ପଛିକୋଟ ଆଦି ପଞ୍ଚାୟତରୁ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଏହି ରାସ୍ତା ଉପରେ ଦେଇ ଦୈନନ୍ଦିନ ଯାଜପୁର ରୋଡ, କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ବିଭିନ୍ନ ସ୍ଥାନକୁ ଯିବା ଆସିବା କରିଥାନ୍ତି। ହେଲେ ଏହି ରାସ୍ତାଟି ଦୀର୍ଘଦିନ ଧରି ନିର୍ମାଣ ଓ ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଫଳରେ ଲୋକେ ଯାତାୟାତରେ ବହୁ ହିନସ୍ତା ଭୋଗୁଥିଲେ। ଗତ ଡିସେମ୍ବର ମାସରେ ତତ୍କାଳୀନ ବିଧାୟକ ଅଶୋକ କୁମାର ବଳଙ୍କୁ ନିର୍ମାଣ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ତାଙ୍କ ଉଦ୍ୟମକ୍ରମେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ପ୍ରାୟ ୮ ମାସ ହେବ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସଂପୃକ୍ତ ଠିକାଦାର ସୂଚନା ଫଳକ ନିର୍ମାଣ କାର୍ଯ୍ୟର ବିବରଣୀ ସଂପର୍କରେ ଲୋକଙ୍କୁ ଅନ୍ଧାରରେ ରଖି କାର୍ଯ୍ୟକରୁଛି। ରାସ୍ତାର ବେସ୍ ନିର୍ମାଣ ହେବା ସହ ଏଥିରେ ମେଟାଲ ଚିପ୍ସ ଓ ଡଷ୍ଟ ପକାଯାଇ ରୋଲିଂ କରାଯାଇ ଉଭୟ ପାର୍ଶ୍ୱରେ ମାଟି ପକାଯାଇଛି। ହେଲେ ମାଟି ବାହାରୁ ଆଣି ରାସ୍ତା ନିର୍ମାଣ କାର୍ଯ୍ୟ କରାଯିବାକୁ ନିୟମ ଥିବାବେଳେ ଏହା ରାସ୍ତା ପାର୍ଶ୍ୱ ପଡ଼ିଆରୁ ମାଟି ତାଡ଼ି ପକାଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଯାହାଫଳରେ ବର୍ଷାଦିନେ ରାସ୍ତା ଧୋଇହୋଇ ମାଟି ସବୁ ଖାଲକୁ ଚାଲିଯିବ। ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯିବାର ଆଶଙ୍କା ମଧ୍ୟ ରହିଛି। ଏନେଇ ଆମେ ଗ୍ରାମ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲୁ। ସେ ତାଙ୍କ ଫୋନ ଉଠାଇ ନଥିଲେ। ଏଥିରୁ ସ୍ପଷ୍ଟ ଅନୁମେୟ କି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା କେତେ ? ଯାଜପୁର ଜିଲ୍ଲାପାଳ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରି ଲାଞ୍ଚୁଆ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରାସ୍ତା କାର୍ଯ୍ୟକୁ ତଦାରଖ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ବେଲାରପୁରରେ କୁହୁଳୁଛି ଅସନ୍ତୋଷର ନିଆଁ

# ୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତର ନୋଳସାହି ଓ ବେଲାରପୁର ଦୁଇଟି ଗ୍ରାମବାସୀଙ୍କ ମଧ୍ୟରେ ବୁଧବାର ମଧ୍ୟ ରାତ୍ରିରୁ ଗାଡ଼ି କଟାକଟିକୁ ନେଇ ଆରମ୍ଭ ହୋଇଥିବା ଗଣ୍ଡଗୋଳର ନିଆଁ ଏବେ ମଧ୍ୟ ଥମିବାରେ ନାଁ ଧରୁନାହିଁ । ଦୁଇଦିନ ହେଲା ଏହି ଗଣ୍ଡଗୋଳକୁ ପ୍ରଶମିତ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଲାଣି । ଗତକାଲି ଠାରୁ ବେଲାରପୁର ଗ୍ରାମର ଲୋକମାନେ ବେଲାରପୁର ବଜାର ଠାରେ ରାସ୍ତାରେ ଟାୟାର ଜାଳି ଲକ୍ଷ୍ମୀନାରାୟଣପୁର-ବେଣିପୁର ରାସ୍ତା ଅବରୋଧ କରିଥିବା ବେଳେ ସେମାନଙ୍କୁ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଦେବେନ୍ଦ୍ର କୁମାର ମଲିକଙ୍କ ବୁଝାଶୁଝା କରି ଆନ୍ଦୋଳନରୁ ବିରତ କରାଇଥିଲେ। ଏଥିସହ ଘଟଣା ସ୍ଥଳରେ ଗୋଟିଏ ପ୍ଲାଟୁନ୍ ପୋଲିସ୍ ଫୋସ୍



**ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାରେ ପୋଲିସ୍ ନାକେଦମ୍**

ମୁତୟନ ରହି ପରିସ୍ଥିତିକୁ ତୀକ୍ଷ୍ଣ ନଜର ରଖିଥିଲେ। ତେବେ ଆଜି ସକାଳେ ନୋଳସାହି ଗ୍ରାମର ଜଣେ ଯୁବକ ବେଲାରପୁର ଗ୍ରାମକୁ ଆସିଥିବା ବେଳେ ସମ୍ପୃକ୍ତ ଯୁବକ ଜଣକ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳର ମୁଖ୍ୟସୂତ୍ରଧର କହିବା ସହ ତାଙ୍କୁ ଅଟକ ରଖି ପୋଲିସ୍‌ର ଜିମା ଦେଇଥିଲେ । ତେବେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ପୁନର୍ବାର ଦୁଇ ପ୍ଲାଟୁନ ପୋଲିସ୍ ଫୋର୍ସ ଗ୍ରାମରେ ମୁତୟନ କରିବା ସହ ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଶ୍ରୀ ମଲିକ ଓ ଡେରାବିଶ ଥାନା ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ଜଣାଯାଇଛି।

# ଆଦର୍ଶ ବିଦ୍ୟାଳୟ ସମୂହ ରାଲିରେ ୬ ଛାତ୍ରୀ ଗୁରୁତର



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ବିଶ୍ୱ କଞ୍ଜରଭେସନ୍ ଦିବସ ଉପଲକ୍ଷେ ରଘୁନାଥପୁର ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ରାଲିରେ ୬ଜଣ ଛାତ୍ରୀ ଗୁରୁତର ଭାବେ ଅସୁସ୍ଥ ହୋଇ ରଘୁନାଥପୁର ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଜଣାଯାଇଛି। ପ୍ରକାଶ ଥାଉକି, ରଘୁନାଥପୁର କୋରକୋରାଠାରେ ଥିବା ଆଦର୍ଶ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଆଜି ବିଶ୍ୱ କଞ୍ଜରଭେସନ୍ ଦିବସ ଉପଲକ୍ଷେ ସଚେତନତା ପାଇଁ ଦେଢ କିଲୋମିଟର ଦୂର ପଣ୍ଡୁଆ ଗ୍ରାମକୁ ଏକ ରାଲି କରି ଯାଇଥିଲେ। କିନ୍ତୁ ଫେରିବା ବେଳେ ଏହି ରାଲିରେ ୬ଜଣ ଛାତ୍ରୀ ପ୍ରାଚୀ ପ୍ରତ୍ୟୁଷା(୧୪), ସୁଦିକ୍ଷା(୧୪), ରତୁପୂର୍ଣ୍ଣା ଦାସ(୧୨), ସ୍ମୃତିରେଖା(୧୨), ମୋନାଲିସା(୧୨) ଏବଂ ସାଇ ଆରୋଗ୍ୟ ରାଉତ(୧୨)ଙ୍କର ହଠାତ୍ ମୁଣ୍ଡ ବୁଲାଇବା ସହିତ ନିଜ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ଦେଖି ସ୍କୁଲର ଅଧ୍ୟକ୍ଷ ହୃଷିକେଶ ସାହୁ ଏବଂ ଶିକ୍ଷୟିତ୍ରୀମାନେ ଅସୁସ୍ଥ ଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ରଘୁନାଥପୁର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପିଲାମାନଙ୍କର ଅବସ୍ଥା ସ୍ଥିର ରହିଥିବା ବେଳେ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦଳେଇ ଛାତ୍ରୀମାନଙ୍କ ନିକଟରେ ପହଞ୍ଚି ପ୍ରତ୍ୟକ୍ଷ ଭାବେ ଚିକିତ୍ସାରେ ସହଯୋଗ କରିଥିଲେ।

# ନୂତନ ଥାନା କୋଠାକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଆସନ୍ତା ୧୬ତାରିଖରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ନୂତନ କୋଠାକୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏ ନେଇ ଶନିବାର ମଧ୍ୟାହ୍ନ ସମୟରେ ଡିଆଇଜି (ସିଆର୍)ଶ୍ରୀ ଚରଣ ସିଂ ମୀନା, ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି ଅସ୍ତରଙ୍ଗରେ ପହଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନୂତନ କୋଠା ବୁଲି ଦେଖିଥିଲେ। ସୂଚନା ଅନୁସାରେ ଅସ୍ତରଙ୍ଗ ବଜାର ନିକଟରେ ଅସ୍ତରଙ୍ଗ ଥାନାର ନୂତନ କୋଠା ନିର୍ମାଣ କାର୍ଯ୍ୟ ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ଆରମ୍ଭ ହୋଇଥିଲା। ଏ କୋଠାରେ ଆବଶ୍ୟକ ଥିବା ସମସ୍ତ ସରଞ୍ଜାମ ରହିଛି ନିର୍ମାଣ




କାର୍ଯ୍ୟ ଶେଷ ହେବାରୁ ୧୬ତାରିଖରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବେ। ନୂତନ ଥାନା ଡିଆଇଜି ପରିଦର୍ଶନ ସମୟରେ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, କାକଟପୁର ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ ଓ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ସମାରୋହରେ ସମସ୍ତ ବିଭାଗୀୟ ଅଧିକାରୀ, ବିଧାୟକ, ସାଂସଦ, ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ ନାଗରିକ, ଶିକ୍ଷାବିତ୍‌ଙ୍କ ସହ ପ୍ରତି ପଞ୍ଚାୟତର ବୁଦ୍ଧିଜୀବୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବିନା ଅନୁମତିରେ ଡି.ପଏଣ୍ଟ କେଜି ସ୍କୁଲର ନାମ ପରିବର୍ତ୍ତନକୁ ନେଇ ଅସନ୍ତୋଷ

ପାରାଦୀପ, (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ଅନ୍ତେବାସୀଙ୍କ ଛୋଟ ପିଲା ମାନଙ୍କ ପାଇଁ ୧୯୭୬ ମସିହାରେ ସ୍ଥାପିତ ହୋଇଥିଲା ଡି.ପଏଣ୍ଟ କେ.ଜି ସ୍କୁଲ। ଏହି ସ୍କୁଲରେ ଛୋଟ ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ସାଙ୍ଗକୁ ଏହା ସଠିକ ଭାବେ ପରିଚାଳିତ ହୋଇଆସୁଥିଲା। କିନ୍ତୁ କିଛିବର୍ଷ ହେବ ଅନୁଷ୍ଠାନର ପରିଚାଳନାରେ ଚଞ୍ଚକତା, ଯୋଗ୍ୟତା ବିହୀନ ଗୃହିଣୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସ୍ଥାପିତ କରିବା ଇତ୍ୟାଦି ଘଟଣା ଯୋଗୁଁ ସ୍କୁଲ ଏବଂ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଯାଉଥିବା ନେଇ ସ୍କୁଲର କିଛି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ବିନା ଅନୁମତିରେ ଡି.ପଏଣ୍ଟ କେ.ଜି ସ୍କୁଲର ନାମ ପରିବର୍ତ୍ତନ କରାଯାଇ ଡି.ପଏଣ୍ଟ ପ୍ରାଇମେରୀ ସ୍କୁଲ ନାମ ରଖାଯିବା ନେଇ ଅଭିଯୋଗ ଉଠିଛି। ଅନ୍ୟପକ୍ଷରେ ଅନଭିଜ୍ଞ ଓ ଶିକ୍ଷାଗତ ଯୋଗ୍ୟତା ନଥାଇ ସ୍କୁଲରେ ଅବସ୍ଥାପିତ ପ୍ରଧାନ ଶିକ୍ଷକଙ୍କ ଅଦୂରଦୃଷ୍ଟି ଯୋଗୁଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବହୁ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଏବଂ ସ୍କୁଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ନେଇ ଖବର ହସ୍ତଗତ ହୋଇଛି । ତେଣୁ ଏଥିପ୍ରତି ସ୍କୁଲ ପରିଚାଳନା କମିଟିର ମୁଖ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସ୍କୁଲର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ସାଧାରଣରେ ଅନୁରୋଧ କରାଯାଇଛି।

# ପଞ୍ଚବଟୀରେ ଶ୍ରୀରାମ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ

ଫୁଲନଖରା,(ଭାସ୍କର ନ୍ୟୁଜ୍) : ପାହାଳ ଥାନା ଅନ୍ତର୍ଗତ ଜୟର ଶାସନ ପଞ୍ଚବଟୀସ୍ଥିତ ଶ୍ରୀ ବଟେଶ୍ୱର ମହାଦେବ ମନ୍ଦିର ପରିସରରେ ନୂତନ ଶ୍ରୀରାମ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ବାଳକୃଷ୍ଣ ବେହେରା, କର୍ତ୍ତୀ ନିଳିମା ବେହେରା, ହେମନ୍ତ କୁମାର ସାହୁ, ବିନୋଦିନୀ ସାହୁ, କେଳୁଚରଣ ଖୁଣ୍ଟିଆ, ଅନିଲ କୁମାର ସାହୁ, ରୁନୁବାଳା ସାହୁ, ପ୍ରଦୀପ ବେହେରା, ପ୍ରମିଳା ବେହେରା ପ୍ରମୁଖ କାର୍ଯ୍ୟ ସଂପାଦକ କରିଥିଲେ। ଡ଼ଃ ଦିଲ୍ଲୀପ କୁମାର ଦାସ, ଅର୍ଜୁନ କୁମାର ବେହେରା, ଅଜୟ କୁମାର ପରିଡ଼ା, ଅନିତା ବେହେରା, ମାମି ପରିଡ଼ା, ନିଳିମା ଦାସ, ଜଗନ୍ନାଥ ସାହୁ, ଭାଗବତ ସାହୁ, ଦ୍ୱାରିକାନାଥ ମହାପାତ୍ର, କିଶୋର ଚନ୍ଦ୍ର ସାହୁ, ମାଗୁଣୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମହେଶ୍ୱର ଦାସ, ଲକ୍ଷ୍ମୀଧର ପାତ୍ର, ରମେଶ କୁମାର ସାହୁ, ଆଇନଜୀବୀ କବିନାରାୟଣ ଜେନା, ପ୍ରଶାନ୍ତ ବେହେରା, କ୍ଷୀରୋଦ ପଟ୍ଟନାୟକ, କିଶୋର ରାଉତରାୟ, ଅର୍ଜୁନ ଭୋଇ, ମନ୍ଦିର ଶିଳ୍ପୀ କୃପାସିନ୍ଧୁ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପୂଜକ ପଣ୍ଡିତ ବ୍ରହ୍ମାନନ୍ଦ ହୋତା ଶର୍ମା, ରବିନାରାୟଣ ପଣ୍ଡା, ମୁରଲୀଧର ପଣ୍ଡା, ଲଲାଟେନ୍ଦୁ ପଣ୍ଡା, ଦେବେନ୍ଦ୍ର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଗ୍ରାମବାସୀଙ୍କ ସମେତ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏଥିରେ ସହଯୋଗ କରିଥିଲେ।

# ତିନିଶହ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଅନ୍ତର୍ଗତ କଣ୍ଟାପଡା ଗ୍ରାମର




ମହାପ୍ରଭୁ ଗଟେଶ୍ୱରଙ୍କ ପ୍ରାଙ୍ଗଣରେ ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟ ତରଫରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ମହିଳାଙ୍କୁ କମ୍ବଳ ବଣ୍ଟନ ସହ ଅନ୍ନଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟ ର ଚେୟାରମ୍ୟାନ ଅବନୀ ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାନେତ୍ରୀ ଭାରତୀ ବେହେରା, ନିରୁପମା ବେହେରା ସମାଜସେବୀ ତଥା ଗଟେଶ୍ୱର ମନ୍ଦିର କମିଟି ସଭାପତି ବିପିନ ବେହେରା, କଣ୍ଟାପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା କଣ୍ଟାପଡା ବ୍ଲକ ସରପଞ୍ଚ ସଂଘର ସମ୍ପାଦକ ନିର୍ମଳ କୁମାର ସାହୁ, ବ୍ରାହ୍ମଣବାଟି ସରପଞ୍ଚ ତଥା କଣ୍ଟାପଡା ବ୍ଲକ ସରପଞ୍ଚ ସଙ୍ଘର ସଭାପତି ସଞ୍ଜୟ କୁମାର ରାଉତରାୟ, ସୁକାନ୍ତ ବେହେରା, ମନମୋହନ ବେହେରା, ରବୀନ୍ଦ୍ର ବେହେରା ଓ ମଜନୁ ପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ପ୍ରତି ମାସର ଦ୍ୱିତୀୟ ଶନିବାର ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଚାରିଟେବଲ ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି।

# ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ପରିଚାଳକଙ୍କ ପରଲୋକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଡବାରଙ୍ଗ ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ପରିଚାଳକ ଫକିର ମୋହନ ବେହେରାଙ୍କ ଶୁକ୍ରବାର ୬୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମର ଶରୀରକୁ କେନ୍ଦ୍ରାପଡା ସ୍ଥିତ ବାସଭବନକୁ ଅଣାଯିବା ପରେ ତାଙ୍କ ବିୟୋଗ ଖବର ପାଇ ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲ ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ୍, ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ଗୋଲକ ବିହାରୀ ବେହେରା, ଅଜୟ କୁମାର ନାୟକ ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବଡବାରଙ୍ଗସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଜଣେ ଭଦ୍ର, ଅମାୟିକ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କ



ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁତ୍ର ଅମ୍ବିକା ପ୍ରସାଦ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ରାଜ୍ୟ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘର ପୂର୍ବତନ ସଭାପତି ସ୍ୱାଧୀନ କୁମାର ଦାଶ, ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡ଼ିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ, ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡ଼ିଶା ସର୍କଲ ବାଲେଶ୍ୱର ଜୋନ୍‌ର ଜୋନାଲ ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘ ଉପସଭାପତି ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

# ଦେଶୀମଦ ଜବତ, ୩ ଗିରଫ

ବୋଲଗଡ଼,(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଗୁନିଆ ଅବକାରୀ ଥାନା ଅଂଚଳରେ ଚଢାଉ କରି ୧୬ ଲିଟର ଦେଶୀ ମଦ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଭ୍ରାମ୍ୟମାଣ ଅବକାରୀ ବିଭାଗ ଏସଆଇ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ଆଦର୍ଶ ସାହିର ଶାନ୍ତି ଲତା ନାୟକ ଓ କଣ୍ଟାବାଡ ଗ୍ରାମର ମଧୁସୂଦନ ନାୟକ। ତେବେ ଏମାନଙ୍କ ୨ ଜଣ ଗିରଫ ହୋଇଥିବା ବେଳେ ୧ ଜଣଙ୍କୁ ବିଏନ୍‌ଏସ୍‌ଏସ୍ (୩୫)(୩)ରେ ଛାଡି ଦିଆଯାଇଛି ।

# ଜଗତସିଂହପୁରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ


ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା ଅଦାଲତ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଶ୍ରୀନିବାସ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଶ୍ରୀ ଶ୍ରୀନିବାସ ପ୍ରତିହାରୀଙ୍କ ସହ ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ସବ୍‌ଜଜ୍ ରାକେଶ କୁମାର ମୁଦୁଲି, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ପ୍ରାଧିକରଣର ସଚିବ ବି.ଡି.ଡି ଚନ୍ଦନା, ରେଜିଷ୍ଟ୍ରାର ସିଭିଲ୍ କୋର୍ଟସ୍ ବିଶ୍ୱକଳ୍ପିତା ମହାନ୍ତି, ସବ ଜଜ୍ ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ଏସ୍.ଡି.ଜେ.ଏମ୍ ନିରଞ୍ଜନ ଦାସ, ମୁନଶିଫ ଅନନ୍ୟା ଦାସ, ଜେ.ଏମ୍.ଏଫ୍.ସି ସଦକ କାଟଜେ ପ୍ରମୁଖ ଯୋଗଦେଇ ମାମଲା ଗୁଡ଼ିକର ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ ଅଦାଲତରେ ଏବଂ ତିର୍ତ୍ତୋଲ ଆଇନ ସେବା କମିଟି ପକ୍ଷରୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପାରସ ପାଢୀଙ୍କ ଅଧ୍ୟକ୍ଷତାରେ ତିର୍ତ୍ତୋଲ ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର




ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ, ଆଇନଜୀବୀ ପ୍ରମୋଦ କୁମାର ଷଡଙ୍ଗୀ ଏବଂ ବରିଷ୍ଠ ଆଇନଜୀବୀମାନେ ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ ୨୯୪୬ ମାମଲାରୁ ୧୭୧୫ଟି ସଫଳତାର ସହ ଫଇସଲା ହେବା ସହିତ ୩ କୋଟି ୫୨ ଲକ୍ଷ ୩୨ ହଜାର ୯୫୯ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ର ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମାରେ ୪୩୯୧ଟି ମାମଲରୁ ୮୬ଟି ସଫଳତାର ସହ ଫଇସଲା ହେବା ସହିତ ୧୧ ଲକ୍ଷ ୨୨ ହଜାର ୯୪୭ ଟଙ୍କା ଋଣ ଆଦାୟ କରାଯାଇଛି। ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଏବଂ ଏରସମା ଅଦାଳତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ବିଚାରପତିମାନଙ୍କ ଦ୍ୱାରା ମୋକଦ୍ଦମା ଗୁଡିକର ଫଇସଲା କରାଯିବା ସହ ଜୋରିମାନା ଆଦାୟ କରାଯାଇଛି।

# ରାଶିଫଳ


ରବିବାର, ୧୫ ଡିସେମ୍ବର ୨୦୨୪



**ମେଷ:** ଏହି ରାଶିର ଲୋକେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ନେବେ। ଆଜି ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିବେ, ଯାହା ଘରକୁ ଚଳଚଞ୍ଚଳ କରିବ। ଚାକିରି କ୍ଷେତ୍ରରେ ଆପଣଙ୍କର ପ୍ରଭାବ ବୃଦ୍ଧି ପାଇବ।




**ବୃଷ:** ଏହି ରାଶିର ଲୋକଙ୍କୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ପଡିବ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ଦୟାକରି ଧ୍ୟାନ ଦିଅନ୍ତୁ । ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହୋଇପାରେ ।



**ମିଥୁନ:** ଏହି ରାଶିର ଲୋକଙ୍କ ପାଇଁ ସ୍ଥାୟୀ ଧନ ବୃଦ୍ଧି ହେବାର ସମ୍ଭାବନା ଅଛି । ବ୍ୟବସାୟୀମାନେ ଏକ ଲାଭଜନକ ଡିଲ୍ କରିପାରିବେ । ଆପଣ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାକୁ ଯୋଜନା କରିପାରିବେ । ନିଯୁକ୍ତି ପ୍ରୟାସ ସଫଳ ହେବ ।



**କର୍କଟ:** ଏହି ରାଶିର ବ୍ୟକ୍ତିମାନେ ଆଜି ମିଶ୍ରିତ ଫଳାଫଳ ପାଇବେ । ଆପଣ ଆପଣଙ୍କର ବ୍ୟବସାୟରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରିପାରିବେ । ଅଧସ୍ତନ କର୍ମଚାରୀମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ ସମର୍ଥନ କରିବେ । ପାରିବାରିକ ପରିବେଶ ଖୁସି ହେବ।




**ସିଂହ:** ଏହି ରାଶିର ଲୋକଙ୍କ ପାଇଁ ଆଜି ଏକ ଭଲ ଦିନ ହେବ । ଆପଣ ବ୍ୟବସାୟରେ ଲାଭ ପାଇପାରିବେ । ଚାକିରି କ୍ଷେତ୍ରରେ ପରିସ୍ଥିତି ଆପଣଙ୍କ ସପକ୍ଷରେ ରହିବ । ଆପଣ ଧାର୍ମିକ କାର୍ଯ୍ୟକଳାପରେ ଅଧିକ ଆଗ୍ରହୀ ହେବେ ।




**କନ୍ୟା:** ଏହି ରାଶିର ଲୋକମାନେ ସେମାନଙ୍କର ନୂତନ ଯୋଜନା ପୂରଣ କରିବାରେ ସଫଳ ହେବେ । ଆପଣ କଠିନ ପରିଶ୍ରମର ତୁରନ୍ତ ଲାଭ ପାଇବ ନାହିଁ । କର୍ମ କ୍ଷେତ୍ରରେ ଉନ୍ନତି ହେବାର ଆଶା କରାଯାଉଛି । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ ।



**ତୁଳା:** ଲୋକମାନେ ଆଜି ନିଜ ପରିବାର ସଦସ୍ୟଙ୍କ ସହ ପିକନିକ୍ କାର୍ଯ୍ୟକ୍ରମ କରିପାରିବେ। ପିଲାମାନଙ୍କ ପକ୍ଷରୁ ଅସୁବିଧା ସମାପ୍ତ ହେବ । ବିବାହିତ ଜୀବନ ଭଲ ହେବ । ଜୀବନସାଥୀ ଆପଣଙ୍କର ଭାବନା ବୁଝିବେ । କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତାର ସମ୍ଭାବନା ଅଛି ।



**ବିଛା:** ଏହି ରାଶି ଲୋକମାନେ ଏଥିର କିଛି ଭାବିବେ ନାହିଁ । ଆପଣ ଆପଣଙ୍କର କ୍ରୋଧ ଏବଂ ଉତ୍ସାହକୁ ନିୟନ୍ତ୍ରଣ କରନ୍ତୁ। ମୂଲ୍ୟବାନ ଜିନିଷଗୁଡ଼ିକ ସଂରକ୍ଷିତ ହେବା ଆବଶ୍ୟକ ଅନ୍ୟଥା ନିଖୋଜ ହେବାର ସମ୍ଭାବନା ଅଛି । ଆପଣ ଉତ୍ସାହର ସହିତ କିଛି କରିବା ଉଚିତ୍ ନୁହେଁ । ଗାଡ଼ି ଚଳାଇବା ସମୟରେ ସତର୍କ ରହିବାକୁ ପଡିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ।




**ଧନୁ:** ଏହି ରାଶିର ଲୋକେ ଏକ ଲାଭଜନକ ଯାତ୍ରା କରିପାରିବେ । ଆପଣଙ୍କର ବ୍ୟବସାୟ ଭଲ କରିବ । ଚାକିରି କ୍ଷେତ୍ରରେ ବଡ ଅଧିକାରୀମାନେ ଆପଣଙ୍କ ସହିତ ଖୁସି ହେବେ । ଋଣ ଦିଆଯାଇଥିବା ଟଙ୍କା ଫେରସ୍ତ କରାଯାଇ ପାରିବ । ଆୟ ବୃଦ୍ଧି ପାଇବ । ପିତାମାତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିବ।




**ମକର:** ଏହି ରାଶିର ଲୋକମାନେ ଆଜି ଭଲ ଦିନ ପାଇବେ । ବେକାରୀ ହଟାଇବାକୁ ଚେଷ୍ଟା ସଫଳ ହୋଇପାରେ । ଆପଣ କିଛି କାର୍ଯ୍ୟରେ ସଫଳତା ପାଇବେ, ଯାହା ଆପଣଙ୍କୁ ଖୁସି କରିବ । ଆପଣ ପୂର୍ଣ୍ଣ ଭାଗ୍ୟ ପାଇବେ । ଆପଣ ସାଙ୍ଗମାନଙ୍କଠାରୁ ଉପହାର ପାଇପାରିବେ ।



**କୁମ୍ଭ:** କୁମ୍ଭ ଲୋକମାନେ ନିଜ ଘରେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇପାରନ୍ତି । ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ ଭଲ ଖବର ପାଇବାର ସମ୍ଭାବନା ଅଛି । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆପଣ ଆପଣଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବେ ।



**ମୀନ:** କୌଣସି ବ୍ୟସ୍ତତା କାର୍ଯ୍ୟ ହେତୁ ବହୁତ ବିବ୍ରତ ହେବେ । ଗାଡ଼ି ଚଳାଇବା ସମୟରେ ବେପରୁଆ ହୁଅନ୍ତୁ ନାହିଁ । ଅନାବଶ୍ୟକ ନିୟନ୍ତ୍ରଣକୁ ରଖିବାକୁ ହେବ, ନଚେତ ଆର୍ଥିକ ସମସ୍ୟା ବୃଦ୍ଧି ପାଇପାରେ । ଚାକିରି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ । ବ୍ୟବସାୟ ଭଲ ହେବ ।



ଜ୍ୟୋତିଷ ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଷ୍ଟାର୍ଟ ଅପ ଇଣ୍ଡିଆ ପାଇଁ ଭାରତ ସରକାରଙ୍କ ଓ ଟାଟା ଷ୍ଟିଲ୍ର କମ୍ପାନୀ ଦ୍ୱାରା ଯୁବ ଉଦ୍ୟୋଗୀଙ୍କୁ ଗୁଣ୍ଡାୟନ ପାଣ୍ଠି ପ୍ରଦାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେଲପାହାଡ ସ୍ଥିତ ଟିଆରଏଲ କ୍ରୋସାକି ଓ ଷ୍ଟେଟବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ପରିଚାଳିତ ଗ୍ରାମୀଣ ଅପନିଯୁକ୍ତି ତାଲିମ କେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ କୌଶଳ ବିକାଶ ତଥା କର୍ମ ନିଯୋଜନ କନିଷ୍ଠ ଅଧିକାରୀ ମାନସ କୁମାର କୁମ୍ଭାର ଓ ସରକାରୀ ଆଇଟିଆଇ ପ୍ରଶିକ୍ଷକ ଚିତେଶ୍ୱର ଶତପଥୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ତେବେ କେବଳ ସ୍କିଲ ଇଣ୍ଡିଆ ପ୍ରଶିକ୍ଷାର୍ଥୀମାନଙ୍କ ନିମନ୍ତେ ଷ୍ଟାର୍ଟ ଅପ୍ ବ୍ୟବସାୟ ପାଇଁ ଏହି ଋଣ ଯୋଜନା ଉଦ୍ଦିଷ୍ଟ ବୋଲି ଜଣାପଡିଛି । ଯୋଜନା ମୁତାବକ ଋଣ ସୁଧହାର ପ୍ରଥମ ବର୍ଷ ପାଇଁ ୦%, ଦ୍ୱିତୀୟ ବର୍ଷ ପାଇଁ ୪% ତୃତୀୟ ବର୍ଷ ପାଇଁ ୮% ଧାର୍ଯ୍ୟ କରାଯାଇଛି । ସାଧାରଣ ବର୍ଗ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ବୟସ ସୀମା ୩୫ ଥିବାବେଳେ ମହିଳାମାନଙ୍କ ପାଇଁ ବୟସ ସୀମା ୪୫ ବର୍ଷ ରଖାଯାଇଛି । ଆରସେଟି ନିର୍ଦ୍ଦେଶକ ରାଜକୁମାର ସାହୁ, ପ୍ରଶିକ୍ଷକ ସାଜିତ୍ କୁଜୁର୍, ରଜନୀକାନ୍ତ ନାୟକ, ମାନସ ବେହେରା, ଅରୁଣ ପୁରୋହିତ, ରଶ୍ମି ରଞ୍ଜନ ମହାନ୍ତି ଓ ସନ୍ଧ୍ୟା ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନରୁ ବିଭିନ୍ନ ଟ୍ରେଡ୍ ରେ ଟ୍ରେନିଂ ନେଇଥିବା ଯୁବ ଉଦ୍ୟୋଗୀ ମାନଙ୍କ ବ୍ୟବସାୟ ପାଇଁ ଅନ୍ ଲାଇନ୍ ମାଧ୍ୟମରେ ଋଣ ଦରଖାସ୍ତ ଅପଲୋଡ଼ କରାଯାଇଥିଲା । ତେବେ ଷ୍ଟାର୍ଟ ଅପ୍ ବ୍ୟବସାୟ ପାଇଁ ସରକାରଙ୍କ ଏହି ଋଣ ଯୋଜନାରୁ ବିଶେଷ ଭାବେ ଯୁବ ଉଦ୍ୟୋଗୀ ମାନେ ନିଶ୍ଚିତ ଉପକୃତ ହେବେ ବୋଲି କେନ୍ଦ୍ର ନିର୍ଦ୍ଦେଶକ ଶ୍ରୀ ସାହୁ ଆଶା ପୋଷଣ କରିଛନ୍ତି ।

ସିନାପାଲି ମହାଜନପଡାରେ ମହାଲକ୍ଷ୍ମୀ ପୂଜା

# ଲକ୍ଷ୍ମୀ-ନାରାୟଣଙ୍କ ବିବାହ ସଂପନ୍ନ ବାଜା ରୋଷଣୀରେ କମ୍ପିଲା ସହର



ନୂଆପଡ଼ା(ଭାସ୍କର ନ୍ୟୁଜ୍): ବାଜା ରୋଷଣୀରେ କମ୍ପୁଥିଲା ଅଞ୍ଚଳ । ଡିଜେ ସାଉଣ୍ଡର ତାଳେ ତାଳେ ବିଭୋର ହେଉଥିଲେ ଲୋକ । ଶୋଭାଯାତ୍ରାରେ ଶହ ଶହ ଲୋକ ହସଖୁସିରେ ମାଡି ଚାଲିଥିଲେ ଆଗକୁ ଆଗକୁ । ହରିବୋଲ ହୁଳହୁଳି ଓ ସଂକୀର୍ତ୍ତନରେ ଗଗନ ପବନ ପ୍ରକମ୍ପିତ ହେଉଥିଲା । ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀରେ ବିବାହ କାର୍ଯ୍ୟ ଚାଲିଥିଲା । ଏମିତି ନିଆରା ପରମ୍ପରା ବିବାହ ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ସିନାପାଲି ମହାଜନପଡାରେ । ଏ ବାହାଘରର ଆୟୋଜନ ଅନ୍ୟ ବାହାଘରଠାରୁ କୌଣସି ଗୁଣରେ କମ୍ ନୁହେଁ । ସତେ ଯେମିତି ଏକ ସାମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ବାହାଘର ଶୋଭାଯାତ୍ରା ଚାଲିଥିଲା । ଏହି ବାହାଘରର ବର ହେଉଛନ୍ତି ସ୍ୱୟଂ ପ୍ରଭୁ ନାରାୟଣ ଆଉ ତାଙ୍କୁ କନ୍ୟା ରୂପରେ ଅପେକ୍ଷା କରିଥିଲେ ମାଆ ଲକ୍ଷ୍ମୀ । ବର ପିତା ଭାବେ ପରମାନନ୍ଦ ଓ ସନ୍ଧ୍ୟାରାଣୀ ମେହେର ନିଜ ଭାଇବନ୍ଧୁ ଆତ୍ମୀୟ ସ୍ୱଜନମାନଙ୍କୁ ନେଇ ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ କନ୍ୟା ଘର ଅଭିମୁଖେ ଯାଇଥିଲେ । ବରଯାତ୍ରୀଙ୍କୁ ଅପେକ୍ଷା କରିଥିଲେ କନ୍ୟାପିତା ନିରଞ୍ଜନ ଓ ଚଞ୍ଚଳା ମେହେର । ଭୋଜି ପାଇଁ ଚାଲିଥିଲା ଖାଦ୍ୟ ପାନୀୟର ବ୍ୟବସ୍ଥା ହୋଇଥିଲା । ସ୍ୱାଦିଷ୍ଟ ଖାଦ୍ୟର କରାଯାଇଥିଲା ବନ୍ଦୋବସ୍ତ । ବିବାହକୁ ନେଇ ଉଭୟ ବର ଓ କନ୍ୟା ପକ୍ଷ ବେଶ ଖୁସି ଥିଲେ ।ବାହାଘର ପାଇଁ ଲୋକମାନେ ବିବାହ ବନ୍ଧନରେ ବାନ୍ଧିଛନ୍ତି ପ୍ରଭୁ ନାରାୟଣ ଓ ମାଆ ଲକ୍ଷ୍ମୀଙ୍କୁ । ଏହା ଗାଁ ତଥା ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଏହା ହେଉଛି ନିଆରା ପଦକ୍ଷେପ । ସିନାପାଲି ମହାଜନପଡାରେ ଚଳିତ ମାର୍ଗଶିରରେ ମହାଲକ୍ଷ୍ମୀ ପୂଜା ୩ବର୍ଷ ହେବ କରି ଆସୁଛନ୍ତି ସିନାପାଲିବାସୀ । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ମହାଲକ୍ଷ୍ମୀ ପୂଜାର ପରମ୍ପରା ଅନୁଯାୟୀ ଲକ୍ଷ୍ମୀ ନାରାୟଣ ବିବାହକୁ ସିନାପାଲି ଅଞ୍ଚଳବାସୀ ବେଶ୍ ଉପଭୋଗ କରିଛନ୍ତି । ଭଗବାନ ନାରାୟଣଙ୍କ ବାରାତି ପ୍ରୋସେଶନ ଜଗନ୍ନାଥ ମନ୍ଦିରରୁ ବାହାରି ଲକ୍ଷ୍ମୀଙ୍କ ଘରେ ପହଞ୍ଚିଥିଲେ । ବନ୍ଧାପଣା ଦେଇ ଭଗବାନ ନାରାୟଣଙ୍କୁ ମୁଦି ପିନ୍ଧାଇ ପାଛୋଟି ନେଇଥିଲେ ଲକ୍ଷ୍ମୀଙ୍କ ଘର ଲୋକେ । ଧୂମଧାମ୍ ନାଚ ଗୀତରେ ଭୋଜି ଭାତ ଖାଇଲେ ଲକ୍ଷ୍ମୀ ନାରାୟଣ ଙ୍କୁ ଯୌତୁକ ଦେଲେ । ଲକ୍ଷ୍ମୀ ନାରାୟଣ ଙ୍କ ବିବାହ ଉତ୍ସବ । ଶାସ୍ତ୍ର ଅନୁସାରେ ଦେବ, ମାନବ, ଦାନବ, ସଭିଏଁ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ଏହି ପାରମ୍ପରିକ ଧାରାକୁ ବଜାୟ ରଖିବା ପାଇଁ ସିନାପାଲିରେ ଲକ୍ଷ୍ମୀ ନାରାୟଣ ବିବାହ କରାଯାଏ ।

# ରାସ୍ତା ଉପରେ ବସୁଛି ବଜାର



◆ଉମରକୋଟ ପୌର ପରିଷଦର ପିଣ୍ଡି ଖାଲି
◆ଦୁର୍ଘଟଣା ପାଇଁ ପୋଲିସ ଓ ପ୍ରଶାସନ ଦାୟୀ ରହିବେ କି ?

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ବୃହତ ବାଣିଜ୍ୟିକ କେନ୍ଦ୍ର ଭାବରେ ଉମରକୋଟ ପରିଚିତ । ମକା ଉତ୍ପାଦନରେ ଏହି ଅଞ୍ଚଳ ଓଡ଼ିଶାରେ ପ୍ରଥମ ହେଇଥିବାରୁ ସମଗ୍ର ଭାରତ ବର୍ଷର ବିଭିନ୍ନ ଅଞ୍ଚଳରୁ ଦୈନିକ ଶହ ଶହ ସଂଖ୍ୟାରେ ଟ୍ରକ ମାନେ ଉମରକୋଟ ଆସିଥାନ୍ତି । ଅପର ପକ୍ଷରେ ବର୍ତ୍ତମାନ ରାୟପୁରରୁ ବିଶାଖାପାଟଣା ମଧ୍ୟରେ ଯିବା ଆସିବା କରୁଥିବା ଟ୍ରକଗୁଡ଼ିକ ଜଗଦଲପୁର ନ ଦେଇ ପ୍ରାୟ ସବୁ ଟ୍ରକ ଗୁଡ଼ିକ ଉମରକୋଟ ଦେଇ ଯିବା ଆସିବା କରନ୍ତି । ତେଣୁ ବର୍ଷ ତମାମ ଉମରକୋଟ ସହରରେ ଟ୍ରାଫିକ ବ୍ୟାପକ ଭାବେ ଭିଡ ଲାଗିଥାଏ । ଅପରପକ୍ଷେ ଛତିଶଗଡ ର ବରେଇ ଠାରେ ଜାତୀୟ ଜଙ୍ଗଲ ଥିବାରୁ ଥିବାରୁ ବନ୍ୟଜନ୍ତୁଙ୍କ ନିରାପଦ ସକାଶେ ରାତି ୯ ଟା ହେବା । ମାତ୍ରେ ଗେଟ ପଡ଼ିଯାଏ । ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ ରହି ଯାଆନ୍ତି । ସକାଳେ ସେହି ଫାଟକ ଖୋଲିବା ମାତ୍ରେ ଶହ ଶହ ଟ୍ରକ ଗୁଡ଼ିକ । ଉମରକୋଟ ସହର ଦେଇ ସକାଳ ୮ ଟା ରୁ ୧୦ ଟା ମଧ୍ୟରେ ଅତିକ୍ରମ କରି ଥାଆନ୍ତି । ଅପର ପକ୍ଷରେ ଉମରକୋଟରେ ବାଇପାସ ରାସ୍ତା ନଥିବାରୁ ସମସ୍ତ ଟ୍ରକ ଉମରକୋଟ ସହର ଦେଇ ଯିବ । ଆସିବା କରି ଥାଆନ୍ତି । ଫଳ ରେ ସକାଳ ୭ ରୁ ୧୧ ଟା ଯାଏଁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଇପଡେ । ସବୁ ଠାରୁ ବିଡମ୍ବନା ହେଲା ଉମରକୋଟ ପୌର ପରିଷଦ ଲକ୍ଷାଧିକ ଟଙ୍କା ବ୍ୟୟ କରି ପ୍ରାୟ ୪୦ ଟି ପିଣ୍ଡି ପୁରୁଣା ବସ ଷ୍ଟାଣ୍ଡ ନିକଟ ରେ ଥିବା ପରିବ । ବଜାର ଠାରେ ନିର୍ମାଣ କରିଥିବା ସତ୍ତ୍ୱେ ସହରର ସବୁଠାରୁ ଜନ ଗହଳି ଛକ ହନୁମାନ ମନ୍ଦିର ଛକ ଠାରେ ବର୍ତ୍ତମାନ ପରିବା ବଜାର ବସୁଥିବାରୁ ସବୁ ଦିନ ସେଠାରେ ହାଟର ଭ୍ରମ ସୃଷ୍ଟି କରିଥାଏ । ମୁଖ୍ୟ ରାସ୍ତାକୁ ମାଡ଼ି ବସି ପରିବା ଦୋକାନୀ ପରିବ । ବିକ୍ରି କରୁଥିବା ବେଳେ ଗ୍ରାହକ ମାନେ ମଧ୍ୟ ନିଜ ନିଜ ବାଇକ୍ ରାସ୍ତା ଉପରେ ରଖିଦେବ । ଦ୍ୱାରା ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଇ ପଡେ । ଏପରିକି ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସର ମଧ୍ୟ ଦେଖା ମିଳେନାହିଁ । ଏହିପରି ଗୁଲିପାଟଣା ସାହି ଠାରେ ମାଛ ବ୍ୟବସାୟୀ ମାନେ ମାଛ ବିକ୍ରି କରୁଥିବାରୁ ସେଠାରେ ମଧ୍ୟ ପ୍ରତିଦିନ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଇ ପଡୁଛି । ଉମରକୋଟ ସହରରେ ବିପର୍ଯ୍ୟସ୍ତ ହେଇ ପଡ଼ିଥିବା ଟ୍ରାଫିକ ବ୍ୟବସ୍ଥା ପ୍ରତି ଜିଲ୍ଲା ପ୍ରଶାସନ, ସ୍ଥାନୀୟ ସାଧାରଣ ଓ ପୌର ପ୍ରଶାସନ ଓ ପୋଲିସ ପ୍ରଶାସନ ସଂପୂର୍ଣ୍ଣ ଭାବେ ଅବଗତ ଥିବା ସତ୍ତ୍ୱେ ଚୁପ୍ ହେଇକି ବସି ପଡ଼ିବ । ସମସ୍ତଙ୍କୁ ଚକିତ କରୁଛି । ଯଦି ଏହି ସ୍ଥାନରେ ଏକ ବଡ ଧରଣର ଦୁର୍ଘଟଣା ଯଦି ଘଟି ଲୋକଙ୍କ ଜୀବନ ହାନି ଘଟେ ପ୍ରଶାସନ ଦାୟୀ ରହିବ କି ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନ ସୃଷ୍ଟି ହେଉଛି । ତୁରନ୍ତ ପ୍ରଶାସନ ଏହି ପରିବା ବଜାରକୁ ଓ ମାଛ ବଜାରକୁ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ପୌର ପରିଷଦର ବଜାର ପିଣ୍ଡି ସ୍ଥାନାନ୍ତର କରିବା କିମ୍ବା ସହର ଠାରୁ ବାହାରେ ଏକ ନିରାପଦ ସ୍ଥାନରେ ବସିବ । ପାଇ ନିର୍ଦ୍ଦେଶ ନ ଦିଏ ତେବେ ଆଗାମୀ ଦିନରେ ଏକ ବଡ ଧରଣର ଦୁର୍ଘଟଣାକୁ ଏଡାନଯାଇପାରେ ।

## ଇସ୍ରୋ ଯିବେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରଜ୍ଞାନ କର




ବରଗଡ(ଭାସ୍କର ନ୍ୟୁଜ୍): ସାରା ଓଡ଼ିଶାରୁ ୮୦ହଜାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଜ୍ଞାନ କର ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବେ ୧୩-୦୨-୨୦୨୪ ତାରିଖ ଶୁକ୍ରବାର ଭାରତୀୟ ଗବେଷଣା ସଂସ୍ଥା ଇସ୍ରୋକୁ ଯିବା ପାଇଁ ମନୋନୀତ ହୋଇଛନ୍ତି । ପ୍ରକାଶ ଥାଉକି, ରାଜ୍ୟ ସରକାର ପ୍ଲାନେଟୋରିୟମ୍ ଓ ଟାଟା ଷ୍ଟିଲ୍ର ମିଳିତ ସହଯୋଗରେ ଆୟୋଜିତ 'ୟଙ୍ଗ୍ ଅଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ୨୦୨୪'ର ୧୮ତମ ସଂସ୍କରଣରେ ବରଗଡ଼ କ୍ରୀଷ୍ଟା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ପ୍ରଜ୍ଞାନ କର ସର୍ବଶ୍ରେଷ୍ଠ ୩୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମନୋନୀତ ହୋଇ ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପୁରସ୍କୃତ ହୋଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଯିବାକୁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରଜ୍ଞାନଙ୍କୁ ଶୁଭେଚ୍ଛା ତଥା ଶୁଭକାମନା ଜଣାଇଛନ୍ତି ।

## ବିବେକାନନ୍ଦ ସ୍କୁଲ୍ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ

ବେଲପାହାଡ଼( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ବିବେକାନନ୍ଦ ଇଣ୍ଟରନେସନାଲ୍ ସ୍କୁଲ୍ ପକ୍ଷରୁ ଜାହାଜପଡ଼ାସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିଗଣ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ କ୍ରୀଡ଼ା ଧ୍ୱଜା ଉତ୍ତୋଳନ ଓ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରିବା ପରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ମୋଟ ୫୨ ଗୋଟି କ୍ରୀଡ଼ା ପ୍ରତିଯୋଗିତାରେ ସର୍ବମୋଟ ୧୫୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଛାତ୍ରଛାତ୍ରୀ ଦଳ ମଧ୍ୟରୁ ୟେଲ୍ଲୋ ହାଉସ୍ ଦଳ ଚମ୍ପିଆନ୍ ହୋଇଥିବା ବେଳେ ଗ୍ରୀନ ହାଉସ୍ ଦଳ ଦ୍ୱିତୀୟ ସ୍ଥାନ ଓ ରେଡ଼ ହାଉସ୍ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ମାର୍ଚ୍ଚ ପାଷ୍ଟରେ ଗ୍ରୀନ ହାଉସ୍ ଦଳ ଚମ୍ପିଆନ୍ ହୋଇଥିବା ବେଳେ ବ୍ଲୁ ହାଉସ୍ ଦଳ ଦ୍ୱିତୀୟ ସ୍ଥାନ ଓ ୟେଲ୍ଲୋ ହାଉସ୍ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ମିକ୍ସ ରିଲେ ଦୌଡ଼ରେ ୟେଲ୍ଲୋ ହାଉସ୍ ଦଳ ଚମ୍ପିଆନ୍ ହୋଇଥିବା ବେଳେ ଗ୍ରୀନ ହାଉସ୍ ଦଳ ଦ୍ୱିତୀୟ ସ୍ଥାନ ଓ ବ୍ଲୁ ହାଉସ୍ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । କ୍ରୀଡ଼ା ପରିଚାଳନାରେ ଛୁଆଲିବେର୍ଣ୍ଣା ନର୍ସିଂ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଏହି କ୍ରୀଡ଼ାର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଟିଆରଏଲ କ୍ରୋସାକି ହସ୍ପିଟାଲର ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଡା. ନକୁଳ ଚରଣ ସାମଲ, ସମ୍ପାଦକ ଏଏସଆର ମୂର୍ତ୍ତି, ଉପସଭାପତି ଶ୍ୟାମ ସୁନ୍ଦର ଶତପଥୀ, ସ୍କୁଲ ଅଧ୍ୟକ୍ଷ ଅମୀର କୁମାର ସାହୁ, କ୍ରୀଡ଼ା ପ୍ରେମୀ ବିପ୍ଳବ ଅଗ୍ରୱାଲ, ନିର୍ମଳ ସିଂ, ରବି ଅନୁପ ପିଣ୍ଡି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡ଼ାବିତ୍ଙ୍କୁ ପୁରସ୍କୃତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦାଶ ନିଜ ଅଭିଭାଷଣରେ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କ୍ରୀଡ଼ାବିତଙ୍କୁ ମିଳୁଥିବା ବିଭିନ୍ନ ଉପାଦେୟତା ସମ୍ପର୍କରେ ସୁନ୍ଦର ଉପସ୍ଥାପନ କରିଥିଲେ ।

## ସିପିଆଇ (ଏମ୍)ର ଜିଲ୍ଲାସ୍ତରୀୟ ସମ୍ମିଳନୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଗୌଡ଼ଗୁଡ଼ା ଗ୍ରାମପଞ୍ଚାୟତ ସ୍ଥିତ ଟେକଗୁଡ଼ା ଗ୍ରାମରେ ସି ପି ଆଇ(ଏମ୍) ମାଲକାନଗିରି ଜିଲ୍ଲା ର ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୧୭ ଗୋଟି ବ୍ରାଞ୍ଚ ର ୧୪୭ ଜଣ ପାର୍ଟି ସଭ୍ୟ ଉପସ୍ଥିତ ଥିଲେ ଏହି ଜିଲ୍ଲା ସମ୍ମିଳନୀ ତିନିବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ । ଆଜିର ଏହି ସମ୍ମିଳନୀରେ ସିପିଆଇ (ଏମ୍) ପାର୍ଟିରେ ଜିଲ୍ଲା ସମ୍ପାଦକ ଭାବରେ ସାଥୀ ବ୍ରଜ ମାଝୀ ତୃତୀୟ ଥର ପାଇଁ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି ।ଏହି ସମ୍ମିଳନୀରେ ସିପିଆଇ( ଏମ୍)ଓଡ଼ିଶା ରାଜ୍ୟ ସମ୍ପାଦକ ସାଥୀ ଅଳି କିଶୋର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ଯୁଧିଷ୍ଠିର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସାଥୀ ଭୂପେଶ କର୍ମକାର ସଭା ପରିଚାଳନା କରିଥିଲେ । ସାଥୀ ଯୁଧିଷ୍ଠିର ବେହେରା ନିଜ ଭାଷଣ ରେ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ । ରାଜ୍ୟରେ ଧାନର ଅଭାବୀ ବିକ୍ରି, ମିଶନ ଶକ୍ତି ମହିଳାଙ୍କୁ ୯ ମାସ ଧରି ଦରମା ପ୍ରଦାନ ନକରିବା ପେସା ଆଇନକୁ କାର୍ଯ୍ୟକାରିନକରିବା । ଦିନକୁ ଦିନ ଆକାଶ ଛୁଆଁ ଦରବୃଦ୍ଧି ରୋକିବାରେ ସରକାର ବିଫଳ ହେବା ସେ କହିଥିଲେ । ବ୍ରଜ ମାଝୀ ତାଙ୍କ ଭାଷଣରେ ଜିଲ୍ଲାରେ ପେସା ଆଇନକୁ କାର୍ଯ୍ୟକାରୀ ନକରି ପଲ୍ଲୀ ସଭା ଗ୍ରାମସଭାକୁ କାର୍ଯ୍ୟକାରୀ ନକରି ଲୋକଙ୍କୁ ସରକାରଭୂଆଁ ବୁଲାଉଥିବା କହିଥିଲେ । ଜିଲ୍ଲାର ଗରିବ,ଚାଷୀ, ମୂଲିଆ, ମେହେନତି ମଣିଷକୁ ଜାତି ବର୍ଣ୍ଣ ନିର୍ବିଶେଷରେ ନିଜର ଅଧିକାର ପାଇଁ ସଂଗ୍ରାମ କରିଥିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ । ନୂତନ ଜିଲ୍ଲା କମିଟିରେ ସାଥୀ ବ୍ରଜ ମାଝୀ , ଜିଲ୍ଲା ସମ୍ପାଦକ ଭାବରେ ନିର୍ବା ଚିତ ହେଲେ ଏବଂ ଏହି ନୂତନ କମିଟିରେ ଭୁପେଶ କର୍ମକର୍ତ୍ତା, କୃଷ୍ଣ ପାଣ୍ଡି, ଧବଳୁ ବେହେରା , ନିଧି ହନ୍ତାଳ, ବଳରାମ ଗଲରୀ, ରଘୁନାଥ ହାନ୍ତାଲ, ଲକ୍ଷ୍ମୀନାଥ ମାଡକାମି ,ଅଭି ହେନ୍ତାଳ, ଭିମା ମାଡକାମି, ଅର୍ଜୁନ ଗୌଡ଼, ନିର୍ବାଚିତ ହୋଇଛନ୍ତି ।

## ମହାରାଜା ବାଳକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ,ପାରଳାଖେମୁଣ୍ଡି ଠାରେ ଜିଲ୍ଲା ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦.ଘ.ସମୟରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଗଜପତି ଜିଲ୍ଲାର ବ୍ଲକ ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ୪୨ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନରୁ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମୋଟ ୧୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନାୟକ ସମେତ ଶ୍ରୀମତୀ ଉତ୍ସର୍ଗୀତା ବଡରଇତ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ପାରଳାଖେମୁଣ୍ଡି ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଶ୍ରୀ ଶେଷଗିରି ବେହେରା, କନିଷ୍ଠ ସହାୟକ, ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କରିଥିଲେ ।

# ବିଶ୍ୱଶାନ୍ତି ଗୀତାଯଜ୍ଞ



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସ୍ଥାନୀୟ ଗୁମାଡେରା ଜଗନ୍ନାଥ ମନ୍ଦିର ଆର୍ତ୍ତତ୍ରାଣ କ୍ଷେତ୍ରରେ ଆଜି ଶୁକ୍ରବାର ବିଶ୍ୱଶାନ୍ତି ଗୀତାଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗୁମାଡେରାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ପରେ ଦୀର୍ଘ ୩୫ ବର୍ଷ ପୂର୍ବେ ସ୍ୱର୍ଗୀୟ ପଣ୍ଡିତ ଗୌରୀ ଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ଏହି ଗୀତାଯଜ୍ଞ ପ୍ରଥମ କରି ଆରମ୍ଭ ହୋଇଥିଲା । ସେହି ବର୍ଷଠାରୁ କ୍ରମାଗତ ଭାବେ ଏହି ଗୀତା ଯଜ୍ଞ ପରିଚାଳିତ ହୋଇଆସୁଛି । ଏହି ଗୀତାଯଜ୍ଞ ଅବସରରେ ଆଜି ସକାଳୁ ଦେବାଦେବୀଙ୍କ ପୂଜାର୍ଚ୍ଚନାରେ ଆରମ୍ଭ ହୋଇ ହୋମଯଜ୍ଞ, ଗୀତାପାଠ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ଓ ସନ୍ଧ୍ୟାରେ ସଞ୍ଜ ଆଳତୀ ପରେ ସମାପ୍ତ ହୋଇଥିଲା । ଏହି ଭକ୍ତିପୂତ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏଥିରେ ଶରତ ଚନ୍ଦ୍ର ପାଣିଗ୍ରାହୀ ଏବଂ ତାଙ୍କ ପତ୍ନୀ ଜୟନ୍ତୀ ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ମୁଖ୍ୟ ପୂଜକ ଭାବରେ ପଣ୍ଡିତ ସୁରେଶ ଚନ୍ଦ୍ର କର ଯୋଗ ଦେଇ ପୂଜାର୍ଚ୍ଚନା କରିଥିବା ବେଳେ ଅଶୋକ ଦାଶ ଗୀତା ପାଠ କରିଥିଲେ । ମନ୍ଦିର ପୂଜକ ବ୍ରଜସୁନ୍ଦର ଶତପଥୀଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ଯଜ୍ଞରେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବନମାଳୀ ପଣ୍ଡା, ଅନ୍ତର୍ଯ୍ୟାମୀ ପାଢ଼ୀ, ସତ୍ୟେନ୍ଦ୍ର ମିଶ୍ର, ବାବୁଲୁ ପାତ୍ର, ଶୈଳେନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ବିକାଶ ଆବାସିକ ବିଦ୍ୟାଳୟରେ ଗୀତା ଜୟନ୍ତୀ ପାଳିତ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ କ୍ରୀଷ୍ଟା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ଗୀତା ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସଭାର ପ୍ରାରମ୍ଭରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ଗୀତା ଜୟନ୍ତୀ ପାଳନ କରାଯାଇଥିଲା । ସାମୂହିକ ସଂସ୍କୃତ ଗୀତା ପାଠରେ ବିକାଶ ଆବାସିକ ବିଦ୍ୟାଳୟର ପ୍ରାର୍ଥନା ସଭା ପ୍ରକମ୍ପିତ ହୋଇଉଠିଥିଲା । ଏହି ସଭା କାର୍ଯ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଏହି ଗୀତା ଜୟନ୍ତୀ କାର୍ଯ୍ୟକ୍ରମଟି ବିକାଶ ଆବାସିକ ବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଶିକ୍ଷକ ଶ୍ରୀ ସମୀର ରନ ଶତପଥି ଓ ଶ୍ରୀ ସୁବନ୍ତ ପଣ୍ଡାଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା ।

ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

# ଉଦ୍‌ଘାଟନ ଉତ୍ସବ ଓ କଳସ ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ

## ନାଚ, ଗୀତ, ବାଦ୍ୟ ଓ ଆତସବାଜିରେ କମ୍ପିଲା ମାଲକାନଗିରି ସହର








ମାଲକାନଗିରି (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଭଳି ଚଳିତ ବର୍ଷ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ।ଗତ ୨୯ ତାରିଖ ଦିନ କୋରୁକୋଣ୍ଡା ସଦର ବ୍ଲକ ଜଳେଶ୍ୱର ପୀଠରୁ ସଂଗ୍ରହ କରା ଯାଇଥିବା ପବିତ୍ର ଜଳ କଳସ ଗୁଡିକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖା ଯାଇଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଉକ୍ତ କଳସ ଗୁଡିକୁ ପୂଜାର୍ଚ୍ଚନା କରା ଯାଇ ଏକ ବିରାଟ ଶୋଭାଯାତ୍ରାରେ ଦୀର୍ଘ ତିନି କିଲୋମିଟର ଡି.ଏନ କେ ଖେଳ ପଡିଆ ମୁଖ୍ୟ ମଣ୍ଡପକୁ ନିଆ ଯାଇଥିଲା । କଳସଗୁଡିକୁ ପ୍ରଥମେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସହ ବିଭିନ୍ନ ରାଜନୈତିକ ଦଳ, ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ରହ୍ମପୁର, ସମ୍ବଲପୁର, କଳାହାଣ୍ଡି, ପୁରୀରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ସହ ଜିଲ୍ଲାର କୋୟା, ଡିଡାୟୀ, ବଣ୍ଡା, ଦୁରୁଆ, ପରଜା, ଇତ୍ୟାଦି ଜନଜାତିଙ୍କ ପାରମ୍ପରିକ ନୃତ୍ୟ ଗୀତରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କ ଶଙ୍ଖ ଧ୍ୱନୀ, ହୁଳହୁଳି, ହରିବୋଲ ଧ୍ୱନୀ ସହ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ମଣ୍ଡପରେ କଳସ ଗୁଡିକୁ ସ୍ଥାପନ କରା ଯାଇଥିଲା। ପରେ ପରେ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପ୍ରଥମେ ଆଦିବାସୀ ପଡିଆରେ ଅନୁଷ୍ଠିତ କୃଷି ମେଳା ଉଦ୍‌ଘାଟନ କରିବା ସହ ମେଳାରେ ବିଭିନ୍ନ କମ୍ପାନୀ ଦ୍ୱାରା କୃଷି ଯନ୍ତ୍ରପାତି ଯାନବାହାନ ଇତ୍ୟାଦି ପରିଦର୍ଶନ କରିଥିଲେ। ପରେ ଡି.ଏନ୍.କେ. ଖେଳ ପଡିଆରେ ଓର୍ମାସ ତରଫରୁ ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟରୁ ଆସିଥିବା ବ୍ୟବସାୟୀ ମାନଙ୍କ ଷ୍ଟଲ ଗୁଡିକ ବୁଲି ଦେଖିବା ସହ ବିଭିନ୍ନ ବିଭାଗର ଷ୍ଟଲ ଗୁଡିକ ମଧ୍ୟ ପରିଦର୍ଶନ କରିଥିଲେ। ପରେ ପରେ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟବନ୍ତ ମହୋତ୍ସବର ଶୁଭ ଉଦଘାଟନ କରିଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମଂଚାସୀନ ଥିଲେ। ଏ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାଲ୍ୟବନ୍ତ ମହୋତ୍ସବର ଉଦ୍ଦେଶ୍ୟ, ଜିଲ୍ଲା ରାଜ୍ୟ ତଥା ଦେଶର ବିଭିନ୍ନ କୋଣ ଅନୁକୋଣରେ ଥିବା ଜନଜାତିଙ୍କ ବିଲୁପ୍ତ ହେଇ ଯାଉଥିବା କଳା, ସଂସ୍କୃତି, ପରମ୍ପରାକୁ ଜୀବିତ ରଖିବା ପାଇଁ ଏହା ଏକ ମାଧ୍ୟମ। ମାଲକାନଗିରି ଜିଲ୍ଲାକୁ ୧ ନମ୍ବର ଜିଲ୍ଲାଭାବେ ଓ ଏହାର ସର୍ବାଙ୍ଗୀନ ଉନ୍ନତି ଆମ ସରକାରଙ୍କ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ସେହିପରି ଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ମାଲକାନଗିରି ଜିଲ୍ଲାରେ ସମସ୍ତ ଅଂଚଳ କିପରି ଶିକ୍ଷାର ବିକାଶ ସହ ଜନଜାତିଙ୍କ ପରମ୍ପରା ବଜାୟ ରହିବ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଅତିଥି ମାନେ ନିଜ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଜିଲ୍ଲା ଓ ଜିଲ୍ଲା ବାହାର ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦର୍ଶକ ମାନେ ମନଭରି ଉପଭୋଗ କରିଥିଲେ।

## ପୋଖରୀରେ କାମୁଡୁଛି ଅଜଣା ଜୀବ ଭୟଭୀତ ଗ୍ରାମବାସୀ

ଉମରକୋଟ(ଭାସ୍କର ନ୍ୟୁଜ୍): ପୋଖରୀ ଭିତରେ ଅଜଣା ଜୀବ ଥିବା ଯୋଗୁଁ ଭୟରେ ଗ୍ରାମବାସୀ ପୋଖରୀରେ ନିଜର ନିତ୍ୟକର୍ମ କିଛି କରି ପାରୁନାହାନ୍ତି ଗ୍ରାମବାସୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବେନୋରା ପଞ୍ଚାୟତ ଧାର୍ଲି ମୁଣ୍ଡା ଗୁଡା ଗ୍ରାମରେ । ମିଳିଥିବା ସୂଚନା ଅନୁସାରେ ଗ୍ରାମର ବିକ୍ରମ ଭତ୍ରା (୩୯) ଗତକାଲି ଦିନ ୧୨ଟା ସମୟରେ ପୋଖରୀରେ ଗାଧୋଇବା ପାଇଁ ଓହ୍ଲାଇ ଥିଲେ । ଏହି ସମୟରେ ଏକ ଅଜଣା ଜୀବ ବିକ୍ରମଙ୍କ ଡାହାଣ ଗୋଡ଼କୁ କାମୁଡି ଦେଇଥିଲା । ବିକ୍ରମ ସଙ୍ଗେ ସଙ୍ଗେ ପାଣି ଭିତରୁ ବାହାରକୁ ବାହାରି ଆସି ଦେଖିଲେ ଯେ ଗୋଡରୁ ରକ୍ତ ବାହାରୁଛି । ବିକ୍ରମ ଗାଁ କୁ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ । ପରିବାର ଲୋକେ ଓ ଗ୍ରାମବାସୀ ବିକ୍ରମଙ୍କ ରକ୍ତସ୍ରାବ ଦେଖି ପୋଖରୀ ଭିତରେ କୁମ୍ଭୀର ଥିବା ଅନୁମାନ କରିଛନ୍ତି । ବିକ୍ରମର ଏଭଳି ଅବସ୍ଥା ଦେଖି ଗ୍ରାମବାସୀମାନେ ଭୟଭୀତ ହୋଇ ପୋଖରୀ ପାଖକୁ କେହି ଯାଇ ନଥିଲେ । ଆଜି ଗ୍ରାମବାସୀ ଏକଜୁଟ ହୋଇ ପୋଖରୀ ଭିତରେ ଥିବା ସେହି ଅଜଣା ଜୀବଟି କଣ କୁମ୍ଭୀର ନାଁ ବଡ ମାଛ ଜାଣିବା ପାଇଁ ପୋଖରୀର ପାଣି କାଢୁଥିବା ଦେଖିବାକୁ ମିଳିଥିଲା ।

## ଅର୍ଥ ଅଭାବରୁ ହୋଇପାରୁନଥିଲା ଚିକିତ୍ସା, ହାତ ବଢ଼ାଇଲା ପ୍ରଶାସନ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ମୁଣ୍ଡରେ ପାଣି ଜମାଟ ବାନ୍ଧି ସାଧାରଣ ଆକାରରୁ ମୁଣ୍ଡ ବଢ଼ିଯାଇଛି ଦେଢ଼ ମାସର ଶିଶୁ ଜସିୟରାଜର । ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁନାହିଁ । ତା' ସହିତ ଶିଶୁଟିର ଯନ୍ତ୍ରଣା ଦେଖି ଚିନ୍ତାରେ ପିତା ହରି ଡଙ୍ଗରୀ ଓ ମାତା ଶାନ୍ତି ଡଙ୍ଗରୀ ଏବଂ ପରିବାର ଲୋକେ ।ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ର ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି, କଟାଗାଁ ଗ୍ରାମ ପଞ୍ଚାୟତ ର ବନ୍ଧ ଗୁଡା ଗ୍ରାମରେ । ଏହି ଖବର ନବରଙ୍ଗପୁର ଜିଲ୍ଲା ପ୍ରଶାସନର ଦୃଷ୍ଟି ଗୋଚର ହେବା ପରେ ଜିଲ୍ଲାପାଳ ନବରଙ୍ଗପୁର ଙ୍କ ନିର୍ଦ୍ଦେଶକ୍ରମେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ପୀଡ଼ିତ ପରିବାର ସହିତ ଯୋଗାଯୋଗ କରି ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗାଡି ରେ ଅର୍ଚ୍ଚନା ମହାନ୍ତି, ଫାର୍ମାସିଷ୍ଟ ଏବଂ ସଙ୍ଗୀତା ନାୟକ, ଏଏନ୍ଏମ ଶିଶୁ- ଜସୀୟ ରାଜ ଡଙ୍ଗରୀଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟ ରେ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ଶିଶୁ ଭବନକୁ ସ୍ଥାନାନ୍ତରୀତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଡକ୍ଟର ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି ଶିଶୁ- ଜସୀୟ ରାଜ ଡଙ୍ଗରୀଙ୍କର ସମ୍ପୂର୍ଣ୍ଣ ଚିକିତ୍ସା ରାଜ୍ୟ ସରକାରଙ୍କର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ମାଗଣାରେ କରାଯିବ । ତାଙ୍କ ଚିକିତ୍ସାର ଆନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ ଜିଲ୍ଲାପାଳ ନବରଙ୍ଗପୁରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜରୁରୀକାଳୀନ ବିଭାଗର ବିଭାଗୀୟ ଅଧିକାରୀ, ତ୍ରିପତି ବାଲାଜି ସାହୁ, ଏବଂ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ ପରିବାର ବର୍ଗକୁ ଜିଲ୍ଲା ରେଡକ୍ରସ ତରଫରୁ ୫୦୦୦ ଟଙ୍କା ସହାୟତା ରାଶି ହସ୍ତାନ୍ତର କରିଥିଲେ । ଏଭଳି ମହତ ପଦକ୍ଷେପ ନେଇ ଥିବାରୁ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଦେଇଛନ୍ତି ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ।

## ବାମରା ମହୋତ୍ସବ ପାଇଁ ନୂତନ କମିଟି ଗଠିତ

ବାମରା (ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡିଶା ସମ୍ବଲପୁର ଜିଲ୍ଲା ବାମରା ପ୍ରସିଦ୍ଧ ମକର ମହୋତ୍ସବ ୨୦୨୪-୨୫ ପାଇଁ ନୂତନ କମିଟି ଗଠିତ ହୋଇଯାଇଛି । ପୂର୍ବତନ ମକର ମହୋତ୍ସବ କମିଟି ସଭାପତି ଦୁର୍ଗା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ରାଜ ,ଉପ ସଭାପତି ପ୍ରଶାନ୍ତ କୁମାର ଶତପଥୀ, ବାମରା ଅତିରିକ୍ତ ତହସିଲଦାର ସୁଜୟ କୁମାର ପଣ୍ଡା , ଗୋବିନ୍ଦପୁର ଥାନାର ସବ୍ଇନ୍ସପେକ୍ଟର ଜି ଓରାମଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ କର୍ମକର୍ତ୍ତା, ବିଭିନ୍ନ ସଂଗଠନ , ସଂଘ , କ୍ଲବ , ମହିଳା, ମନ୍ଦିର ପୁରୋହିତ ସାମ୍ବାଦିକ, ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ସଭାରେ ଆୟ ବ୍ୟୟର ବିବରଣୀ ପ୍ରଦାନ କରାଯାଇଥିଲା । ଏହାପରେ ସର୍ବ ସମ୍ମତିକ୍ରମେ ଆସନ୍ତା ମକର ମହୋତ୍ସବ କମିଟି ଗଠିତ ହୋଇଛି ।ଏଥିରେ ସଭାପତି ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ, ଉପସଭାପତି ରଞ୍ଜନ ମହାନ୍ତି ଓ ଇନ୍ଦ୍ରଦେବ ଚୌଧୁରୀ , ସମ୍ପାଦକ ଭାବେ ବିଚିତ୍ର ବିଶ୍ୱାଳ , କୁମାର ଚନ୍ଦ୍ର ପଟେଲ, ସଂଜୟ କୁମାର ଜୈନ , ଜ୍ୟୋତି କୁମାର ଲାଠ୍ ରହିଥିବା ବେଳେ ଯୁଗ୍ମ ସଂପାଦକ ଭାବେ ସଂଜୟ ମେହେର , ବ୍ରଜ କିଶୋର ମହାରଣା , ନିତେଶ ସା ତଥା କୋଷାଧ୍ୟକ୍ଷ ଭାବେ ଓମ୍ ଖଣ୍ଡେଲବାଲ ଓ ସୁଧିର ରାୟଙ୍କୁ ମନୋନୀତ କରାଯାଇଛି ।



ବାରିପଦା(ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇ ଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଗତ ୫ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ପ୍ରଫେସର ସାହୁ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ନିୟମିତ ଅଭ୍ୟାସ, ଦୌଡ଼, ଯୋଗ, ଏବଂ ଖେଳକୁ ଜୀବନର ଅଂଶ ଭାବେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ଫିଟ୍ ଇଣ୍ଡିଆ ୨୦୨୪ର ପୃଷ୍ଠଭୂମି ଓ ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା ଧୀର-ସାଇକେଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ୍, ପୋଷ୍ଟର, ଦଉଡ଼ିଡିଆଁ, ଦୌଡ଼, ଯୋଗ, ଓ ବିଭିନ୍ନ ପାରମ୍ପରିକ ଭାରତୀୟ କ୍ରୀଡ଼ାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ବିଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ । କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମର ପରିଚାଳନାରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଅର୍ଥନୀତି ବିଭାଗର ପ୍ରଫେସର ମିନତୀ ମଲ୍ଲିକ, ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ବାବା ଦକ୍ଷିଣେଶ୍ୱରଙ୍କ କ୍ଷୀର ସାଗର ମେଳା

ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅଧିନ ବେଦପୁର ପଞ୍ଚାୟତ ବେଗୁନିଆ ଗ୍ରାମରେ ପ୍ରସିଦ୍ଧ ଠାକୁର ବାବା ଦକ୍ଷିଣେଶ୍ୱର ମହାଦେବଙ୍କ ୧୩ ତମ କ୍ଷୀର ସାଗର ମେଳା ମହାସମାରୋହରେ ଆଜି ଅନୁଷ୍ଠିତ ହୋଇଯାଇଛି । ପାରମ୍ପାରିକ ରୀତିନୀତି ଅନୁସାରେ ପ୍ରାତଃରୁ ମହାପ୍ରଭୂଙ୍କ ଗଙ୍ଗାସ୍ନାନ, ଅବକାଶ, ମଇଲମ ଆଦି ପୂଜାପରେ ଖେଜେଡି ଲାଗି, ବଲ୍ଲବ ଆଦି ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ଆଣିଥିବା କ୍ଷୀର ମହାପ୍ରଭୂଙ୍କ ମସ୍ତକରେ ଲାଗି କରାଯାଇଥିଲା । କ୍ଷୀର ସାଗର ମେଳାର ସଭାପତି ଲକ୍ଷ୍ମୀଦର ବେହେରାଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ଦୁଗ୍ଧ ସଂଗ୍ରହକାରୀ ଯାଦବ ସଂଘ ଏବଂ ଶ୍ରଦ୍ଧାଳୁମାନେ ଆଣିଥିବା ପ୍ରାୟ ୫ ହଜାର ଲିଟର କ୍ଷୀରରେ ବାବାଙ୍କୁ ସ୍ନାନ କରାଯାଇଥିଲା । ହୋମ ନାମଯଜ୍ଞ, ଗୀତା ପାଠ ସାଙ୍ଗକୁ ନାମ ସଂକୀର୍ତ୍ତନ, ଭଜନ, ଜଣାଣ, ଗୋପାଳ ଗୀତ, ଲଉଡି ଖେଳ ଆଦିରେ ଉକ୍ତ ପୀଠ ଆଧ୍ୟାତ୍ମିକ ପରିବେଶ ଓ ସାଂସ୍କୃତିକ ବାତାବରଣ ସୃଷ୍ଟି କରିଛି । ମନ୍ଦିର ପୂଜକ ଗୋପାଳ କୃଷ୍ଣ ପାଢୀ, ଗୋବିନ୍ଦ ଚନ୍ଦ୍ର ପାଢୀ, ନାରାୟଣ ପାଢୀ, ରତନ କୁମାର ପାଢୀ, ପ୍ରଦୀପ୍ତ କୁମାର ପାଢୀ, ମହେନ୍ଦ୍ର କୁମାର ପାଢୀ, ଅଭିଳାଷ ପଣ୍ଡା, ସଦାଶିବ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ସେହିପରି ଏହି ମେଳାକୁ ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ରଘୁନାଥ ମହାପାତ୍ର, ଭାସ୍କର ମୁଦୁଲି ପ୍ରମୁଖ ପରିଚାଳନା କରିଥିବା ବେଳ ସ୍ୱାଛାସ୍ୱେୀ ସଂଗଠନ ଉତ୍ସର୍ଗ ପରିବାର ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଦହି ଓ ଲେମ୍ବୁ ପଣା ଦିଆଯାଇଥିଲା ।

## ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ପ୍ରଥମ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଓ ସେଣ୍ଟ ଜାଭିୟର ହାଇସ୍କୁଲ, ନିମାପଡ଼ା ଦ୍ୱାରା ଏହି ଶିଶୁ ମହୋତ୍ସବ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦ରୁ ଊର୍ଦ୍ଧ୍ୱ ସ୍କୁଲ ଓ କଲେଜର ୩ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗରେ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଚାରକ ଅୟସକାନ୍ତ ମିଶ୍ର, ନିର୍ମଳ କୁମାର ମିଶ୍ର, ତ୍ରିଲୋଚନ ଦାଶ, ପୁଷ୍ପଲତା ନାୟକ, ପ୍ରଦୀପ କୁମାର ମଲଲିକ, ସ୍ନିଗ୍ଧାରାଣୀ ରାଉତରାୟ, କାଳନ୍ଦୀ ଚରଣ ଜେନା, ନିରନ ପଳତା ପ୍ରମୁଖ ଯୋଗ ଦେଇଥିଲେ । ଜାଭିୟର ହାଇସ୍କୁଲର ଉପଦେଷ୍ଟା କ୍ଷୀରୋଦ ରାୟ ମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟ ପରିଚାଳିତ ହୋଇଥିଲା ।

## ଟ୍ରାକ୍ଟର ଧକ୍କାରେ ମହିଳା ଗୁରୁତ୍ୱର

ବାରଙ୍ଗ(ଭାସ୍କର ନ୍ୟୁଜ୍): ବାରଙ୍ଗ ଥାନା ଆନ୍ତର୍ଗତ ନରାଜ ଗ୍ରାମରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଆହତ ଅବସ୍ଥାରେ ଉକ୍ତ ମହିଳାଙ୍କୁ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ମହିଳା ଜଣକ ହେଲେ ଉକ୍ତ ଗ୍ରାମର କିଶୋରୀ ସାହୁ (୫୮) । ମିଳିଥିବା ସୂଚନା ମୁତାବକ ନରାଜ ଗ୍ରାମର କିଶୋରୀ ସାହୁ ଶନିବାର ସକାଳ ସାଢେ ୬ଟାରେ ନିଜ ଘର ନିକଟ ରସ୍ତା କଡରେ ଥିବା ଫୁଲ ଗଛ ନିକଟକୁ ଫୁଲ ତୋଳିବାକୁ ଆସିଥିଲେ । ସେହି ସମୟରେ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା । ଫଳରେ ମହିଳା ଜଣଙ୍କ ଛିଟିକି ପଡି କ୍ଷତାକ୍ତ ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ସଜ୍ଞାହୀନ ଭାବେ ତାଙ୍କୁ ମେଡିକାଲ ପଠାଇଥିଲେ ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ନିଶା ନିବାରଣ କେନ୍ଦ୍ରକୁ ଆସି ଯୁବକଙ୍କ ମୃତ୍ୟୁ ଘଟଣା ସନ୍ଦେହ ଘେରରେ ରହିଥିବା ବେଳେ କିପରି ଯୁବକଙ୍କ ମୃତ୍ୟୁ ହେଲା ତାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲା ନର୍ସିଂପୁର କାନପୁର ଥାନା ହରିପୁର ଗ୍ରାମର ବିଶ୍ୱଜିତ ଆଚାର୍ଯ୍ୟ ଭୁବନେଶ୍ୱରରେ ରହି ଚାରୋଟି କାର୍ କିଣି ବ୍ୟବସାୟ କରୁଥିଲେ । ଭଡ଼ା ନବା ଆଣିବା କରୁଥିବା ବେଳେ ବେଶ୍ ହସଖୁସିରେ ପରିବାର ଚଳି ଯାଉଥିଲା । କେତେଜଣ ଯୁବକ ବିଶ୍ୱଜିତ ଆଚାର୍ଯ୍ୟଙ୍କୁ ଭୁବନେଶ୍ୱରରୁ ଏକ ବୋଲେରୋ ଗାଡ଼ିରେ ନିମାପଡ଼ାରେ ଥିବା ନିଶା ନିବାରଣ କେନ୍ଦ୍ରକୁ ଆଣିଥିବା ବେଳେ ନିଶା ନିବାରଣ କେନ୍ଦ୍ର ନିକଟରେ ବିଶ୍ୱଜିତଙ୍କ ମୃତ୍ୟୁ ହୋଇଯାଇଥିବା ଯୁବକମାନେ ମୃତକଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡ଼ାକ୍ତର ବିଶ୍ୱଜିତ୍‌ଙ୍କୁ ମୃତ ଘୋଷଣା କରି ପୋଲିସକୁ ଜଣାଇଥିଲେ । ଘଟଣାସ୍ଥଳରେ ନିମାପଡ଼ା ଥାନା ପୋଲିସ ଶବକୁ ଜବତ କରିଥିବା ବେଳେ ବିଶ୍ୱଜିତଙ୍କୁ ନେଇ ଆସିଥିବା ଯୁବକଙ୍କ ସଂପର୍କରେ ତଦନ୍ତ ଆବଶ୍ୟକ ଅଛି ବୋଲି ଜନମତ ପ୍ରକାଶ ପାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସ୍ଥାପନ...

ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷାର ମୂଳଦୂଆ ସୁଦୃଢ଼ କରିବା ନିମନ୍ତେ ଅତି କମ୍‌ରେ ଗୋଟିଏ ବିଦ୍ୟାଳୟରେ ଦୁଇଜଣ ଲେଖାଏଁ ଶିକ୍ଷକଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମାଲକାନଗିରିକୁ ଆଗଧାଡ଼ିର ଜିଲ୍ଲାଗୁଡ଼ିକ ସହ ସମକକ୍ଷ କରିବା ପାଇଁ ଜୀବନଜୀବିକା ମିଶନ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ କରିବା ଉପରେ ମଧ୍ୟ ଆଲୋକପାତ କରିଥିଲେ । ମାଲକାନଗିରି ଜିଲ୍ଲାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅଗ୍ରଗତି ପାଇଁ ଗମନାଗମନ ଭିତ୍ତିଭୂମିର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ମହିଳାମାନେ ସୁଭଦ୍ରା ସହାୟତା ପାଇନାହାନ୍ତି ସେମାନେ ଖୁବ୍‌ଶୀଘ୍ର ପାଇବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ପ୍ରତି ପଞ୍ଚାୟତରେ ତିନିବର୍ଷ ମଧ୍ୟରେ ଗୋଟିଏ ଲେଖାଏଁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡ଼କାମି, ମଙ୍ଗୁ ଖିଲ, ଦକ୍ଷିଣାଞ୍ଚଳ ଆରଡିସି ରୂପାରୋସନ ସାହୁ, ଦକ୍ଷିଣାଞ୍ଚଳ ଡିଆଇଜି ନୀତିଶେଖର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଭାରତ...

ଭେଦଭାବକୁ ଦୂର କରିଛୁ । ଦେଶର ପ୍ରତ୍ୟେକ ପଞ୍ଚାୟତକୁ ଅପ୍ଟିକାଲ ଫାଇବର ନେବାକୁ ଚେଷ୍ଟା କରିଛୁ । ଏହି ଅବସରରେ ସେ ବିରୋଧୀ କଂଗ୍ରେସ ଉପରେ ପ୍ରବଳ ବର୍ଷିଥିଲେ । ସେ କହିଥିଲେ କଂଗ୍ରେସ ଶାସନ ସମୟରେ ଦେଶ ଜରୁରିକାଳୀନ ପରିସ୍ଥିତିରେ ଜେଲ୍‌ରେ ପରିଣତ ହୋଇଥିଲା । କିଛି ଲୋକ ବିଫଳତାକୁ ନେଇ ଦୁଃଖପ୍ରକାଶ କରନ୍ତି । କିନ୍ତୁ ମୁଁ ଦେଶବାସୀଙ୍କୁ ନମସ୍କାର କରୁଛି ଯେ, ସେମାନେ ସମ୍ବିଧାନ ସହିତ ସମ୍ପୂର୍ଣ୍ଣ ଶକ୍ତି ଭାବେ ଛିଡା ହୋଇଛନ୍ତି । କଂଗ୍ରେସ ଏକ ପରିବାର ଯିଏ ସମ୍ବିଧାନକୁ କ୍ଷତି ପହଞ୍ଚାଇଛନ୍ତି । ସେମାନେ ୫୫ବର୍ଷ ପାରିବାରିକ ଶାସନ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ମୁଖ୍ୟମନ୍ତ୍ରୀମାନଙ୍କୁ ଏକ ଚିଠି ଲେଖି କହିଥିଲେ ଯେ, ଯଦି ସମ୍ବିଧାନ ଆମ ପଥରେ ପ୍ରତିବନ୍ଧକ ସୃଷ୍ଟି କରେ ତେବେ ସମ୍ବିଧାନରେ ପରିବର୍ତ୍ତନ ଆଣିବା ଉଚିତ୍ । ସମ୍ବିଧାନକୁ ସଶକ୍ତ କରିବାରେ ନାରୀଶକ୍ତି ପ୍ରମୁଖ ଭୂମିକା ତୁଲାଇଛନ୍ତି । ଏଥିପାଇଁ ଆମେ ନାରୀଶକ୍ତି ବନ୍ଦନ ନିୟମ ପ୍ରଣୟନ କରିଛୁ । ଆଜି ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି । ଦେଶରେ କ୍ରୀଡ଼ା ଓ ମହାକାଶ ବିଜ୍ଞାନରେ ମଧ୍ୟ ଦ୍ରୁତ ଅଗ୍ରଗତି ହୋଇଛି । ନୂଆ ଶିକ୍ଷାନୀତିରେ ମାତୃଭାଷାକୁ ଗୁରୁତ୍ୱ ଦିଆଯାଇଛି ବୋଲି ମୋଦୀ କହିଥିଲେ ।

### ବିଷ୍ଣୁପଦଙ୍କୁ...

ତେବେ ଆଇଏଏସ ବିଷ୍ଣୁପଦ ସେଠିଙ୍କ ଦୁଇ ଡ୍ରାଇଭରଙ୍କୁ ଜେରା କଲା ସିବିଆଇ । ଦୀର୍ଘ ସମୟ ଧରି ନୃସିଂହ ଏବଂ ତୁଷାରଙ୍କୁ ଜେରା କରିଥିଲା ସିବିଆଇ । ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଜେରା କରିଥିଲା ସିବିଆଇ । ଜେରା ପରେ ଡ୍ରାଇଭର ନୃସିଂହ ଶତପଥୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ମୋ ଆକାଉଣ୍ଟରେ ଟଙ୍କା କାରବାର ହୋଇନି । ମୁଁ ଏସ୍‌ସିଏସ୍‌ଟି ବିଭାଗର ଡ୍ରାଇଭର, ସିବିଆଇ ଯାହା ପଚାରିଲେ ଉତ୍ତର ଦେଲି । ସାର ଘରୁ ବାହାରି କୁଆଡେ କୁଆଡେ ଯାଉଥିଲେ ତାହା ସିବିଆଇ ପଚାରିଲେ । ୭ ତାରିଖରେ ସନ୍ଧ୍ୟା ସମୟରେ ସାର କେଉଁଠି ଥିଲେ ପଚାରିଲେ । ମୁଁ ସନ୍ଧ୍ୟା ୭ ଟାରେ ଘରେ ଛାଡିଥିବା କହିଲି । ପରେ କୁଆଡେ ଯାଇଥିବେ ମୁଁ ଜାଣିନି । ସାରଙ୍କର ତିନିଜଣ ଡ୍ରାଇଭର ଅଛନ୍ତି । ମୁଁ ଦିନ ଦୁଇଟା ପର୍ଯ୍ୟନ୍ତ ସାରଙ୍କୁ ନେବାଆଣିବା କରେ । ପରେ ଡ୍ରାଇଭର ତୁଷାର ଏସ୍‌ଏସ୍‌ଇପିଡି ବିଭାଗର ସାରଙ୍କୁ ନେବାଆଣିବା କରେ ବୋଲି ସେ ସିବିଆଇକୁ କହିଥିବା କହିଛନ୍ତି ।

## ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ କାର୍ଯ୍ୟକ୍ରମ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ଉପ ମୁଖ୍ୟମନ୍ତ୍ରୀଙ୍କର ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିମାପଡ଼ା ତ୍ରିନାଥ ମାର୍ଗ ଠାରୁ ଗୋପ ବ୍ଲକ୍‌କୁ ସଂଯୋଗ ହୋଇଥିବା କୁଶଭଦ୍ରା ନଦୀ ବନ୍ଧର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଏକ ବୈଠକ କରିବା ସହ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାରେ ଦଳୀୟ କର୍ମୀଙ୍କ ସହିତ ଏକ ବୈଠକ ମଧ୍ୟ କରିଛନ୍ତି । ସେହିପରି ଶୁକ୍ରବାର ଉପ-ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଧଳେଶ୍ୱର ପଞ୍ଚାୟତ ଧଳେଶ୍ୱର ଗ୍ରାମରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ମାଧ୍ୟମରେ ୪୦ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଆଗାମୀ ଦିନରେ ଧଳେଶ୍ୱର ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ୪୦ ଲକ୍ଷ ଟଙ୍କା ଗ୍ରାମର ବିଭିନ୍ନ କ୍ଷେତ୍ର ତଥା ଶିକ୍ଷା, ସଡ଼କ ରାସ୍ତା, ପାନୀୟ ଜଳ, ଆଲୋକୀକରଣ କାର୍ଯ୍ୟରେ ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ସମିତି ସଭ୍ୟା ବେବିନା ଜେନା, ମଣ୍ଡଳ ସଭାପତି ଯତିନ୍ଦ୍ର ସ୍ୱାଇଁ, ପଂଚାୟତ ସଭାପତି ଧନୟ ମହାପାତ୍ରଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ ।

## ତୋଫାନ ସାମଲ ହତ୍ୟା ଘଟଣା: ଆଉ ଜଣେ ଗିରଫ

ବାରଙ୍ଗ(ଭାସ୍କର ନ୍ୟୁଜ୍): ଢେଲା ମାଡ କରି ପୁଅ ଆଗରେ ବାପାକୁ ହତ୍ୟା କରିବା ଘଟଣାରେ ବାରଙ୍ଗ ପୁଲିସ ଆଉ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁରସ୍ଥିତ ସରକାର ଜାଗା ମିଶନରେ ଘରେ ରହୁଥିବା ପିଣ୍ଟୁ ସାହୁ ୨୧ବର୍ଷ । କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅନ୍ତର୍ଗତ ପଟେଲିପଙ୍କ ଗ୍ରାମର ତୋଫାନ ସାମଲ ଓରଫ ବାପି(୪୪)ଙ୍କୁ ଗତ ୧୦ତାରିଖରେ ୨୫ରୁ ଅଧିକ ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇ ଢେଲା ପଥରପର୍ଷା କରି ତାଙ୍କୁ ହତ୍ୟାକରିଥିଲେ ।

## ବାଲି ଚୋରା ଚାଲାଣ, କାର୍ଯ୍ୟାନୁଷ୍ଠାନ ଦାବି

ନିଆଳି(ଭାସ୍କର ନ୍ୟୁଜ୍): କଣ୍ଟାପଡା ତହସିଲ୍ ଅଧିନସ୍ଥ ଉତ୍ତାରଣ ପଞ୍ଚାୟତ କନ୍ଦଳ, ବାବଜା, ଛିଣ୍ଡା ନଦୀରୁ ଦିନ ଦ୍ୱିପ୍ରହରରେ ଟ୍ରାକ୍ଟର ଲଗାଇ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ କରାଯାଉଛି । ଏମିତିକି ସ୍ଥାନୀୟ ଲୋକ ବିରୋଧ କଲେ ମଧ୍ୟ ସେମାନଙ୍କ କଥାକୁ ଖାତିରି ନକରି ଦୋରଜବରଦସ୍ତ ଆଖି ଦେଖାଇ ବାଲି ତାଡୁଛନ୍ତି । ବାଲି ଚୋରି କରୁଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହିତ ଜଡିତ ଥିବାରୁ ପୋଲିସ୍ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ଭୟ ନାହିଁ । ଯାହା ଫଳରେ ବାଲି ଚୋରା ଚାଲାଣ ଦ୍ୱାରା ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି ।

**AFFIDAVIT**

By an affidavit No. 5464/ Dt.11.07.2024 sworn before Executive Magistrate, Balasore I, Sujata Mishra, W/o-Chandrakanta Mishra, At/ P.O.- Sartha, P.S.- singla, Dist.- Balasore declare that name of my son in Aadhaar inadvertently recoreded as Krupasindhu Mishra instead of Kailash Chandra Mishra which is correct as per birth certificate. Henceforth he shall be known as Kailash Chandra Mishra for all purposes.

**ପୂର୍ବ ତଟ ରେଳପଥ**

**1.ଟେଣ୍ଡର ସଂ. ELOP-T-11-2024**
କାର୍ଯ୍ୟର ନାମ : 02 (ଦୁଇ) ବର୍ଷର ଅବଧି ନିମନ୍ତେ କଟକ ଠାରେ କ୍ର୍ୟୁ ଲବି ଏବଂ ରନିଙ୍ଗ୍ ରୁମ୍ ର ରକ୍ଷଣାବେକ୍ଷଣ ସହିତ ବାହାର ଏଜେନ୍ସି ମାଧ୍ୟମରେ ସବ୍ସିଡି ଯୁକ୍ତ ଖାଦ୍ୟର ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ : ₹3,03,31,572.08, EMD : ₹3,01,700/-

**2.ଟେଣ୍ଡର ସଂ. ELOP-T-12-2024**
କାର୍ଯ୍ୟର ନାମ : 02 (ଦୁଇ) ବର୍ଷର ଅବଧି ନିମନ୍ତେ ଭଦ୍ରକ ଠାରେ କ୍ର୍ୟୁ ଲବି, ପୁରୁଣା ଏବଂ ନୂଆ ରନିଙ୍ଗ୍ ରୁମ୍ ର ରକ୍ଷଣାବେକ୍ଷଣ ସହିତ ବାହାର ଏଜେନ୍ସି ମାଧ୍ୟମରେ ସବ୍ସିଡି ଯୁକ୍ତ ଖାଦ୍ୟର ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ : ₹5,47,12,352.26, EMD : ₹4,23,600/-

**3.ଟେଣ୍ଡର ସଂ. ELOP-T-13-2024**
କାର୍ଯ୍ୟର ନାମ : 02 (ଦୁଇ) ବର୍ଷର ଅବଧି ନିମନ୍ତେ ତାଳଚେର ଠାରେ କ୍ର୍ୟୁ ଲବି, ପୁରୁଣା ଏବଂ ନୂଆ ରନିଙ୍ଗ୍ ରୁମ୍ ର ରକ୍ଷଣାବେକ୍ଷଣ ସହିତ ସବ୍ସିଡି ଯୁକ୍ତ ଖାଦ୍ୟର ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ : ₹2,68,97,504.34, EMD : ₹2,84,500/-

ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/- (ସମସ୍ତ ଟେଣ୍ଡର ନିମନ୍ତେ), କାର୍ଯ୍ୟ ଶେଷ ହେବା ଅବଧି : 730 ଦିନ (ସମସ୍ତ ଟେଣ୍ଡର ନିମନ୍ତେ) ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.12.2024ରିଖ (ସମସ୍ତ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.12.2024ରିଖ 1100 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-799/P/24-25

**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल, धनबाद**

**शुद्धि पत्र**

दैनिक समाचार पत्रों में प्रकाशित ई–निविदा संख्या 07 / 2024–25 पी0आर0 सं0 341399 (Building)2024 -25_D में वेबसाईट पर संशोधित करते हुए निविदा प्रकाशन की तिथि 13.12.2024 के जगह पर तिथि 18.12. 2024, वेबसाईट में निविदा डालने की अन्तिम तिथि 19.12. 2024 के जगह पर तिथि 24.12.2024 एवं निविदा खोलने की तिथि 20.12.2024 के जगह पर तिथि 25.12.2024 पढ़ा जाय।

अन्य शर्तें यथावत रहेगी।

कार्यपालक अभियंता
भवन प्रमण्डल, धनबाद

PR 342039 Building(24-25)#D

midivsimdg@gmail.com
**कार्यालय,कार्यपालक अभियन्ता,**
**लघु सिंचाई प्रमण्डल,सिमडेगा**

**शुद्धि पत्र**

पत्रांकः–     सिमडेगा, दिनांकः–

इस कार्यालय के पत्रांकः– 757 दिनांकः– 04.12.2024 द्वारा आमंत्रित निविदा आमंत्रण संख्याः– WRD/MID/SIMDEGA/BD/SLI-08/2024-25 दिनांकः–04.12. 2024 जो विभिन्न समाचार पत्रों में प्रकाशित हुआ था (पी.आर.संख्याः–341154 Simdega(24-25)D को अपरिहार्य कारणवश निम्नांकित रुप से संशोधित किया जाता है:–

| कमांक | निविदा सूचना के कमांक | Particulars | Revised Date |
|---|---|---|---|
| 1 | 2 | Estimated Cost Rs. | 1,08,20,000=00 के स्थान पर 1,06,80,603=28 पढ़ा जाय। |
| 2 | 4 | Earnest Money Deposit (Rs.) | 2,16,400=00 के स्थान पर 1,06,900=00 पढ़ा जाय। |

2. निविदा की अन्य शर्तें पूर्ववत् रहेगी।
निविदा की अन्य शर्ते http://jharkhandtenders.gov.in. एवं कार्यालय के सूचना पट्ट पर देखा जा सकता है।

कार्यपालक अभियंता,
लघु सिंचाई प्रमण्डल,सिमडेगा

PR 342024 Simdega(24-25)#D

**कार्यालय कार्यपालन अभियंता**
**लोक स्वास्थ्य यांत्रिकी विभाग, खण्ड – बलरामपुर (छ.ग.)**
E-mail: eebalram-phe-cg@nic.in

निविदा क्र./25/ले.शा./ज.जी.मि./का.अ./लो.स्वा.यां.वि./2024
बलरामपुर, दिनांक 10.12.2024

**ऑन लाईन द्वितीय निविदा आमंत्रण**

छत्तीसगढ़ के राज्यपाल की ओर से जल जीवन मिशन अंतर्गत नल जल प्रदाय योजना के विभिन्न कार्यों के लिए (Risk & Cost) प्रतिशत दर फार्म "अ" में निम्नानुसार निविदा आमंत्रित की जाती है :–

| सि. नि. क्र. | कार्य की अनुमानित लागत (रू.लाख में) |
|---|---|
| 162720 | 280.10 |
| 162721 | 25.64 |
| 162722 | 52.91 |

निविदा एवं कार्य का विस्तृत विवरण यथा धरोहर राशि, बिड वैद्यता की तिथि, कार्य की अवधि, निविदाकार की श्रेणी, एवं कार्यों तथा स्थल संबंधी जानकारी ऑन लाईन ई–प्रोक्युरमेंट https://eproc.cgstate.gov.in पर दिनांक 16.12.2024 से देखी जा सकती है तथा निविदा दिनांक 06.01.2025 तक बिड डाली जा सकती है। निविदा में आगामी संशोधन पृथक से समाचार पत्रों में प्रकाशित नहीं किए जावेंगे। अतः निविदाकार ऑन लाईन निविदा प्रक्रिया में सतत् संपर्क में रहें। अन्य विवरण कार्यालयीन समय पर लोक स्वास्थ्य यांत्रिकी विभाग, खण्ड बलरामपुर में देखे जा सकते है।

कार्यपालन अभियंता
लोक स्वास्थ्य यांत्रिकी विभाग
खण्ड–बलरामपुर (छ.ग.)

G-242504508/ 6

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION No. I**
**AMBIKAPUR. DISTT. - SURGUJA (C.G.)**
e-Procurement Tender Notice
eProcurement Portal: https://eproc.cgstate.gov.in

**(FIRST-CALL)**

NIT NO. 04/SAC/2024-25     Dated: 09.12.2024

Online Tenders are invited for the following works up to 30.12.2024. (17.30 hours IST).

| G. No. | System Tender No. | Name of Work | Probable amount of contract |
|---|---|---|---|
| 1 | 162371 | CONSTRUCTION OF KAROLI MACHHALI NADI STOPDAM CUM CAUSEWAY. | Rs. 469.48 Lakhs |
| 2 | 162372 | CONSTRUCTION OF ASKALA GAGAR NADI ANICUT CUM CAUSEWAY. | Rs. 477.61 Lakhs |
| 3 | 162373 | CONSTRUCTION OF DUMKI MACHALI NADI ANICUT CUM CAUSEWAY. | Rs. 603.90 Lakhs |
| 4 | 162374 | CONSTRUCTION OF CHANGORI KORWAPARA ANICUT CUM CAUSEWAY. | Rs. 742.42 Lakhs |

The details can be viewed & downloaded online directly from the Govt. of Chhattisgarh integrated e-Procurement portal (https://eproc.cgstate.gov.in) from dated 16.12.2024 at 17.31 hours (IST) onwards.

Note: All eligible/interested contractors/bidders are mandated to get enrolled on the entegrated e-Procurement portal (https://eproc.cgstate.gov.in) and get approval on specific vendor class from PWD under centralized contractor/ supplier registration in order to download the tender documents and participate in the subsequent bidding process.

Sd/- EXECUTIVE ENGINEER
Water Resources Division No. 1,
Ambikapur (C.G.)
For, Chief Engineer
Hasdeo Ganga Basis, W.R. Deptt.
Ambikapur, Sarguja (C.G.)

G-242504564/ 3

C-1263
**CUTTACK MUNICIPAL CORPORATION**
**"e" PROCUREMENT NOTICE**
Tender Call Notice No. 10532(PW) Date.13.12.2024
Tender ID : 2024_ORULB_107485
Civil work-6 No.
Bid Value : Rs.2.59 Lakhs to Rs.17.18 Lakhs
Date and Time schedule :

| Start | End | Opening |
|---|---|---|
| 11.00 AM on dt. 17.12.2024 | 5.00 PM on dt.24.12.2024 | 11:00 A.M. on dt.30.12.2024 |

Tender Details : can be seen from the procurement portal : www.tendersorissa:gov.in

OIPR 13031/11/0108/
Executive Engineer
City Division-II,CMC

PHONE:OFF: (06852):251263
email : eerwkoraput@yahoo.com
O-883
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION:KORAPUT
e-Procurement for Road Works
Bid Identification No: SERWKPT–Online-06/2024-25 Dtd-10.12.2024

Letter No 3971     Dtd 10.12.2024

1 Name of the Work : SPECIAL REPAIR ROAD WORKS FOR THE YEAR 2024-25
2 Total Numbers of Works : 6 Nos
3 Approximate Estimate Cost : Rs. 8.40 to Rs. 67.23 Lakhs (Approximately)
4 Class of Contractor : "B", "C" & "D" Class
5 Period of Completion : 2 MONTHS
6 Other Details :

| Procrument Officer | Bid Identification No | Availability of tender online bidding | |
|---|---|---|---|
| | | From | To |
| Superintending Engineer, R.W.Division, Koraput | Online Tender/06/RWD-KPT/2024-25 | 20.12.2024 at 11.00 A.M | 30.12.2024 upto 5.30 P.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

OIPR 25088/11/0006/2425
Addl. Chief Engineer
Rural Works Division, Koraput

O-856
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE
**e-procurement Notice for Roads works**
Bid Identyfication No e-procurement Notice No.03/ SERW-II/BLS/ 2024-25

1.Name of the work :- Road works
2.Total no.of works :- 19 Nos.
3. Estimated Cost :- As Specified in column 3 of Annexure
4. Cost of Tender Paper through online :- As specified in column 6 of Annexure
5. Time of Completion :- As specified in column 8 of Annexure
6. Class of Contrator :- As specified in column 7 of Annexure
7. Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W.Divn-II, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W.Division-II, Balasore | E-TCN No.03 of 2024-25 | 17.12.2024 at 05.00 P.M. | 30.12.2024 up to 5.00 PM | 30.12.2024 up to 02.00 PM | 31.12.2024 at 11.00 AM |

Further details can be seen from the web site www.tendersorissa.gov.in

OIPR 25052/11/0004/2425
Addl. Chief Engineer,
R.W. Division-II : Balasore.

E_mailL: rw_bhawanipatna@yahoo.co.in
O-855
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, BHAWANIPATNA.
******
Letter No. 3214     Date: 10.12.2024
e-Procurement Notice
Bid identification No: SERWBPT/Online-04/2024-25

1. Name of works : Road work (As per Annexure-A)
2. Total No. of work : Road – 3 Nos
3. Estimated Cost : As per 'Annexure – 'A'
4. E.M. D : The bidders shall transfer on line the EMD of the Amount as specified for the work in the table Col no-4 in the Annexure-A
5. Cost of Tender document : As per 'Annexure – 'A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, Rural Works Division, Bhawanipatna | SERWBPT/Online-04/2024-25 | 18.12.2024 from 10.00 A.M | 30.12.2024 Upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in

OIPR 25070/11/0001/2425
Superitending Engineer
Rural Works, Division, Bhawanipatna

B-750
GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com
No. 5578 Date 11 · 12 · 2024
**Invitation For Bids**
Bid Identification No. S.E. (R&B) KHARIAR– 08 / 2024-25

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in single cover system in ONLINE MODE only. | |
| 2 | Nature of work | Repair, Renovation and maintenance |
| 3 | No. of work | 02 Nos. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 17.12.2024 to 17.00 Hours of 26.12.2024 |
| 7 | Date of opening of Technical Bid | Dt. 27.12.2024 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR 34062/11/0012/2425
Superitending Engineer
Khariar, (R&B) Division, Kharia r

**MINISTRY OF ROAD TRANSPORT & HIGHWAYS, NEW DELHI**
**OFFICE OF THE EXECUTIVE ENGINEER**
**NATIONAL HIGHWAYS DIVISION,Dhanbad.**
**E-mail:eenhdivisiondhanbad@gmail.com**

**Notice Inviting Bid**
Bid/ Package no.-NH/Dhanbad/10/2024-25     Dated-13.12.2024

RFP forWidening to two lane with paved shoulder from Km10.000 to Km 37.420 of NH-218 in the State of Jharkhand under EPC mode (Total Length of the project – 27.420 Km).

The Ministry of Road Transport & Highways through Chief Engineer, National Highway Wing, Jharkhand, Ranchi is engaged in the development of National Highways and as part of this endeavour, it has been decided to undertake Widening to two lane with paved shoulder from Km10.000 to Km 37.420 of NH-218 in the State of Jharkhand under EPC mode (Total Length of the project – 27.420 Km).through an Engineering, Procurement and Construction (EPC) Contract.[The Ministry of Road Transport & Highways/ StatePublicWorksDepartment/representedbyitsDG(RD)&SS/ CE (NH) PWD State] now invites bids from eligible contractors for the following project:-

| State | NH No. | ICB No. | Name of Work | Estimated Cost (In Rs. Cr.) | Completion Period | Maintenance Period |
|---|---|---|---|---|---|---|
| Jharkhand | 218 | | Widening to two lane with paved shoulder from Km10.000 to Km 37.420 of NH-218 in the State of Jharkhand under EPC mode (Total Length of the project – 27.420 Km) | 72,94,43,709.00 (Including LC& Utility Shifting and excluding GST, ) | 15 (Fifteen Months) | 05 (Five years) after Completion |

The complete BID document can be viewed / downloaded from official portal of theCPPP website https:// eprocure.gov.in/eprocure/appfrom30.12.2024to 15.02.2025 (upto17:00P.M). Bidder must submit its Financial bid and Technical Bid at https:// eprocure.gov.in/eprocure/appon or before 15.02.2025 (upto 17:00 P.M). Bids received online shall be opened on18.02.2025 (after 15:00 P.M).

Bid through any other mode shall not be entertained. However, Bid Security in form of Insurance Surety Bond, Account Payee Demand Draft, Banker's Cheque or Electronic Bank Guarantee (e- Bank Guarantee), receipt of document fee, Power of Attorney and Joint Bidding Agreement etc. shall be submitted physically by the Bidder within 2daysfrom the bid due datei.eupto17.02.2025 (upto 15.00 P.M). In case of Original BGs in confirmation of scanned copies are not submitted within this period by the bidder, the bidder will be debarred for one year from bidding for National Highways/other Centrally Sponsored works of Ministry of Road Transport & Highways and its implementing agencies. Please note that the Ministry/Authority/ Executing Agency reserve the right to accept or reject all or any of the BIDs without assigning any reason whatsoever.

Executive Engineer
National Highway Division, Dhanbad

PR 342028 Road(24-25).D

e-mail : rwd_gajapati@yahoo.co.in
O-828
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI
NATIONAL COMPETITIVE BIDDING THROUGH e-Procurement
Identification No. Online Tender- 07/GJP/2024-25

1. Name of the work : Building Works
2. Total No. Work : 06 (Six) No. of Building Works
3. Estimated Cost : Rs. 38.78 lakhs to 39.00 lakhs
4. Class of Contractor : 'C' & 'B' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 19.12.2024 at 10.00 AM to 26.12.2024 up to 5.30 PM.
7. Date and Time of Opening of Tender : 27.12.2024 at 11.30 AM
8. Place of Opening : As per Annexure

Further details can be seen from the Website www.tenderorissa.gov.in

OIPR 25158/11/0007/2425
SUPERINTENDING ENGINEER
R.W. DIVN.GAJAPATI



ନୂଆଦିଲ୍ଲୀ: ବାଂଲାଦେଶ ନିଜର ବାୟୁସେନାକୁ ଶକ୍ତିଶାଳୀ ଏବଂ ଆଧୁନିକ କରିବାକୁ ଚେଷ୍ଟା କରୁଛି । ଏଥିପାଇଁ ଚୀନରୁ ଲଢୁଆ ବିମାନ କିଣିବା ପାଇଁ ବଂଲାଦେଶ ସରକାର ବିଚାର କରୁଛନ୍ତି। ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ବାଂଲାଦେଶ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ହାସନ ମହମ୍ମଦ ଖାଁ କହିଛନ୍ତି ଯେ ଆମେ ଲଢୁଆ ବିମାନ ଏବଂ ଆଟାକ୍ ହେଲିକପ୍ଟର କିଣିବା ପାଇଁ ସମସ୍ତ ସମ୍ଭବ ପ୍ରୟାସ କରୁଛୁ। ରିପୋର୍ଟ ଅନୁଯାୟୀ, ବାଂଲାଦେଶ ଚୀନର ଚେଙ୍ଗଡୁ ଜେ-୧୦ସି ମଲ୍ଟିରୋଲ ଲଢୁଆ ବିମାନ କିଣିପାରେ। ପ୍ରଥମ ପର୍ଯ୍ୟାୟରେ ୧୬ଟି ଜେ-୧୦ସି ଲଢୁଆ ବିମାନ କିଣିବାକୁ ଯୋଜନା କରିଛି ଢାକା। ବାଂଲାଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପ ଜୋର ଧରିଥିବା ବେଳେ ଏହି ତଥ୍ୟ ସାମ୍ନାକୁ ଆସିଛି ।

# ମିଡିଆ କ୍ରିକେଟ୍ ଲିଗ୍‌ର ଶୁଭାରମ୍ଭ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ନୂଆ ରାଜେନ୍ଦ୍ରନଗର ସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲରେ ଦ୍ୱିଦିବସୀୟ ମିଡିଆ କ୍ରିକେଟ୍ ଲିଗ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଛତିଶଗଡ଼ ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ ଉପସ୍ଥିତ ରହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଏହି ଆୟୋଜନ ମିଡିଆ ଖେଳାଳିଙ୍କ ପାଇଁ ଏକ ବିଶେଷ ଅବସର । ମିଡିଆ ଭାଇମାନେ ସମ୍ବାଦ ପ୍ରେରଣ କରିବା ପାଇଁ ବ୍ୟସ୍ତ ରହୁଥିବା ବେଳେ ଖେଳ ଉପରେ ଧ୍ୟାନ ଦେଇପାରୁନଥିଲେ । ଏବେ ସେମାନଙ୍କ ମନରେ କ୍ରୀଡ଼ା ମନୋଭାବ ସୃଷ୍ଟି ହେବା ଏକ ରୋମାଞ୍ଚକର ଅନୁଭବ । ଏହି ଖେଳର ଆୟୋଜନ କରିଥିବା ସମସ୍ତ ଆୟୋଜକଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ । ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହ ତାଙ୍କ ଭାଷଣରେ କହିଥିଲେ ଯେ, ମିଡିଆ ଭାଇମାନଙ୍କ ମଧ୍ୟରେ କ୍ରୀଡ଼ା ଭାବନା ସୃଷ୍ଟି ହେବା ପ୍ରଶଂସନୀୟ । ଏହି କାର୍ଯ୍ୟକ୍ରମରେ ବିଧାୟକ ପୁରନ୍ଦର ମିଶ୍ରା, ପ୍ରେସ୍ କ୍ଲବ୍ ଅଧ୍ୟକ୍ଷ ପ୍ରଫୁଲ୍ଲ ଠାକୁର, କାର୍ଯ୍ୟକ୍ରମ ସଂଯୋଜକ ଅମିତ ଚିମନାନିଙ୍କ ସହିତ ବହୁ ସଂଖ୍ୟକ କ୍ରିକେଟପ୍ରେମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପାଣି ଟାଙ୍କି ଭୁଶୁଡ଼ି ତିନି ଛାତ୍ରଙ୍କ ମୃତ୍ୟୁ

ନୂଆଦିଲ୍ଲୀ : ସ୍କୁଲରେ ଖେଳୁଥିବାବେଳେ ପାଣି ଟାଙ୍କି ଧସିଯିବାରୁ ତିନିଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଅରୁଣାଚଳ ପ୍ରଦେଶର ନାହରଲାଗୁନରେ ଘଟିଛି। ଏହି ଘଟଣାରେ ଅନ୍ୟ ତିନିଜଣ ଛାତ୍ର ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ସମସ୍ତ ଆହତଙ୍କୁ ନାହରଲାଗୁନସ୍ଥିତ ଟୋମୋ ରିବା ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ନାହରଲାଗୁନ ପୁଲିସ ଅଧୀକ୍ଷକ ମିହିନ ଗାମ୍ବୋଙ୍କ କହିବା ଅନୁସାରେ ଏଠାରେ ମଡେଲ ଗାଁରେ ଥିବା ସେଣ୍ଟ ଆଲଫୋନ୍ସ ନାମକ ଏକ ଘରୋଇ ସ୍କୁଲରେ ଛାତ୍ରମାନେ ଖେଳୁଥିଲେ। ଏହି ସମୟରେ ପାଖରେ ଥିବା ପାଣି ଟାଙ୍କି ଭୁଶୁଡ଼ି ପଡ଼ିଥିଲା। ଏଥିରେ ୬ ଜଣ ଛାତ୍ର ଗୁରୁତର ଭାବେ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଟୋମୋ ରିବା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ହେଲେ ଏଠାରେ ତିନି ଜଣ ଛାତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଏସପି କହିଛନ୍ତି। ମୃତକମାନେ ନବମ ଶ୍ରେଣୀର ଛାତ୍ର ଥିବାବେଳେ ଆହତମାନେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ର ବୋଲି ପୁଲିସ କହିଛି। ଏହି ମାମଲାରେ ପୁଲିସ ଘରୋଇ ବିଦ୍ୟାଳୟର ପ୍ରଧାନଶିକ୍ଷକ, ମାଲିକ ଏବଂ ଚାରିଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏସ୍‌ପି କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ପାଣି ଟାଙ୍କିରେ ଏହାର କ୍ଷମତାଠାରୁ ଅଧିକ ପାଣି ଭର୍ତ୍ତି ହୋଇଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ।

# ବନ୍ଧକମୁକ୍ତ ଋଣ ସୀମାକୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କଲା ରିଜର୍ଭ ବ୍ୟାଙ୍କ




ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କୃଷକମାନଙ୍କ ପାଇଁ ବନ୍ଧକମୁକ୍ତ ଋଣ ସୀମାକୁ ୧.୬ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ନିଷ୍ପତ୍ତି ଜାନୁଆରୀ ୧, ୨୦୨୫ରୁ କାର୍ଯ୍ୟକାରୀ ହେବ। ଇନପୁଟ୍ ମୂଲ୍ୟ ବୃଦ୍ଧି ମଧ୍ୟରେ କ୍ଷୁଦ୍ର ଚାଷୀମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ନୂତନ ନିର୍ଦ୍ଦେଶରେ ସମଗ୍ର ଦେଶରେ ବ୍ୟାଙ୍କଗୁଡ଼ିକ କୃଷି ଏବଂ ସହଯୋଗୀ କାର୍ଯ୍ୟକଳାପରୁ ଋଣ ନେଇଥିବା ବ୍ୟକ୍ତିଙ୍କ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାର୍ଜିନ ଆବଶ୍ୟକତା ଛାଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ମନ୍ତ୍ରଣାଳୟ ଅନୁଯାୟୀ, ମୂଲ୍ୟ ବୃଦ୍ଧି ଏବଂ ଚାଷୀଙ୍କ ପାଇଁ ଋଣ ସୁବିଧା ସୁଧାରିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ବିବୃତ୍ତିରେ କୁହାଯାଇଛି ଯେ, ଏହି ପଦକ୍ଷେପ ୮୬ ପ୍ରତିଶତରୁ ଅଧିକ କ୍ଷୁଦ୍ର ଏବଂ ସୀମାବଦ୍ଧ ଜମିହରା ଚାଷୀଙ୍କୁ ବହୁତ ଲାଭଦାୟକ କରିବ। ନିର୍ଦ୍ଦେଶାବଳୀକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଏବଂ ନୂତନ ଋଣ ବ୍ୟବସ୍ଥା ବିଷୟରେ ବ୍ୟାପକ ସଚେତନତା କରିବାକୁ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ କିଷାନ କ୍ରେଡିଟ କାର୍ଡ (କେସିସି) ଋଣରେ ପ୍ରବେଶକୁ ସହଜ କରିବ ବୋଲି ଆଶା କରାଯାଉଛି ଏବଂ ସରକାରଙ୍କ ସଂଶୋଧିତ ସୁଧ ସବଭେନସନ ସ୍କିମ୍‌କୁ ପୂର୍ଣ୍ଣ କରିବ, ଯାହାକି ୪ ପ୍ରତିଶତ ପ୍ରଭାବଶାଳୀ ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବ। କୃଷି କ୍ଷେତ୍ରରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କୃଷକମାନଙ୍କୁ କୃଷି କାର୍ଯ୍ୟରେ ବିନିଯୋଗ ଏବଂ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଆବଶ୍ୟକ ଆର୍ଥିକ ନମନୀୟତା ଯୋଗାଇବା ପାଇଁ ଏହି ପଦକ୍ଷେପ ଏକ ରଣନୀତିକ ପଦକ୍ଷେପ ଭାବରେ ଦେଖାଯାଉଛି। କୃଷି ବିଶେଷଜ୍ଞମାନେ ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପକୁ ଋଣ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା ଏବଂ କୃଷି ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ କୃଷି ଇନପୁଟ ଖର୍ଚ୍ଚ ଉପରେ ମୁଦ୍ରାସ୍ଫୀତି ଚାପ ଦୂର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରନ୍ତି

# ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ବୋମାରେ ଉଡାଇବାକୁ ଧମକ




ନୂଆଦିଲ୍ଲୀ: ରାଜଧାନୀରେ ପୁଣି ବୋମା ଧମକ । ଆରକେପୁରମ୍ ଥିବା ଦିଲ୍ଲୀ ପବ୍ଲିକ୍ ସ୍କୁଲ ସମେତ କିଛି ସ୍କୁଲକୁ ବୋମା ବିସ୍ଫୋରଣ ଧମକ ମିଳିଛି । ଶନିବାର ସକାଳୁ ସକାଳୁ ସ୍କୁଲକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଛି । ଏହାର ସୂଚନା ମିଳିବା କ୍ଷଣି ବିଦ୍ୟାଳୟ ପରିସରରେ ଭୟର ବାତାବରଣ ଖେଳିଯାଇଥିଲା । ସ୍କୁଲ କର୍ତ୍ତୃପକ୍ଷ ପକ୍ଷରୁ ତୁରନ୍ତ ଦିଲ୍ଲୀ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା । ରେସକ୍ୟୁ ଟିମ୍ ଏବଂ ପୋଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରି ଦେଖିଲେ । ମାତ୍ର ଏପର୍ଯ୍ୟନ୍ତ ଡିପିଏସରୁ କୌଣସି ସନ୍ଦିଗ୍ଧ ବିସ୍ଫୋରକ ପଦାର୍ଥ ମିଳିନାହିଁ । ଦିଲ୍ଲୀ ପୋଲିସ ମୁତାବକ, ଦିଲ୍ଲୀ ପବ୍ଲିକ୍ ସ୍କୁଲ ସହିତ ଅନ୍ୟ କିଛି ବିଦ୍ୟାଳୟରୁ ଇ-ମେଲ୍ ଜରିଆରେ ବୋମା ଧମକ ମିଳିଥିଲା । ସ୍କୁଲ କର୍ତ୍ତୃପକ୍ଷ ଦିଲ୍ଲୀ ଫାୟାର ଡିପାର୍ଟମେଣ୍ଟକୁ ସକାଳ ୬ଟା ବେଳେ ସୂଚନା ଦେଇଥିଲେ । ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ସ୍କୁଲ କ୍ୟାମ୍ପସରେ ପହଞ୍ଚି ଯାଞ୍ଚ ଆରମ୍ଭ କରି ଦେଇଥିଲେ । ହେଲେ ଏପର୍ଯ୍ୟନ୍ତ ସ୍କୁଲରୁ ସେଭଳି କିଛି ସନ୍ଦିଗ୍ଧ ପଦାର୍ଥ ମିଳିନଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି । ପ୍ରତ୍ୟେକ ଦିନ ଦିଲ୍ଲୀର ବିଭିନ୍ନ ସ୍କୁଲକୁ ବୋମା ଧମକ ମିଳିବା ସାଧାରଣ କଥା ହୋଇଗଲାଣି । ତଥାପି ପୋଲିସ ଏହାକୁ ହାଲୁକାରେ ନନେଇ ଯାଞ୍ଚ କରୁଛି । ନକଲି ଇ-ମେଲ୍ ପଠାଉଥିବା ବ୍ୟକ୍ତିକୁ ଗିରଫ କରିବାକୁ ଉଦ୍ୟମ ଚଳାଉଛି। ଏହା ପୂର୍ବ ଶୁକ୍ରବାର ଦିଲ୍ଲୀର ଇଷ୍ଟ ଅଫ୍ କୈଳାସ ଡିପିଏସ, ସଲୱାନ ପବ୍ଲିକ୍ ସ୍କୁଲ, ମର୍ଡନ ସ୍କୁଲ ଏବଂ କେମ୍ବ୍ରିଜ୍ ବିଦ୍ୟାଳୟକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା । ସେହିପରି ସୋମବାର ରାଜଧାନୀ ଦିଲ୍ଲୀର ପ୍ରାୟ ୪୦ଟି ସ୍କୁଲକୁ ଟାର୍ଗେଟ୍ କରାଯାଇଥିଲା । ବମ୍‌ରେ ଉଡ଼ାଇ ଦେବାକୁ ଧମକ ମିଳିଥିଲା । ଆଜିକୁ ମିଶାଇ ଗୋଟିଏ ସପ୍ତାହରେ ଏହା ତୃତୀୟ ଧମକ ହୋଇଗଲାଣି।

## ଏମ୍ଏମ୍‌ପି ଗ୍ୟାରେଣ୍ଟି ନେଇ ଶମ୍ଭୁ ସୀମାରେ ଚାଷୀଙ୍କ ଆନ୍ଦୋଳନ

# ପୋଲିସ୍‌ର ଲୁହ ବୁହା ଗ୍ୟାସ୍ ଏବଂ ପାଣି ମାଡ଼, ୮ ଆହତ



ନୂଆଦିଲ୍ଲୀ: ଆଇନରେ ଫସଲର ଏମଏମପି ଗ୍ୟାରେଣ୍ଟି ନେଇ ଶମ୍ଭୁ ସୀମାରେ ଚାଷୀଙ୍କ ଆନ୍ଦୋଳନ ଜାରି । ଶନିବାର ୧୦୧ ଚାଷୀଙ୍କ ଏକ ଗ୍ରୁପ୍ ହକ୍ ପାଇଁ ରାଜଧାନୀ ଦିଲ୍ଲୀକୁ ମାର୍ଚ୍ଚ ଆରମ୍ଭ କରିଥିଲେ । ହେଲେ ପୋଲିସ୍ ଆନ୍ଦୋଳନରତ ଚାଷୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା । ପଞ୍ଜାବ-ହରିୟାଣା ବୋର୍ଡରରେ ଚାଷୀ ବ୍ୟାରିକେଡ୍ ଭାଙ୍ଗି ଧଶେଇ ପଶିବାକୁ ପ୍ରୟାସ କରୁଥିବା ବେଳେ ପୋଲିସ ସେମାନଙ୍କ ଉପରକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହିତ ପାଣି ମାଡ଼ କରିଥିଲା । ଏଥିରେ ୮ଜଣ ଚାଷୀ ଆହତ ହୋଇଥିବାର ସୂଚନା ମିଳିଛି। ଦିଲ୍ଲୀ ସୀମାରେ ଚାଷୀଙ୍କ ଆନ୍ଦୋଳନ ୩୦୭ ଦିନରେ ପହଞ୍ଚିଛି । ହକ୍ ପାଇଁ ଲଢେଇ ଜାରି ରଖିଛନ୍ତି ହଜାର ହଜାର ଚାଷୀ। ଏବେ ସଂସଦର ଶୀତ ଅଧିବେଶନ ଚାଲୁଥିବା ବେଳେ ଦାବି ପୂରଣ ପାଇଁ 'ଦିଲ୍ଲୀ ଚଲୋ' ଆରମ୍ଭ କରିଛନ୍ତି ଚାଷୀ ସଂଗଠନ । ମାତ୍ର ସେମାନଙ୍କୁ ରୋକିବା ପାଇଁ ସୁରକ୍ଷାବାହିନୀର ଦିଲ୍ଲୀର ସମସ୍ତ ସୀମାକୁ ସିଲ୍ କରିଛି । ସମସ୍ତ ପ୍ରବେଶ ପଥରେ ବ୍ୟାରିକେଡ୍ ଲାଗିଛି। ବର୍ଡରେ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ହେବା ସହିତ ସୀମାକୁ ଲାଗି କରିଥିବା ଗାଁରେ ଇଣ୍ଟରନେଟ୍ ସେବାକୁ ରାତି ୧୨ଟା ଯାଏ ବନ୍ଦ କରାଯାଇଛି । ଚାଷୀ ନେତା ଶରୱନ ସିଂହ ପ୍ରତିକ୍ରିୟା ଦେଇ କହିଛନ୍ତି, ହକ୍ ପାଇଁ ଦେଶର ସମସ୍ତ ଚାଷୀ ଆନ୍ଦୋଳନକୁ ଓହ୍ଲାଇବା ଦରକାର।

# ବାଣିଜ୍ୟ



ନୂଆଦିଲ୍ଲୀ: ସୁପ୍ରିମକୋର୍ଟଙ୍କ ରାୟ ସ୍ୱିଜରଲ୍ୟାଣ୍ଡରେ କିଛି କମ୍ପାନିକୁ ପ୍ରଭାବିତ କରିବା ପରେ ଭାରତ ଓ ସ୍ୱିଜରଲ୍ୟାଣ୍ଡ ବାଣିଜ୍ୟ ସମ୍ପର୍କ ଖରାପ ହୋଇଛି। ନେସ୍‌ଲେ ବିରୋଧରେ କୋର୍ଟ ଦେଇଥିବା ରାୟରେ ଅସନ୍ତୁଷ୍ଟ ହୋଇ ସ୍ୱିଜରଲ୍ୟାଣ୍ଡ୍ କର୍ତ୍ତୃପକ୍ଷ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତକୁ ଦିଆଯାଇଥିବା ସବୁଠୁ ଅନୁଗୃହୀତ ଦେଶ (ଏମ୍ଏଫ୍ଏନ୍) ମାନ୍ୟତାକୁ ପ୍ରତ୍ୟାହାର କରିଛନ୍ତି। ତେଣୁ, ୨୦୨୫ ଜାନୁଆରିରୁ ସ୍ୱିଜରଲ୍ୟାଣ୍ଡରେ ବ୍ୟବସାୟ କରୁଥିବା ଭାରତୀୟ କମ୍ପାନିଗୁଡ଼ିକୁ ଆୟ ଉପରେ ଅଧିକ ଟିକସ ଗଣିବାକୁ ପଡ଼ିବ। ସ୍ୱିଜରଲ୍ୟାଣ୍ଡ ଏକ ବିଜ୍ଞପ୍ତି ଜାରି କରି ଜଣାଇଛି ଯେ ସ୍ୱିସ୍ ମହାସଂଘ ଓ ଭାରତ ସରକାରଙ୍କ ମଧ୍ୟରେ ଏମ୍ଏଫ୍ଏନ୍ ମାନ୍ୟତାକୁ ନେଇ ହୋଇଥିବା ଚୁକ୍ତିକୁ ପ୍ରତ୍ୟାହାର କରାଯାଉଛି। ନେସ୍‌ଲେ ବିରୋଧରେ ଭାରତର ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ଲାଗି ଏଭଳି କଠୋର ପଦକ୍ଷେପ ନିଆଯାଇଛି। ଏହାର ପ୍ରଭାବରେ ନୂଆବର୍ଷଠାରୁ ଭାରତୀୟ କମ୍ପାନିଗୁଡ଼ିକୁ ସ୍ୱିଜରଲ୍ୟାଣ୍ଡରେ ମିଳୁଥିବା ଲାଭାଂଶ ଉପରେ ୧୦ ପ୍ରତିଶତ ଟିକସ ଗଣିବାକୁ ପଡ଼ିବ। ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଅନ୍ୟ ଦେଶଗୁଡ଼ିକୁ ଦ୍ୱେତ ଟିକସ ଏଡାଇବା ଚୁକ୍ତି (ଡିଟିଏଏ)ରେ ଭାରତ ଯେଉଁ ସୁବିଧା ଦେଉଛି, ତାହା ସ୍ୱିଜରଲ୍ୟାଣ୍ଡକୁ ଦେଉନାହିଁ।

## ଓଡ଼ିଶାରେ ପରିବର୍ତ୍ତନଶୀଳ ଜି୨ସି ପ୍ରୋଗ୍ରାମ ସମ୍ପର୍କରେ ଆଲୋଚନା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୟୁନିକ୍ ଇନ୍‌ଫୋ ସଲ୍ୟୁଶନ୍‌ର ପ୍ରତିଷ୍ଠାତା ପ୍ରକାଶ ଶାହା ଓଡିଶାରେ ପରିବର୍ତନଶୀଳ ଗଭର୍ଣ୍ଣମେଣ୍ଟ-ଟୁ-ସିଟିଜେନ (ଜି୨ସି) ପ୍ରୋଗ୍ରାମଗୁଡିକର କାର୍ଯ୍ୟକାରିତା ଉପରେ ଏକ ତଥ୍ୟପୂର୍ଣ୍ଣ ଆଲୋଚନାରେ ନିଜର ମତାମତ ବ୍ୟକ୍ତ କରିଛନ୍ତି। ୱାନ ନେଶନ ୱାନ୍ ଷ୍ଟୁଡେଣ୍ଟ୍ ଆଇଡି (ଏପିଏଏଆର୍), ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଭଳି ଅଭିନବ ଅଭିଯାନ ଏବଂ ରାଜ୍ୟରେ ପରିଚାଳନାକୁ ଉନ୍ନତ କରିବା ଓ ନାଗରିକଙ୍କୁ ସଶକ୍ତ କରିବା ଉପରେ ଲକ୍ଷ୍ୟ ରଖିଥିବା ଅନ୍ୟାନ୍ୟ ଅତ୍ୟାଧୁନିକ ପଦକ୍ଷେପଗୁଡିକ ଉପରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶାହା ସାର୍ବଜନିନ ସେବାର କାର୍ଯ୍ୟକାରିତାକୁ ଉନ୍ନତ କରିବା ଓ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏଭଳି ପ୍ରୋଗ୍ରାମଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମହତ୍ୱ ଦେଇଥିଲେ। ଶ୍ରୀ ଶାହା ଏପିଏଏଆର୍ କିଭଳି ଛାତ୍ରଛାତ୍ରୀଙ୍କ ପ୍ରଗତିର ସ୍ୱଚ୍ଛ ଓ ଦକ୍ଷ ଟ୍ରାକିଙ୍ଗ୍‌କୁ ସକ୍ଷମ କରିବ ତାହାକୁ ବାଖ୍ୟା କରିଥିଲେ, ଯାହାଫଳରେ ଶିକ୍ଷା ବ୍ୟବସ୍ଥାରେ ଉତରଦାୟିତ୍ୱ ବୃଦ୍ଧି ପାଇବ। ଏହି ଅବସରରେ ଉପସ୍ଥିତ ଅନ୍ୟ ପ୍ରମୁଖ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଚିଫ୍ ଟେକ୍ନୋଲୋଜି ଅଫିସର ମନିଷ କୁମାର ବନିଆ, ଅପରେସନ ବିଭାଗର ଉପାଧ୍ୟକ୍ଷ ଫରିଦ ହକ ଏବଂ ଷ୍ଟେଟ ଆସୋସିଏଟ ଜୟପ୍ରକାଶ ମଲ୍ଲିକ ଆଦି ରହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଓଡିଶା ନିକଟରେ ଡିଜିଟାଲ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଏକ ଲିଡର ହେବାର ଅପାର କ୍ଷମତା ରହିଛି। ଏଭଳି ପରିବର୍ତ୍ତନଶୀଳ ଜି୨ସି ପ୍ରୋଗ୍ରାମଗୁଡିକୁ ଗ୍ରହଣ କରି ଆମେ ସରକାରଙ୍କୁ ଲୋକଙ୍କ ନିକଟତର କରିବା ଏବଂ ପ୍ରତ୍ୟେକ ନାଗରିକଙ୍କୁ ଡିଜିଟାଲ ଯୁଗରେ ସଫଳ ହେବା ପାଇଁ ସେମାନେ ଆବଶ୍ୟକ କରୁଥିବା ଟୁଲ୍ ସହ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ। ସେ ଏଭଳି ପଦକ୍ଷେପଗୁଡିକର ସଫଳତାକୁ ନିଶ୍ଚିତ କରିବା ପାଇଁ ସରକାର, ଘରୋଇ କ୍ଷେତ୍ର ଓ ନାଗରିକ ସମାଜ ମଧ୍ୟରେ ସହଭାଗିତାର ମହତ୍ୱକୁ ଗୁରୁତ୍ୱାରୋପ କରିଥିଲେ।

## ଟ୍ରାନ୍ସୟୁନିୟନ୍ ସିବିଲ୍ ପକ୍ଷରୁ ଭବେଶ ଜୈନ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭାବେ ନିଯୁକ୍ତି



ମୁମ୍ବାଇ: ଟ୍ରାନ୍ସୟୁନିୟନ୍ ସିବିଲ୍ ପକ୍ଷରୁ ଭବେଶ ଜୈନଙ୍କୁ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କମ୍ପାନିର ପୂର୍ବତନ ଏମ୍‌ଡି ଓ ସିଇଓ ରାଜେଶ କୁମାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସେ ଜାରି ରଖିବେ। ଏହି ପଦରେ ପାଂଚ ବର୍ଷ କାର୍ଯ୍ୟ କରିବା ପରେ ନିକଟରେ ଶ୍ରୀ କୁମାର ନିଜ ପଦରୁ ଇସ୍ତଫା ଦେଇଥିଲେ।

ଶ୍ରୀ କୁମାରଙ୍କ ନିଷ୍ପତି ପ୍ରତି ସମ୍ମାନ ଜଣାଇ ଟ୍ରାନ୍ସୟୁନିୟନ୍ ସିବିଲ୍‌ର ଅଧ୍ୟକ୍ଷ ଭି ଅନନ୍ତରମଣ କହିଛନ୍ତି ଯେ, ଆଗକୁ ବଢ଼ିବା ଓ ଦୀର୍ଘ ୩୨ ବର୍ଷ ଆର୍ଥିକ ସେବା କ୍ଷେତ୍ରରେ କାମ କରିବା ପରେ ନିଜ ପାଇଁ ଓ ନିଜ ପରିବାର ସହ ସମୟ ବିତାଇବା ସମ୍ପର୍କରେ ରାଜେଶ ପୂର୍ବରୁ ଅବଗତ କରିଥିଲେ। ଟ୍ରାନ୍ସୟୁନିୟନ୍ ସିବିଲ୍‌ର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥିବାରୁ ରାଜେଶଙ୍କୁ ଆମେ ଧନ୍ୟବାଦ ଜଣାଉଛୁ ଓ ତାଙ୍କ ନିଷ୍ପତିର ସମ୍ମାନ କରୁଛୁ। ତାଙ୍କ ନେତୃତ୍ୱରେ କମ୍ପାନି ବେଶ୍ ଅଗ୍ରଗତି କରିଛି ଏବଂ ଜୀବନର ଏହି ପରବର୍ତୀ ପର୍ଯ୍ୟାୟ ଯାତ୍ରାରେ ଆମେ ତାଙ୍କୁ ଶୁଭେଚ୍ଛା ଜଣାଉଛୁ। ଟ୍ରାନ୍ସୟୁନିୟନ୍ ସିବିଲ୍‌ରେ ଦୀର୍ଘ ପାଞ୍ଚ ବର୍ଷ ଧରି ମୁଖ୍ୟ ରାଜସ୍ୱ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ଶ୍ରୀ ଜୈନଙ୍କୁ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭାବେ ପଦୋନ୍ନତି ଦିଆଯାଇଛି । ଟ୍ରାନ୍ସୟୁନିୟନ୍ ଇଣ୍ଟରନ୍ୟାସନାଲର ସଭାପତି ଟଡ୍ ସ୍କିନର୍ କହିଛନ୍ତି ଯେ, 'ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ିବାରେ ସହଯୋଗ କରିବାର ଅଭିଳାଷ ରଖିଥିବା ଜଣେ ସଫଳ ଲିଡର ହେଉଛନ୍ତି ଭବେଶ।

## ଆଉଟବାଉଣ୍ଡ ଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହେଲେ ୧୮୦ କର୍ମଚାରୀ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାରେ ଆଉଟବାଉଣ୍ଡ ଶିକ୍ଷଣ କାର୍ଯ୍ୟକ୍ରମ 'ଜୋଶ' ଅଧୀନରେ ନଭେମ୍ବର ମାସରେ ଚାରିଟି ବ୍ୟାଚରେ ଅଧିକାରୀଙ୍କ ସମେତ ୧୦୪ ଜଣ କର୍ମଚାରୀ ଏବଂ ଡିସେମ୍ବର ମାସରେ ୭୫ ଜଣଙ୍କ ଅନ୍ୟ ଏକ ବ୍ୟାଚ୍ ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବୃତ୍ତିଗତ ଅଭିବୃଦ୍ଧି ଏବଂ ଦଳ ଗତିଶୀଳତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ପ୍ରତ୍ୟେକ ବ୍ୟାଚ୍‌ର ଶିକ୍ଷଣ ଅବଧି ଦୁଇ ଦିନ ଥିଲା। ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ (ଟିଏସଏଏଫ) ଏଥିନିମନ୍ତେ ଆବଶ୍ୟକୀୟ ବିଶେଷଜ୍ଞ ସହାୟତା ଯୋଗାଇଦେଇଥିଲେ। ସମସ୍ତ ଚାରୋଟି କାର୍ଯ୍ୟକ୍ରମ ସମସ୍ତ ସୁରକ୍ଷା ସତର୍କତା ସହିତ ମନ୍ଦିରା ଡ୍ୟାମ ପରିସର 'ଉମଙ୍ଗ' ଠାରେ ସଫଳତାର ସହ ସମ୍ପାଦିତ ହୋଇଥିଲା । ଅଂଶଗ୍ରହଣକାରୀଙ୍କ ବୃତ୍ତିଗତ ଦକ୍ଷତା ସାରଣୀରେ ସକରାତ୍ମକ ପରିବର୍ତ୍ତନ ଆଣିବା ଏବଂ ଏକ ସହଯୋଗୀ କାର୍ଯ୍ୟ ପରିବେଶକୁ ପ୍ରତିପାଦିତ କରିବା ପାଇଁ ପ୍ରସ୍ତୁତ ପାଠ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଏକ ୪୦ ଫୁଟ ଉଚ୍ଚତା ବିଶିଷ୍ଟ ରାପଲିଂ ଟାୱାର, ଅଷ୍ଟ୍ରେଲିଆନ ୱାକ ପାଇଁ କାଠ ପ୍ରସ୍ତୁତ ସ୍ୱତନ୍ତ୍ର ଉପକରଣ, ଗୁରୁଣ୍ଡିବା ପାଇଁ ଟନେଲ୍, ସମାନ୍ତରାଳ ଦଉଡି, ମଙ୍କି ଜମ୍ପିଙ୍ଗ ଏବଂ ଦଳସୃଷ୍ଟି ଉଦ୍ଦିଷ୍ଟ ବିଭିନ୍ନ ଖେଳ ପରିଚାଳନା ପାଇଁ ଅନ୍ୟାନ୍ୟ ସୁବିଧା ଏହି କେନ୍ଦ୍ରର କେତେକ ଆକର୍ଷଣୀୟ ବୈଶିଷ୍ଟ୍ୟ ରହିଛି। ବିଭିନ୍ନ ବ୍ୟାଚ ପାଇଁ ଉଦଯାପନୀ ଅଧିବେଶନ ନଭେମ୍ବର ୨୩,୨୬,୨୮ ଓ ୩୦ ତାରିଖରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସିଜିଏମ୍ (ପ୍ଲେଟ୍ ମିଲ୍) ଏତୁଆ ଓରାମ, ସିଜିଏମ୍ (ଇଲେକ୍ଟ୍ରିକାଲ୍) ଆର କେ ମୁଦୁଲି, ସିଜିଏମ୍ (ଭିଜିଲାନ୍ସ) ଏବଂ ଏସିଭିଓ ଏସ୍ ପ୍ରହରାଜ, ଏବଂ ସିଜିଏମ ଆଇ ଆଣ୍ଡ ଏ ଏସ ସି ପାତ୍ର ଉପସ୍ଥିତ ଥିଲେ। ଡିସେମ୍ବର ୧୦, ୧୨ ଓ ୧୪ ତାରିଖରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଏସଏମଏସ-୧ର ସିଜିଏମ ଶ୍ରୀ ପିନାକୀ ଚୌଧୁରୀ, ସୁରକ୍ଷା ଓ ଅଗ୍ନି ବିଭାଗର ସିଜିଏମ ଆଶା କାର୍ଥା ଓ ବ୍ଲାଷ୍ଟ ଫର୍ନେସ ବିଭାଗର ସିଜିଏମ ସୁମିତ କୁମାର ଅଧ୍ୟକ୍ଷତା କରିଥିଲେ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଚନ୍ଦଶେଖରପୁରରେ 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ' ଆରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଚନ୍ଦଶେଖରପୁରରେ 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ' ଆରମ୍ଭ ହେବା ସହ ଡାଇମଣ୍ଡ ସୋ' ସହିତ ସ୍ୱତନ୍ତ୍ର ଅଫର ଆରମ୍ଭ ହୋଇଛି । ଏହାକୁ ଓଲିଉଡ ଅଭିନେତ୍ରୀ ଅଙ୍କିତା ମହାନ୍ତି ଶୁଭାରମ୍ଭ କରିଛନ୍ତି । ଏହି ଫେଷ୍ଟିଭାଲ ଡିସେମ୍ବର ୧୪ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଶେଖରପୁର ସୋ'ରୁମରେ ଆୟୋଜିତ ହେବ । ଫେଷ୍ଟିଭାଲର ଅବଧି ମଧ୍ୟରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରାଯାଇଛି । ଗ୍ରାହକଙ୍କୁ ୨୫ ପ୍ରତିଶତ ଡାଇମଣ୍ଡସ ଉପରେ ରିହାତି ଦିଆଯାଇଥିବା ବେଳେ ପୁରୁଣା ଡାଇମଣ୍ଡ ଉପରେ ୧୦୦ ପ୍ରତିଶତ ବଦଳି ରିହାତି ଦିଆଯାଉଛି । ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ.ପି ଅହମ୍ମଦ ତାଙ୍କ ଉତ୍ସାହ ବାଣ୍ଟି କହିଛନ୍ତି ଯେ, ଆମର ଅବିସ୍ମରଣରେ ଶୋଭା ଏବଂ ଏକ୍ସକ୍ଲୁସିଭିଟିର ଅନୁସରଣ, ଆମେ ଆମର ଗ୍ରାହକମାନଙ୍କୁ ଅଦୃଶ୍ୟ ଉଜ୍ଜ୍ୱଳତା ଅନୁଭବ କରିବାକୁ ଆମନ୍ତ୍ରଣ କରୁ । ଆମର ହୀରା ସଂଗ୍ରହ ଅତ୍ୟଧିକ ସଠିକତା ସହିତ ନିର୍ମିତ, ଏହି ଖଣ୍ଡଗୁଡ଼ିକ ଶୋଭା ଅପେକ୍ଷା ଅଧିକ କରିଥାଏ । ଗୁଣବତ୍ତା ଏବଂ ସଠିକତା ପାଇଁ ଆମର ଉତ୍ସର୍ଗୀକୃତ, ଯେହେତୁ ଆମେ ଅସାଧାରଣ ମୁହୂର୍ତ୍ତରେ ଏକ ଚମକ ଆଣିବା ପାଇଁ ଲକ୍ଷ୍ୟ ରଖିଛୁ । ମାଲାବାର ଗୋଲ୍ଡ ଆଣ୍ଡ ହୀରା ବିଶ୍ୱାସ, ସ୍ୱଚ୍ଛତା ଏବଂ ଉତ୍କର୍ଷର ଉତ୍ତରାଧିକାରୀଙ୍କୁ ସମ୍ମାନିତ କରିଚାଲିଛି ।

## ୧୯ରୁ ମମତା ମେସିନାରି ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ




ନୂଆଦିଲ୍ଲୀ: ମମତା ମେସିନାରି ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ)ର ବିଡ ୨୦୨୪ ଡିସେମ୍ବର ୧୯, ଗୁରୁବାର ଖୋଲିବ। ଏଥିରେ କମ୍ପାନିର ପ୍ରତିଷ୍ଠାତା ଅଂଶଧନକାରୀମାନେ ୭୩,୮୨,୩୪୦ ଇକ୍ୱିଟି ସେୟାର ବିକ୍ରି କରିବେ। ଆଙ୍କର ନିବେଶକମାନେ ଏହାର ଗୋଟିଏ ଦିନ ପୂର୍ବରୁ ୨୦୨୪ ଡିସେମ୍ବର ୧୮, ବୁଧବାର ଦିନ ବିଡ୍ ଦାଖଲ କରିପାରିବେ। ଅଫରରେ ବିଡ୍ ଦାଖଲର ଶେଷ ତାରିଖ ହେଉଛି ୨୦୨୪ ଡିସେମ୍ବର ୨୩, ସୋମବାର। ଅଫର ଫର ସେଲରେ ମହେନ୍ଦ୍ର ପଟେଲଙ୍କ ୫,୩୪,୪୮୩ ଇକ୍ୱିଟି ସେୟାର, ନୟନା ପଟେଲଙ୍କ ୧,୯୬୭,୯୩୧ ଇକ୍ୱିଟି ସେୟାର, ଭଗବତୀ ପଟେଲଙ୍କ ୧,୨୨୭,୦୪୨ ଇକ୍ୱିଟି ସେୟାର, ମମତା ଗ୍ରୁପ୍ କର୍ପୋରେଟ ସର୍ଭିସେସ୍ ଏଲଏଲପିର ୨,୧୨୯,୮୧୪ ଇକ୍ୱିଟି ସେୟାର ଏବଂ ମାମାତା ମ୍ୟାନେଜମେଣ୍ଟ ସର୍ଭିସେସ୍ ଏଲଏଲପିର ୧୫୨୩,୦୭୦ ଇକ୍ୱିଟି ସେୟାର ବିକ୍ରି କରାଯିବ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଏହି ଅଫରର ୫୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ମାନଙ୍କ ଲାଗି ସଂରକ୍ଷିତ ରଖାଯିବ । ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛି ବିଲାଇନ କ୍ୟାପିଟାଲ ଆଡଭାଇଜର୍ସ ପ୍ରାଇଭେଟ ଲିମିଟେଡ।



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ନିୟୁ ସିଟି କ୍ଲବ ବିଡାନାଶି (କଟକ) କୁ ୧-୦ ଗୋଲରେ ହରାଇ କ୍ୟାପିଟାଲ ଫୁଟବଲ ଏକାଡେମୀ (ଭୁବନେଶ୍ୱର) ଫାଇନାଲରେ ଏଣ୍ଟ୍ରି କରିଛି । ଅତିଥି ଭାବରେ ଆୟୋଜକ କମିଟିର ସଭାପତି ତପନ ମହାନ୍ତି, ସମାଜସେବୀ ବସନ୍ତ କୁମାର ସାହୁ, ବିଜୟ ପ୍ରଧାନ, ଜଗନ୍ନାଥ ରାଇସ୍ ମିଲ୍‌ର ପ୍ରୋପ୍ରାଇଟର ଅଶ୍ୱିନୀ ପୃଷ୍ଟି, ଆୟୋଜକ କମିଟିର ସମ୍ପାଦକ ନିରଞ୍ଜନ ନାୟକ, ବ୍ରଜବନ୍ଧୁ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

### ବର୍ଡର-ଗାଭାସ୍କର ଟ୍ରଫି

# ବର୍ଷା ଧୋଇନେଲା ପ୍ରଥମ ଦିନର ମ୍ୟାଚ୍




ନୂଆଦିଲ୍ଲୀ : ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ବ୍ରିସବେନ ଆରମ୍ଭ ହୋଇଛି । ହେଲେ ଐତିହାସିକ ଗାବାରେ ପ୍ରଥମ ଦିନରେ ହିଁ ପ୍ରଶଂସକ ନିରାଶ ହୋଇଛନ୍ତି । ପ୍ରବଳ ବର୍ଷା କାରଣରୁ ପ୍ରଥମ ଦିନ ଖେଳକୁ ବନ୍ଦ କରିଦିଆଯାଇଛି । ତେବେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୧୩.୨ ଓଭରରେ କୌଣସି ୱିକେଟ ନହରାଇ ୨୮ ରନ ସଂଗ୍ରହ କରିଛି । ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ୍ ଖେଳିବାକୁ ଆଶା ରଖିଥିବା ଭାରତୀୟ ଦଳକୁ ଲାଗିଛି ଝଟକା ଲାଗିଛି । ଦ୍ୱିତୀୟ ଟେଷ୍ଟ ହାରିବା ପରେ ତୃତୀୟ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଥିଲା ରୋହିତ ବାହିନୀ । ହେଲେ ସବୁ ଲକ୍ଷ୍ୟ ବିଗାଡ଼ି ଦେଇଛି ବର୍ଷା । ପ୍ରଥମ ଦିନ ବର୍ଷାରେ ଧୋଇଯାଇଥିବାବେଳେ ଏବେ ହାତରେ ଆଉ ୪ ଦିନ ସମୟ ରହିଛି । ତେବେ ଶନିବାର ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଘରୋଇ ଦଳକୁ ଆମନ୍ତ୍ରଣ କରିଥିଲେ ଭାରତୀୟ ଅଧିନାୟକ ରୋହିତ ଶର୍ମା । ଅଷ୍ଟ୍ରେଲିଆ ପାଇଁ ଉସମାନ ଖାୱାଜା ଓ ନାଥନ ମ୍ୟାକ୍ସୱିନୀ ପାଳି ଆରମ୍ଭ କରିବାକୁ ଆସିଥିଲେ । ଆରମ୍ଭରୁ ହିଁ ଜସପ୍ରୀତ ବୁମ୍ରାଙ୍କ ସମେତ ଅନ୍ୟ ଭାରତୀୟ ଦ୍ରୁତ ବୋଲରମାନେ ବଲ୍ ସ୍ୱିଙ୍ଗ୍ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପ୍ରଥମେ ୫.୩ ଓଭର ପରେ ବର୍ଷା ଯୋଗୁଁ ଖେଳ ଅଟକି ରହିଥିଲା । ବର୍ଷା ଛାଡ଼ିବା ପରେ ପୁନର୍ବାର ଖେଳ ଆରମ୍ଭ ହୋଇଥିଲେ ମଧ୍ୟ ୧୩.୨ ଓଭର ପରେ ଆଉଥରେ ବର୍ଷା ହୋଇଥିଲା । ଏଥିପାଇଁ ଖେଳ ଆଉଥରେ ଅଟକିଲା । ହେଲେ ଏହାପରେ ଆଉ ଖେଳ ସମ୍ଭବପର ହୋଇନଥିଲା । ଆଜିର ଖେଳ ଶେଷ ସୁଦ୍ଧା ଦୁଇ ଅଷ୍ଟ୍ରେଲୀୟ ଓପନର ଉସମାନ ଖାୱାଜା ୧୯ ଓ ନାଥନ ମ୍ୟାକ୍ସୱିନୀ ୪ ରନ କରି ଅପରାଜିତ ରହିଛନ୍ତି । ଅନ୍ୟପଟେ ଦ୍ୱିତୀୟ ଦିବସରେ ୯୮ ଓଭର ଖେଳାଯିବ ବୋଲି ସ୍ଥିର ହୋଇଛି । ଦ୍ୱିତୀୟ ଦିବସ ସମେତ ବାକି ସମସ୍ତ ଦିନର ଖେଳ ପୂର୍ବ ନିର୍ଦ୍ଧାରିତ ସମୟ ଠାରୁ ଅଧଘଣ୍ଟା ଆଗରୁ ହେବ ବୋଲି ଜଣାପଡିଛି ।

# କ୍ରିକେଟ୍‌କୁ ଅଲ୍‌ବିଦା କହିଲେ ମହମ୍ମଦ ଅମିର




ଇସଲାମାବାଦ୍: ପାକିସ୍ତାନର ଦ୍ରୁତ ବୋଲର ମହମ୍ମଦ ଅମିର ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି । ଅମିର ନିଜ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି । ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନର ଦୁଇଜଣ ଭେଟେରାନ ଅବସର ନେଇଛନ୍ତି । ଏହାପୂର୍ବରୁ ଡିସେମ୍ବର ୧୩ରେ ଅଲରାଉଣ୍ଡର ଇମାଦ ୱାସିମ ଅବସର ନେଇଥିଲେ । ମହମ୍ମଦ ଅମିର ସୋସିଆଲ ମିଡିଆରେ ପୋଷ୍ଟ କରି ଅବସର ଘୋଷଣା କରିଛନ୍ତି । ସେ ଲେଖିଛନ୍ତି, ବହୁ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା କଷ୍ଟକର ନିଷ୍ପତ୍ତି ନେଇଛି । ଏହା ଗ୍ରହଣ କରିବା ସହଜ ନୁହେଁ । ମୁଁ ଅନୁଭବ କରୁଛି ଯେ ଯୁବ ପିଢ଼ିପାଇଁ ଏହା ଉପଯୁକ୍ତ ସମୟ । ମୁଁ ଏଥିପାଇଁ ପିସିବିକୁ ଧନ୍ୟବାଦ ଦେଉଛି । ସମର୍ଥନ ପାଇଁ ମୁଁ ମୋର ପରିବାର ଏବଂ ସାଙ୍ଗମାନଙ୍କୁ ଧନ୍ୟବାଦ ଦେଉଛି । ଏହାପୂର୍ବରୁ ଆମୀର ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ । ତା'ପରେ ସେ ଅନ୍ତର୍ଜାତୀୟ କ୍ରିକେଟ ଛାଡି ବୋର୍ଡର ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲେ । ତେବେ ବୋର୍ଡରେ ପରିବର୍ତ୍ତନ ପରେ ଅମିର ୨୦୨୪ ଟି-୨୦ ବିଶ୍ୱକପ ପୂର୍ବରୁ ଅବସର ଗ୍ରହଣ କରିଥିଲେ । ତା'ପରେ ଅମିର ମଧ୍ୟ ଟି-୨୦ ବିଶ୍ୱକପ ଖେଳିଥିଲେ । ତେବେ ଦଳର ଖରାପ ପ୍ରଦର୍ଶନ ହେତୁ ତାଙ୍କୁ ବିଶ୍ୱକପ ପରେ ଦଳରୁ ଓହରି ଯାଇଥିଲା ଏବଂ ବର୍ତ୍ତମାନ ତାଙ୍କୁ ସୁଯୋଗ ଦିଆଯାଉ ନାହିଁ । କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ ଆମୀର ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଇଚ୍ଛା ପ୍ରଦର୍ଶନ କରିଥିଲେ । ତେବେ ତାଙ୍କୁ ଅଣଦେଖା କରାଯାଇଥିଲା । ଏଭଳି ପରିସ୍ଥିତିରେ ଦଳର କବାଟ ବନ୍ଦ ହେବା ପରେ ଆମିର ଅବସର ନେଇଛନ୍ତି । ମହମ୍ମଦ ଆମିର ପାକିସ୍ତାନ ପାଇଁ ୩୬ଟି ଟେଷ୍ଟ, ୬୧ଟି ଦିନିକିଆ ଏବଂ ୬୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ଏହି ଅବଧି ମଧ୍ୟରେ ଅମିର ଟେଷ୍ଟରେ ୧୧୯ ଉଇକେଟ, ଦିନିକିଆରେ ୮୧ ଉଇକେଟ ଏବଂ ଅନ୍ତର୍ଜାତୀୟ ଟି-୨୦ରେ ୭୧ ଉଇକେଟ ନେଇଛନ୍ତି । ଅନ୍ତର୍ଜାତୀୟ ବର୍ତ୍ତମାନ ସାରା ବିଶ୍ୱରେ ଟି୧୦ ଲିଗ ଏବଂ ଟି୧୦ ଲିଗ ଖେଳୁଉନ୍ତି ।

### ହରିଅଙ୍କ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କୁଜଙ୍ଗକୁ ହରାଇ ଫାଇନାଲ୍‌ରେ ଧର୍ମଶାଳା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍‌ର ୨୪ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ଆଜିଥିଲା ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ । ଆଜିର ମ୍ୟାଚ୍‌ରେ ଧର୍ମଶାଳା ଟିମ୍ କୁଜଙ୍ଗ ଟିମ୍‌କୁ ୫-୩ ଗୋଲରେ ହରାଇ ଫାଇନାଲକୁ ଉନ୍ନିତ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ ଉଭୟ କୁଜଙ୍ଗ ଟିମ୍ ଧର୍ମଶାଳା ଟିମ୍ ଚିତାକର୍ଷକ ଖେଳ ପ୍ରଦର୍ଶନ କରି କେହି କାହାରିକୁ ଗୋଲ ଦେଇପାରିନଥିଲେ । ପରେ ଦ୍ୱିତୀୟାର୍ଦ୍ଧରେ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ ଦେବାରୁ ଖେଳ ଅମିମାଂଶିତ ରହିଥିଲା । ରେଫରିଙ୍କ ନିଷ୍ପତି କ୍ରମେ ଟାଇବ୍ରେକରର ସହାୟତା ନିଆଯାଇଥିଲ । ଏଥିରେ ଧର୍ମଶାଳା ଟିମ୍ ୫-୩ ଗୋଲରେ ଆଗୁଆ ହୋଇ ରବିବାର ଥିବା ଫାଇନାଲ୍ ମ୍ୟାଚ୍‌ରେ କଟକ ଟିମ୍‌କୁ ଭେଟିବ । ଶେଷରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, ସମ୍ମାନିତ ଅତିଥିଭାବେ ସମାଜସେବିକା ଗାୟତ୍ରୀ ମହାନ୍ତି, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ମାରୁ ଇଲେକ୍ଟ୍ରିକାଲ୍ସ ସୌଜନ୍ୟରୁ ବିଜେତା ଧର୍ମଶାଳା ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଲଖ ସ୍ୱାଇଁ, ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ସାମଲ, କାଳନ୍ଦି ମଲିକ, ରାମଚନ୍ଦ୍ର ସେଠୀ, ଦିଲ୍ଲିପ କୁମାର ଦାସ, ଅଭୟ ମଲିକ, ଅଲେଖ ବେଜ, କୈଳାସ ଲେଙ୍କା, ଅଞ୍ଜନ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଆସନ୍ତା କାଲି ଦୁଇଗୋଟି ମହିଳା ଟିମ୍‌କୁ ନେଇ ଆସୋସିଏସନ୍ ପକ୍ଷରୁ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଉପସଭାପତି ବାବୁଲି ସ୍ୱାଇଁ ପ୍ରକାଶ କରିଛନ୍ତି ।



### ସଦାଶିବ ସ୍ମାରକୀ ମେମୋରିଆଲ ଟୁର୍ଣ୍ଣାମେଣ୍ଟ୍

# ଫାଇନାଲ୍‌ରେ ସମ୍ବଲପୁର




ଭାପୁର - ୧୩/୧୨)ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମର ନାଲିସାଗର ଖେଳପଡ଼ିଆରେ ଶୁକ୍ରବାର ଆୟୋଜିତ ସର୍ବ ଭାରତୀୟ ୧୫ ତମ ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି । ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ଆଦର୍ଶ କ୍ରିକେଟ କ୍ଲବ୍ ବାଲେଶ୍ୱର ସହିତ ଏମ୍.ଏମ୍.ସି.ସି. ସମ୍ବଲପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ ର ନିଷ୍ପତି ନେଇ ୨୦ ଓଭର ରେ ୭ ୱିକେଟ ହରାଇ ୨୮୫ ରନ୍ କରିଥିଲା ଜବାବରେ ବାଲେଶ୍ୱର ଟିମ୍ ସମସ୍ତ ୱିକେଟ ହରାଇ ୧୮.୨ ଓଭର ରେ ୧୮୩ ରନ୍ ରେ ସୀମିତ ରହିଥିଲା ଫଳରେ, ୧୦୨ ରନ୍ ରେ ସମ୍ବଲପୁର ଟିମ୍ ବିଜୟ ଲାଭ କରି ଫାଇନାଲ ପ୍ରବେଶ କରିଛି । ଦଳର କ୍ଷମାସାଗର ବଳ ୪୩ ବଲ୍ ରେ ୧୧୨ ରନ୍ ( ୮ ଗୋଟି ୪ , ୧୦ ଗୋଟି ୬) କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ । ଖେଳରେ, ମୁଖ୍ୟଅତିଥି ରୂପେ ଉତ୍ତରଗଙ୍ଗାରୁ ଆସିଥିବା ଓଁ ଶ୍ରୀ ଆନନ୍ଦ ସରସ୍ୱତୀ ଦାସ ମହାରାଜ ଯୋଗ ଦେଇଥିଲେ । ରବିବାର ଦିନ ନାଗ୍ ସିବ୍ ଚାମ୍ପିୟନସ,ଭାଇଜାଗ୍ ସହିତ ଏମ୍.ଏମ୍.ସି.ସି,ସମ୍ବଲପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବା ସହିତ ଦର୍ଶକ ଙ୍କ ମନୋରଞ୍ଜନ ପାଇଁ ଓଲିଉଡ ନାୟିକା ଲିପି ମହାପାତ୍ର ଏବଂ ନାୟକ ଶିବାଶିଷ ଶର୍ମା ଯୋଗଦେବେ ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବେଲପାହାଡ଼ (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ବିବେକାନନ୍ଦ ଇଣ୍ଟରନେସେନାଲ୍ ସ୍କୁଲ୍ ପକ୍ଷରୁ ଜାହାଜପଡ଼ାସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିଗଣ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ କ୍ରୀଡ଼ା ଧ୍ୱଜା ଉତ୍ତୋଳନ ଓ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରିବା ପରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ମୋଟ ୫୨ ଗୋଟି କ୍ରୀଡ଼ା ପ୍ରତିଯୋଗିତାରେ ସର୍ବମୋଟ ୧୫୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଛାତ୍ରଛାତ୍ରୀ ଦଳ ମଧ୍ୟରୁ ୟେଲ୍ଲୋ ହାଉସ୍ ଦଳ ଚମ୍ପିଆନ୍ ହୋଇଥିବା ବେଳେ ଗ୍ରୀନ ହାଉସ୍ ଦଳ ଦ୍ୱିତୀୟ ସ୍ଥାନ ଓ ରେଡ଼ ହାଉସ୍ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ମାର୍ଚ୍ଚ ପାଷ୍ଟରେ ଗ୍ରୀନ ହାଉସ୍ ଦଳ ଚମ୍ପିଆନ୍ ହୋଇଥିବା ବେଳେ ବ୍ଲୁ ହାଉସ୍ ଦଳ ଦ୍ୱିତୀୟ ସ୍ଥାନ ଓ ୟେଲ୍ଲୋ ହାଉସ୍ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ମିକ୍ସ ରିଲେ ଦୌଡ଼ରେ ୟେଲ୍ଲୋ ହାଉସ୍ ଦଳ ଚମ୍ପିଆନ୍ ହୋଇଥିବା ବେଳେ ଗ୍ରୀନ ହାଉସ୍ ଦଳ ଦ୍ୱିତୀୟ ସ୍ଥାନ ଓ ବ୍ଲୁ ହାଉସ୍ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । କ୍ରୀଡ଼ା ପରିଚାଳନାରେ ଛୁଆଲିବେର୍ଣ୍ଣା ନର୍ସିଂ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଏହି କ୍ରୀଡ଼ାର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଟିଆରଏଲ କ୍ରୋସାକି ହସ୍ପିଟାଲର ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଡା. ନକୁଳ ଚରଣ ସାମଲ, ସମ୍ପାଦକ ଏଏସଆର ମୂର୍ତ୍ତି, ଉପସଭାପତି ଶ୍ୟାମ ସୁନ୍ଦର ଶତପଥୀ, ସ୍କୁଲ ଅଧକ୍ଷ ଅମୀର କୁମାର ସାହୁ, କ୍ରୀଡ଼ା ପେମୀ ବିପ୍ଲବ ଅଗ୍ରୱାଲ, ନିର୍ମଳ ସିଂ, ରବି ଅନୁପ ପିଣ୍ଡି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କୃତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦାଶ ନିଜ ଅଭିଭାଷଣରେ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କ୍ରୀଡ଼ାବିତଙ୍କୁ ମିଳୁଥିବା ବିଭିନ୍ନ ଉପାଦେୟତା ସମ୍ପର୍କରେ ସୁନ୍ଦର ଉପସ୍ଥାପନ କରିଥିଲେ ।

# ଜିଲ୍ଲାପାଳ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗୋନାସିକା କେନ୍ଦୁଝର ମହୋତ୍ସବ ଲାଗି ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଜୋରସୋର୍ କରିଛି । ଏହାର ପ୍ରଚାର ପ୍ରସାର ଲାଗି ଗଣମାଧ୍ୟମକୁ ଉପଯୋଗ କରାଯାଉଛି । ଏହି ଅବସରରେ ଶନିବାର କେନ୍ଦୁଝର ଉପକଣ୍ଠ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ନାଗରିକ ଏକାଦଶ ଓ ଜିଲ୍ଲାପାଳ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ଓ କ୍ରୀଡ଼ା କାର୍ଯ୍ୟାଳୟ ଓ ଜିଲ୍ଲା କ୍ରୀଡ଼ା ସଂସ୍ଥା ଏହାକୁ ମିଳିତ ଭାବେ ଆୟୋଜନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ । ବିଭାଗୀୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦର ଧର ମହାଲିକ ନିଜ ଟିମ୍ ନେତୃତ୍ୱ ନେଇଥିଲେ । ସାଥିରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ କୁମାର ନାଗ ଭୂଷଣ, ସଦର ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ,ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ପ୍ରବୀର କୁମାର ଦେଓ ଆଦି ଅନ୍ୟ ଅଧିକାରୀ କର୍ମଚାରୀମାନେ ମିଶି ଖେଳିଥିଲେ । ସେହିପରି ନାଗରିକ ଏକାଦଶ ପକ୍ଷରୁ ଜିଲ୍ଲା କ୍ରୀଡ଼ା ସଂସ୍ଥା ସମ୍ପାଦକ ଡ଼ା ଜନାର୍ଦ୍ଦନ ଦାଶ, ଶୁଭେନ୍ଦୁ ପଟ୍ଟନାୟକ, ସନ୍ଦୀପ ପଟ୍ଟନାୟକ,ଦିଲୀପ କୁମାର ସାହୁ, ଅରିବିନ୍ଦ ବେହେରା, ବ୍ରଜ କିଶୋର ରାୟ, ରବୀନ୍ଦ୍ର ପାଢ଼ୀ,ସାଗର ସାମଲ ଆଦି ଖେଳି ଥିଲେ । ତେବେ ପ୍ରଥମେ ନାଗରିକ ଏକାଦଶ ବ୍ୟାଟିଂ କରି ସହଳ ଅଲ୍ ଆଉଟ୍ ହେବା ପରେ ଜିଲ୍ଲାପାଳ ଏକାଦଶ ଜଲଦି ଲକ୍ଷ୍ୟ ପୂରଣ କରି ଟ୍ରଫି ଜିତିଥିଲେ । ରାଜ୍ୟର ବରିଷ୍ଠ କ୍ରିକେଟ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକ ଓ ସାଥୀ ମ୍ୟାଚ ପରିଚାଳନା କରିଥିଲେ କ୍ଷ ପ୍ରଶାସନ ଓ ନାଗରିକଙ୍କ ମଧ୍ୟରେ ଏହି ଖେଳ ଖୁବ୍ ମଜାଦାର ଥିବାରୁ ସମସ୍ତେ ଉପଭୋଗ କରି ଖୁସି ହୋଇଥିଲେ ।

### ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଆଠମଲ୍ଲିକ ଓ ବୋଲଗଡ଼ ବିଜୟୀ



ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ମହୋତ୍ସବ ପ୍ରତିଷ୍ଠାତା ସ୍ୱର୍ଗତଃ ଜାନକୀବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ଆୟୋଜନରେ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଅନୁଗୁଳ ଆଠମଲ୍ଲିକର ଏ କେ କ୍ଲବ ଓ ଭୁବନେଶ୍ୱରର କଳିଙ୍ଗ ସ୍ପୋଟିଂ ପରସ୍ପରକୁ ଭେଟିଥିଲେ ।ଏଥିରେ ଏ କେ କ୍ଲବ୍ ୨-୧ ଗୋଲ ବ୍ୟବଧାନରେ ବିଜୟ ଲାଭ କରିଛି । ପ୍ରଥମାର୍ଦ୍ଧର ୫ମ ମିନିଟରେ କଳିଙ୍ଗ ସ୍ପୋର୍ଟିଂର ୧୦ ନମ୍ବର ଖେଳାଳି ବିକାଶ ନାୟକ ଗୋଲ କରି ଦଳକୁ ଅଗ୍ରଣୀ କରିଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫ମ ଓ ୬ଷ୍ଠ ମିନିଟରେ ଏ କେ କ୍ଲବର ୧୧ ଓ ୮ ନମ୍ବର ଖେଳାଳି ଯଥା କ୍ରମେ ଦୁଇଟି ଗୋଲ କରିଥିଲେ ।ସେହିପରି ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସମ୍ବଲପୁରର ହିନ୍ଦ୍ କ୍ଲବ ଓ ଆୟୋଜକ ଫ୍ରେଣ୍ଡସ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଫ୍ରେଣ୍ଡସ କ୍ଲବ ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି ।ସମ୍ବଲପୁର ଦଳର ୧୪ ନମ୍ବର ଖେଳାଳି ପ୍ରଥମର୍ଦ୍ଧର ୨୧ ମିନିଟରେ ଏକ ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧ ର ୭ମ ମିନିଟ ରେ ଫ୍ରେଣ୍ଡସ କ୍ଲବର ୩ ନମ୍ବର ଖେଳାଳି ଲଗାତାର ଦୁଇଟି ଗୋଲ କରି ଦଳକୁ ବିଜୟୀ କରିଥିଲେ ।ଏହି ମ୍ୟାଚ ୨ଟି ରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ,ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ସରପଞ୍ଚ ପ୍ରମୋଦ ରାଉତରାୟ, ସମିତିସଭ୍ୟ ରଶ୍ମି ରଂଜନ ସାହୁ,ସାମାଜିକକର୍ମୀ ଶୁଭେନ୍ଦ୍ର ସାହୁ, ଭାସ୍କର ରାଉତରାୟ ଓ ମହୋତ୍ସବ କମିଟି ସମ୍ପାଦକ ବୀରକିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ଦୁଇଟିଙ୍କୁ ରେଫରି ଭାବେ ଏମ.ଏସ ବେଗ, ଭଞ୍ଜକିଶୋର ଯତି ,ସରୋଜ ମହାରଣା ଓ ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ । ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ,ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା ପ୍ରମୁଖଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟ ମାନେ ସହଯୋଗ କରିଥିଲେ । ଆଜିର ବିଜୟୀ ଦୁଇ ଦଳ ଶନିବାର ଦ୍ୱିତୀୟ ସେମିଫାଇନାଲରେ ପରସ୍ପରକୁ ଭେଟିବେ ।



## ଶୀତ ମାଉସୀ

ଜଗଦୀଶ ସାହୁ

ସଞ୍ଜ ନଇଁଗଲେ ଶୀତ ମାଉସୀ
ଘର ଭିତରକୁ ଯାଉଛି ପଶି
ତାକୁ ଦେଖି ସାଇ କବାଟ କିଳି
ଭିତରେ ରହୁଛି ଆଲୁଅ ଜାଳି ।

ମାଆକୁ ଡାକୁଛି ଶେଯରେ ଶୋଇ
ସୁଇଟର ମୋତେ ଦିଅ ପିନ୍ଧାଇ
ଶୀତ ମାଉସୀକୁ ଜେଜେଙ୍କ ଡର
ଚାଆ ପିଉଛନ୍ତି ଥରକୁ ଥର ।
ନିଆଁ ଜାଳି ଗୋଡ଼ ହାତ ସେକନ୍ତି
ଗରମ ଗରମ ଖାଦ୍ୟ ଖାଆନ୍ତି
ଜେଜେମା ଆମର ଭାରି ସାହସୀ

ଡରେଇ ପାରେନା ଶୀତ ମାଉସୀ।
ନିତି ପାହାନ୍ତିରୁ ଶେଯ ଛାଡ଼ନ୍ତି
ସ୍ନାନ ଶୌଚ ସାରି ପୂଜା କରନ୍ତି
ପୁଷି ବିଲେଇର ଶୀତକୁ ଡ଼ର
ଚୁଲ୍ଲୀ ପାଉଁଶରେ ଶୟନ ତାର।
ଶୀତ ମାଉସୀକୁ ଡରି କୁକୁର
ଶୋଇଛି ପୁଆଳ ଭାଡ଼ି ଭିତର

ଶୀତକୁ ନ ଡରି ହକର ଭାଇ
ଖବର କାଗଜ ବୁଲି ବାଣ୍ଟଇ ।
ଶୀତ ମାଉସୀକୁ ଡରିବ ଯିଏ
ଅଳସରେ ଦୁଃଖ ପାଇବ ସିଏ ।

*ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ
ମୋ -୯୦୭୮୧୮୫୬୧୬*

# ସୁଲକ୍ଷଣୀ



ସୁଦର୍ଶନ ମହାପାତ୍ର

ସେ ଦିନ ସ୍କୁଲରେ ମଧ୍ୟାହ୍ନ ବିରତିରେ ତାକୁ ନେଇ ଯେ ଅନ୍ୟ ଶିକ୍ଷକମାନେ ଆଲୋଚନା କରୁଛନ୍ତି ଅଳ୍ପ ଦୂରରେ ଥାଇ ବୁଝି ପାରିଲା ଚିନ୍ମୟୀ। ଏମିତି ତ ରୀତିମତ ଉପରେ ପଡି କେହି କେହି ଅଯଥାରେ ତା'ର ପିଲାନଥିବା ବିଷୟରେ ମୁଣ୍ଡ ଖେଳାନ୍ତି। ଯାହାର ଯାହା ଇଛା ପ୍ରତିକାର ବିଷୟରେ ସଚେତନ କରାନ୍ତି। କେଉଁ ଡାକ୍ତର ପାଖକୁ ଗଲେ ତା'ର ବନ୍ଧ୍ୟା ଦୋଷ କଟିବ ସେ ବିଷୟରେ ସୂଚନା ଦିଅନ୍ତି। ଏସବୁ ଶୁଣି ଶୁଣି ସେ ଅଭ୍ୟସ୍ତ ହୋଇ ଗଲାଣି। ଅବଶ୍ୟ ଆଗଭଳି ଆଉ ଏତେ ବାଧୁନି।

ସେଦିନ ରମା ଦିଦିଙ୍କ କଥା ଭିନ୍ନ ଏକ ଦୃଷ୍ଟିକୋଣର ଥିଲା ଯାହା ତାକୁ ମର୍ମାହତ କରିଥିଲା। ରମାଦିଦି ଚିନ୍ମୟୀ ସାମ୍ନାରେ ହିଁ କହିଲେ 'ଜାଣିଲ,ଚିନୁ ଦିଦି,ତୁମର ପିଲାଛୁଆ ନାହିଁ ତ ଜଞ୍ଜାଳ ବି ନାହିଁ। ମଣିଷ ଘାଣ୍ଟି ହୋଇଯାଉଛି। ଯା କଥା ବୁଝି, ତା' କଥା ବୁଝି ପୁଣି ସ୍କୁଲ ଆସିଲା ବେଳକୁ ନାକେଦମ..! 'ଚିନ୍ମୟୀର ଚାହାଣିରେ ସେ କଥା ବନ୍ଦ କରିଦେଇ ମୁରୁକି ହସିଲେ ଅନ୍ୟ ଜଣେ ଦିଦିଙ୍କ ଆଡକୁ ଚାହିଁ। ତାଙ୍କର କଟାକ୍ଷ ଯେମିତି ତୀର ଭଳି ଗଳି ଯାଉଥିଲା ଚିନ୍ମୟୀ ଛାତିରେ..।

କିନ୍ତୁ ସେ ନିଜେ ଭଲଭାବରେ ବୁଝିଛି ତା'ର ପରିସ୍ଥିତିକୁ। ତା'ର ସ୍ୱାମୀ ମଧ୍ୟ ସବୁ ଜାଣିଛନ୍ତି । ବାହାରେ ମୁହଁ ଖୋଲିବାକୁ ମନା କରିଛନ୍ତି ସେ । ଲୋକଙ୍କୁ କାହିଁକି ସେ ଉତ୍ତର ଦେବାକୁ ଯିବ ! ସେଥିରୁ କ'ଣ ମିଳିବ ଯେ ! ନିଜେ ନୀରବି ଗଲେ ସବୁ ସମାଧାନ ହେଇଯିବ ଆପେ ଆପେ ।

ଚିନ୍ମୟୀର ପ୍ରଥମ ବାହାଘର ତା'ର ଇଛା ବିରୁଦ୍ଧରେ ହିଁ ହେଇଥିଲା। ଗରିବ ହେଇଥିଲେ ବି ବରଯାତ୍ରୀଙ୍କୁ କିନ୍ତୁ କୌଣସି ଅଭିଯୋଗ କରିବାର ସୁଯୋଗ ଦେଇନଥିଲେ ତା'ର ବାପା । ଅବଶ୍ୟ ଘରର ଅଭାବ ଅନଟନ ପାଇଁ କିଛି ଯୌତୁକ ଆଣିପାରିନଥିଲା ସେ। ସେଥିପାଇଁ ଶାଶୁ ଶ୍ୱଶୁରଙ୍କଠୁଁ ନିତି ଶୁଣିବାକୁ ପଡୁଥିଲା ତାକୁ। ଦିନ ଗଡିବା ସାଙ୍ଗେ ସାଙ୍ଗେ ନିର୍ଯାତନା ବି ବଢିଚାଲିଥିଲା।

ଏକା ଅଫିସରେ ଚାକିରି କରିଥିଲେ ଚିନ୍ମୟୀର ବାପା ଏବଂ ଶ୍ୱଶୁର। ନିଜେ ତା'ର ଶ୍ୱଶୁର ହିଁ ତାଙ୍କ ପୁଅ ସହିତ ବାହାଘର ପାଇଁ ମନୋନୀତ କରି ବାପାଙ୍କୁ ବାଧ କରେଇଥିଲେ ଏ ବାହାଘର ପାଇଁ। ଉପରିସ୍ଥ ଅଧିକାରୀଙ୍କ କଥାକୁ ବାଧ ହୋଇ ମାନିନେଇଥିଲେ ତା'ର ବାପା। ଭାବିଥିଲେ ଝିଅ ତାଙ୍କର ଖୁବ୍ ଖୁସିରେ ରହିବ ବୋଲି।

ହେଲେ ବାହାଘର ପରେ ଚିନ୍ମୟୀ ଅନୁଭବ କଲା ବାପା ତା'ର ଭୁଲ୍ ପଦକ୍ଷେପ ନେଇଥିଲେ ଏ ବାହାଘରରେ ସମ୍ମତି ଦେଇ। ତା'ର ସ୍ୱାମୀ ଯେ ସବୁ ସମୟରେ ନିଶାରେ ବୁଡି ରହନ୍ତି ବୋଲି ବୁଝିଲା ଚିନ୍ମୟୀ । ତା'ର ପସନ୍ଦର ପିଲା କଲେଜ ବନ୍ଧୁ ଚିନ୍ତନଙ୍କୁ ବାହା ହେବାକୁ ଇଛା ପ୍ରକାଶ କରିଥିଲେ ବି ବାପା ସେତେବେଳେ ରାଜି ହୋଇନଥିଲେ। କାରଣ ଚିନ୍ତନ ଥିଲା ଏକ ଅନାଥାଶ୍ରମରେ ପ୍ରତିପାଳିତ ପିଲା।

ବାହାଘରର ବର୍ଷକ ପରେ ଚିନ୍ମୟୀ କୋଳରେ ପୁଅଟିଏ ଦେଇଥିଲେ ଭଗବାନ। ସବୁ ଦୁଃଖ କଷ୍ଟ ସହି ଯାଉଥିଲା ପୁଅର ମୁହଁକୁ ଚାହିଁ। କିନ୍ତୁ ପୁଅକୁ ଛଅ ମାସ ହେଲା ବେଳକୁ ଗାଡି ଦୁର୍ଘଟଣାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ତା'ର ସ୍ୱାମୀ । ନିଶାରେ ଚୁର ହୋଇ ଗାଡି ଚଳାଉଥିବା ବେଳେ ରାସ୍ତା କଡ଼ରେ ଥିବା ଗୋଟିଏ ଗଛରେ ପିଟି ହୋଇଯାଇଥିଲା କାର। ଚିନ୍ମୟୀ ମଥାରୁ ତାର ସିନ୍ଦୁର ପୋଛି ଦିଆଗଲା। କାଢି ନିଆଗଲା ହାତର ଶଙ୍ଖା।

ଏତିକିରେ ତା'ର ଦୁଃଖ ସରିନଥିଲା। ଶାଶୁଙ୍କର ଅତ୍ୟାଚାର ଆହୁରି ବଢିଗଲା। ତାଙ୍କ ପୁଅର ମୃତ୍ୟୁର କାରଣ କୁଆଡେ ସେ। ସେ ଗୋଟିଏ ଅଲକ୍ଷଣୀ। ଏମିତି କେତେ ଅପବାଦର ଶୀକାର ହେଲା। ଶ୍ୱଶୁର ସବୁ ଦେଖି ବି ଚୁପ ରହୁଥିଲେ। ଶେଷକୁ ତା'ର ବାପାକୁ ଡାକି ବାଧ୍ୟ କରି ତାଙ୍କ ସାଙ୍ଗରେ ତାକୁ ଘରକୁ ପଠେଇ ଦେଲେ। ପୁଅ ଯଦି ଚାଲିଗଲା,ବୋହୂର ଆଉ ଦରକାର କ'ଣ !

ଅନୁନୟ ବିନୟ ହୋଇ ପାଦ ଧରି ଗୁହାରି କଲା ପୁଅକୁ ସାଙ୍ଗରେ ନେବାକୁ ଚିନ୍ମୟୀ। ମାତ୍ର ଶାଶୁଙ୍କର ନିଷ୍ଠୁର ହୃଦୟ ତରଳିଲାନି। ନାତି ଯେ ତାଙ୍କ ଭବିଷ୍ୟତ ! ସେ ବଂଶରକ୍ଷା କରିବ। ଗରିବ ହୋଇଥିବାରୁ ଚିନ୍ମୟୀର ବାପା ତାର ଉପଯୁକ୍ତ ଭରଣପୋଷଣ କରିପାରିବେନି ବାହାନା କରି ତା' ସାଥିରେ ଛାଡିଲେନି। ବାପା ବି ସେପର୍ଯ୍ୟନ୍ତ ଉପରିସ୍ଥ ଅଧିକାରୀଙ୍କ ଇଛାକୁ ଅବଜ୍ଞା କରିପାରିଲେନାହିଁ। ଦ୍ୱିତୀୟତଃ ଶ୍ୱଶୁରଙ୍କ ପରି ବାପା ବି ଚାହୁଁଥିଲେ ଚିନ୍ମୟୀର ପୁନର୍ବିବାହ। ଝିଅର ଅବସ୍ଥା ଦେଖିବା ପରେ ଚିନ୍ତାରେ ବାପା ବୋଉଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଧିରେ ଧିରେ ଅବନ୍ନତି ହେବାରେ ଲାଗିଥିଲା ।

ନିଜ ଘରେ ଝିଅ ପ୍ରତି ତା ଭାଇ ଭାଉଜଙ୍କ ବ୍ୟବହାର ରେ ପରିବର୍ତ୍ତନ ହେବାର ଅନୁଭବ କଲେ ବାପା ବୋଉ। ଯାହା ହେଉ ସେମାନଙ୍କ ପ୍ରେରଣାରେ ଚିନ୍ମୟୀ ସ୍କୁଲରେ ଶିକ୍ଷୟିତ୍ରୀ ଚାକିରି ପାଇଗଲା। ଏଥର ସେମାନେ ଲାଗିପଡିଲେ ତା'ର ପୁନଃବିବାହ ଯୋଗାଡ଼ରେ।

ଅନାଥାଶ୍ରମରେ ପ୍ରତିପାଳିତ ହୋଇ ବି ଚିନ୍ତନ ନିହାତି ଜଣେ ଆଦର୍ଶ ବ୍ୟକ୍ତି ଥିଲା। ଚିନ୍ମୟୀ ବିଷୟରେ ସବୁ ତା' ବାପାବୋଉଙ୍କ ଠାରୁ ଶୁଣି ବି ବିନା ଦ୍ୱିଧାରେ ବାହା ହେବାକୁ ରାଜି ହୋଇଗଲେ। ସେ ବି ସେତେବେଳକୁ ଗୋଟିଏ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲା।

ଚିନ୍ତନକୁ ବାହାହେବାର ତିନିବର୍ଷ ହେଇଗଲାଣି ଯା ଭିତରେ। ଅଶାନ୍ତି କେବେ ବି ଦୁଆର ମାଡିନି ତାଙ୍କ ବୈବାହିକ ଜୀବନରେ। ଦୁଇଜଣଙ୍କ ମଧ୍ୟରେ ଅଗାଧ ପ୍ରେମ। ସତେ ଯେମିତି ଗୋଟିଏ ହୃଦୟ,ଦୁଇଟି ଶରୀର। ପିଲାଛୁଆ ନାହିଁ ବୋଲି କେବେ ମନ ଊଣା କରିନାହାନ୍ତି ଚିନ୍ତନ। ହେଲେ ବାହାର ଲୋକଙ୍କ କଟାକ୍ଷ ଚିନ୍ମୟୀକୁ ମର୍ମାହତ କରୁଥିଲା। କେମିତି ଭୁଲିବ ସେ ନିଷ୍ଠୁର ଅବର୍ତ୍ତମାନକୁ । କେମିତି ଭୁଲିବ ତା'ର ଏକୋଇରବଳା ବିଶିକେଶନକୁ । ଅତୀତକୁ ଘୋଡେଇ ଦେବାକୁ ଅନେକ ଚେଷ୍ଟା କରିଛି ସେ। ହେଲେ କଣ ଭୁଲି ପାରିଛି ସେ ତା'ର ହଜିଲା ଅତୀତକୁ ।

କବାଟ ଠକ୍ ଠକ୍ ଶୁଣି ଚିନ୍ମୟୀ ଆଖିର ଲୁହ ପୋଛୁ ପୋଛୁ ଆଗେଇ ଗଲା କବାଟ ଖୋଲିବାକୁ। ଭାବୁଥିଲା ଆଜି ରବିବାର ବଜାର।ଏତେ ଶୀଘ୍ର ବଜାରରୁ ଚିନ୍ତନ ଚାଲି ଆସିଲେ କେମିତି ! କିଛି ଅସୁବିଧା ହେଇନି ତ।

କବାଟ ଖୋଲି ଯାହା ଦେଖିଲା, ନିଜ ଆଖିକୁ ବି ବିଶ୍ୱାସ କରି ପାରୁନଥିଲା ଚିନ୍ମୟୀ। ଚିନ୍ତନଙ୍କ ପଛରେ ଛିଡା ହୋଇଛନ୍ତି ତାର ଶାଶୁ ଶ୍ୱଶୁର ଦୁହେଁ ଆଉ ସାଙ୍ଗରେ ପୁଅ । ମୁଣ୍ଡର ଓଢଣାଟି ଟାଣି ପ୍ରଣାମ କଲା ଶାଶୁ ଶ୍ୱଶୁରଙ୍କୁ। ଧାଇଁଯାଇ କୁଣ୍ଢେଇ ପକାଇଲା ପୁଅକୁ, ତା'ର ଅନ୍ଧ ଲଉଡିକୁ । ଦୁଇ ଆଖିରୁ ଲୁହ ବୋହିଯାଉଥାଏ ଧାରଧାର ହେଇ ।

ଶାଶୁ କହୁଥିଲେ, 'ନେ ଲୋ ମା ତୋର ସମ୍ପତ୍ତିକୁ ତୁ ସମ୍ଭାଳ। ଆମେ ଏବେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛୁ। ମୋର ଦେହପା' ବି ଆଉ ଭଲ ରହୁନି । କେତେବେଳେ କ'ଣ ହେବ କିଏ କହିବ । ମୁଁ କ'ଣ ତାକୁ ସମ୍ଭାଳି ପାରିବି ? ତୋର ଏଇ ବୁଢାବୁଢୀ ବାପା ମାଆ ଦୁହିଁଙ୍କୁ କ୍ଷମା କରିଦେବୁ। ବହୁତ ଅନ୍ୟାୟ ,ଅତ୍ୟାଚାର କରିଛି ତୋ ଉପରେ । ଏବେ ଆମେ ଦୁହେଁ ଆସିଛୁ ଆମ ପୁଅ ବୋହୂଙ୍କୁ ଘରକୁ ନେଇ ଫେରିବାକୁ। ଆମକୁ ନାଁ ବୋଲି କହିବୁନି। ଆମେ ଚିନ୍ତନକୁ ସବୁ କଥା କହି ରାଜି କରେଇଛୁ। ତୁ ଥରେ ଖାଲି ରାଜି ହୋଇଯା।

ଚିନ୍ମୟୀ ଚିନ୍ତନଙ୍କ ଆଡକୁ ଚାହିଁଲା । ଚିନ୍ତନ ଇସାରାରେ ସମ୍ମତି ଜଣାଇଲେ। କହିଲେ 'ଆଉ ଦେଖୁଛ କ'ଣ ? ଆଖିର ଲୁହ ପୋଛ। ପୁଅକୁ ଆଗ କ'ଣ ଖାଇବାକୁ ଦିଅ। ତୁମ ଶାଶୁ ଶ୍ୱଶୁରଙ୍କୁ କ'ଣ ଉପାସରେ ରଖିବ ନା କ'ଣ।'

ଶାଶୁ ଘରକୁ ଫେରିବାର କେଇ ମାସ ଭିତରେ ଚିନ୍ମୟୀ ପୁଣି ଥରେ ମା' ହେବାକୁ ଯାଉଥିବାରୁ ସମସ୍ତେ ଖୁସି ଥିଲେ। ସ୍କୁଲରେ ସହକର୍ମୀ ମାନେ ବଧେଇ ଦେବାକୁ ଭୁଲି ନଥିଲେ...।

*କୁଞ୍ଜବିହାରୀ ଲେନ, କଟକ*



# କବିତା ଗୁଚ୍ଛ

## ତୁମ ସ୍ମୃତି

ରମାକାନ୍ତ ଦାସ

ତୁମ ସ୍ମୃତି ଭାସେ ଆଖିର ଲୁହରେ
ମୋ ସ୍ୱପ୍ନଭାଙ୍ଗେ ତୁମ ଛଳନା ସହରେ ।।

ମୋ ଆଶା ସବୁ ଆଜି ଧୂଳି ଧୂସରିତ
ତୁମ ପ୍ରେମ ଆଗେ ହୋଇଛି ପରାସ୍ତ ।।

ତୁମ ଛୁଆଁ ଖୋଜେ ମୋ ନଗ୍ନ ହୃଦୟ
ପାଇବାର ପିପାସାରେ ହାରିବାର ଭୟ ।।

ମୋ ଅନ୍ତର ଜଳେ ଅୟୁତ ଯୁଗ ଯନ୍ତ୍ରଣାରେ
ତୁମ ବାଟଚାହିଁ ବସେ ନିଃଶବ୍ଦ ରାତିରେ ।।

ଅନୁତାପ ଆକାଶେ ଯନ୍ତ୍ରଣାର ମେଘଝରେ
ହୃଦୟ ବନ୍ଦୀ ହୁଏ ଅବଶୋଷ କାରାଗାରେ ।।

ମୁଁ ଖୋଜେ ତୁମକୁ କ୍ଷଣ କ୍ଷଣ କଳ୍ପନାରେ
ସମୟକୁ ଡେଉ କରି ନୟନ ସାଗରେ ।।

ଲୁଚି ଲୁଚି କାଟେ ରାତି ଅନ୍ଧାରି କକ୍ଷରେ
ଶଯ୍ୟାଶାୟୀ ହୁଏ ମୁଁ ବିବଶତାର ପଲଙ୍କରେ ।।

ତୁମ ବାଟଚାହିଁ ବସେ ଯନ୍ତ୍ରଣା ଦୁଆରେ
ତୁମ ସ୍ମୃତିକୁ ସାଉଁଟେ ମୋ ବୁଜା ପଲକରେ ।।

ତୁମ ପ୍ରୀତି ଛୁଆଁ ପାଇଁ ହୁଅଇ ଅଧୀର
ମୋ ଉବୁଟୁବୁ ପ୍ରାଣ ଜଳେ ନିରନ୍ତର ।।

ତୁମ ସ୍ୱପ୍ନ ଲହରୀ ସବୁ ଆତତାୟୀ ସାଜନ୍ତି
ମୋ ଜୁବୁବୁଡୁ ମନକୁ ସ୍ମୃତିରେ ଭିଜାନ୍ତି ।।

*ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯*

## ପାପ

ଡ. ଦୀପକ କୁମାର ମିଶ୍ର

କାହାକୁ ଠକିବି, ଆଖି ନା ହାତ
ଧର୍ମକୁ ପୋଷ୍ୟପୁତ୍ର କରି
ଟେକିଦେଲେ ଆଞ୍ଜୁଳାଏ ଜଳ
କଉ ଯେ ଧୋଇ ହୋଇଯାଏ
ଜୀବନର ପାପ ।

ଭାବେ, ଦିନର ପାପଗର୍ଭରୁ
ଜନ୍ମନିଏ ରାତିର ଅନ୍ଧାର
କର୍ମଫଳରେ ସନ୍ତୁଳି ହୋଇ ହଜିଯାଏ ନିଦ
ଝୁଣ୍ଟି ପଡ଼ିଲେ ଦୈବାତ୍ ଗୋଡ଼ିଟିଏ
ଲାଗେ, କେହିଜଣେ ସମ୍ଭୁଛି କେଉଁଠି
ଶୂନ୍ୟକୁ ତର୍ପଣ କରି ମୁଠାଏ ନିଶ୍ୱାସ ।

ଏବେ ବି ରାବୁଛି ପାକସ୍ଥଳୀରେ
ଜୀବନ୍ତ ମାଂସ ଟୁକୁଡ଼ାଟିଏ
ଯାହାର ଆତୁରତାର ଆବେଗରେ
ମସଗୁଲ ହୋଇଛି
ବର୍ବରତାର କେତେ ଆରଣ୍ୟକ ।

ଅଲକ୍ଷ୍ୟରେ ବିନ୍ଧିଥିବା ଲାଖ
ଫେରିଆସେ ପାପର ମାଳାଟିଏ ହୋଇ
ଚାହଁ କି ନ ଚାହଁ
ଗଳାରେ ନିଶ୍ଚିତ ଗୁଡ଼େଇ ହୁଏ
ପ୍ରାୟଶ୍ଚିତର ସାପଟିଏ ସାଜି ।

*ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦*



## ଶୀତ

ସଂଗୀତା କର



ତୁମେ ଆସିବ ବୋଲି,
ଆମ ଗାଁ କୁ ବୁଲି
କୁହୁଡି ଘେରା ପାହାନ୍ତି ସକାଳ
ଚିକଚିକ କାକର ବିନ୍ଦୁରେ
ସବୁଜ ରଙ୍ଗର ଶାଢ଼ୀରେ
ବୁନ୍ଦା ବୁନ୍ଦା କାକରରେ
ଭରି ଯାଏ ମନ ।

ତୁମେ ଆସିବ ବୋଲି
ସୋରିଷ କ୍ଷେତରେ ହସି ଉଠେ,
ହଳଦୀ ରଙ୍ଗର ଫୁଲ
ଗୁହାଳ ଚାଳରେ ହସୁଥାଏ
ଲାଉ ଫୁଲ ଖିଲି ଖିଲି
ତୁମେ ଆସିବ ବୋଲି ।

ଧାନ କିଆରୀ ରୁ ଶୀଘ୍ର ଫେରି ଆସେ ସଞ୍ଜ
ତୁମେ ଆସିବ ବୋଲି,
ଆମ ଗାଁ କୁ ବୁଲି....

*ଯାଜପୁର, ବିଚିତ୍ରପୁର*

## ଶୁଣ ମାଟି ମାଆ ସ୍ୱର

ଆଦ୍ୟାଶା ମହାପାତ୍ର

ଉଠରେ ଉଠରେ ଉତ୍କଳ ସନ୍ତାନ
ଶୁଣ ମାଟି ମାଆ ସ୍ୱର
ଜାଣି ନିଅ ଥରେ ଦୀପ୍ତ ଇତିହାସ
ପୂଣ୍ୟ ଭୂମି ଉତ୍କଳର ।।

ଏ ମାଟି ସନ୍ତାନ ମଧୁ ଗୋପବନ୍ଧୁ
ସୁଭାଷ ବାଲୁତ ବାଜି
ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ପ୍ରାତଃ ସ୍ମରଣୀୟ ଆଜି ।।

ଓଡ଼ିଆ ଜାତିର ତୁମେ ହିଁ ଦାୟଦ
ଜାଣ ତା ଗୌରବ ଗୀତି
ଭାଷା ସାହିତ୍ୟର ଆରାଧନା କର
ରଚିଯାଅ ଯଶ କୀର୍ତ୍ତି ।।

ଜାତି ପ୍ରୀତି ବହ୍ନି ଜାଳ ଅନ୍ତରରେ
ସ୍ୱାର୍ଥ କୁ ଆହୂତି ଦେଇ
ଏ ମାଟି ମହକ ବିଞ୍ଚି ଦିଅ ବିଶ୍ୱେ
ଜାତି କର୍ଣ୍ଣଧାର ହୋଇ ।।

ଛାଡି ସଂକୀର୍ଣ୍ଣତା ଛନ୍ଦ କପଟତା
ମତି ରଖ ସୁକର୍ମରେ
ଶାନ୍ତି ମୈତ୍ରୀ ଭାବ ହୃଦୟରେ ବହି
ଧ୍ୟାନ ଦିଅ ଐକ୍ୟତାରେ ।।

ଶିକ୍ଷା ସଂସ୍କୃତିର ହୁଅ ବାର୍ତ୍ତାବହ
ଶୁଦ୍ଧତାରେ ଭର ମନ
ଚିନ୍ମୟ ଚେତନା କର ଜାଗରିତ
ହୃଦେ ଭରି ସ୍ୱାଭିମାନ ।।

ନବ ଜାଗରଣେ କର ଆଲୋକିତ
ପବିତ୍ର ଉତ୍କଳ ଭୂଇଁ
ଜାତି ନନ୍ଦିଘୋଷ ପ୍ରଗତିର ପଥ
ନିଅ ତୁମେ ଏବେ ବାହି ।।

*ନୂଆପଡା, କଟକ*

## ତୁମକୁ ନେଇ ଭାବନାରେ

ରାକେଶ ପଣ୍ଡା

ସାଜି ପ୍ରେମିକ, କରି ପ୍ରିୟତମା
ଚାହେଁ ମୁଁ ତୁମକୁ ଭଲ ପାଇବାକୁ,
ପୁଣି ନିଜ ସ୍ୱପ୍ନକୁ, ନିଜେ ଭାଙ୍ଗଇ
ବାସ୍ତବେ ତୁମକୁ ନ'ପାଇବାକୁ ।

ବାସ୍ତବେ ନ'ପାଇ ନିକଟେ
ହୋଇ ଭାବପ୍ରବଣ
ଯନ୍ତ୍ରଣା ଅନେକ ପାଇବାକୁ,
କଷ୍ଟରେ ରହି ଆବେଗ ବଢେଇ
ଦ୍ୱୟ ଆଖିରେ ଜଳ ସୃଷ୍ଟି କରିବାକୁ ।

ଭଲ ଲାଗେ...
ତୁମ କଥା ଭାବି, ଗୁମୁରି ଗୁମୁରି
ଲୁଚି ଲୁଚି କାନ୍ଦିବାକୁ,
କାନ୍ଦିବା ମଧ୍ୟରେ ପୁଣି
ଅନ୍ତଃ କୋହର ସର୍ଜନାକୁ ।

ସେହି ଲୁହ, ସେହି କୋହ,
ସେହି କଷ୍ଟ, ସେହି ବେଦନା,
ଜନ୍ମ ଦିଏ ମୋ' ସୃଜନଶୀଳତାକୁ
ଖୋରାକ ଦିଏ ଲେଖନୀ ମୁନକୁ ।

ହୁଏ ଆବିର୍ଭାବ ନୂତନ ହସର
କବିତା ଧାଡିରେ ଅନୁଭବ କରିବାର,
ସାଜେ ଯାହା କାରଣ ସ୍ୱତନ୍ତ୍ର
ସପନ ରାଇଜେ ଜୀବନ ବଞ୍ଚିବାର ।

ତୁମକୁ ନ'ପାଇ, ପୁଣି ତୁମକୁ ପାଇ
ତୁମ ବିନା ବାସ୍ତବରେ,
ତୁମକୁ ନେଇ ପୁଣି ଭାବନାରେ,
କରାଏ ପ୍ରସ୍ତୁତ ନିଜକୁ
ଚାଲିବାକୁ ସମୟର ଭିନ୍ନ ମାର୍ଗରେ ।

*ବନ୍ଦାଳୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦*



## ଶିଶୁର ହସ

ରାଧାରାଣୀ ପଟ୍ଟନାୟକ

ଶିଶୁଟି ହସିଲେ ଦୁନିଆ ହସିବ
ଛନ୍ଦ ହୀନ ତାର ମନ
ପ୍ରଭୁ ଦେଇଛନ୍ତି ତା ଦେହରେ ଶକ୍ତି
ନୂଆ କାମରେ ତୁ ଧ୍ୟାନ ।
ଦେଖିବାକୁ ସିଏ ଅତ୍ୟନ୍ତ ଚମକ
ସେ ପରା ଆମ ଭବିଷ୍ୟତ
ପାଳିବା ତାହାକୁ ପାଞ୍ଚ ବର୍ଷ ଯାଏ
ଖୁସି ହେବ ଆମ ଚିତ।
ଛୋଟ ଶିଶୁ ପରା ମାଟିର ପିଣ୍ଡୁଳା
ତାକୁ ଲୋଡା ଆମ ଯତନ

ତାକୁ ପାଳି ପୋଷି ମଣିଷ କରିବା
ତା ଶିକ୍ଷା ରେ ଦେବା ମନ।
ଶିଶୁର ଉନ୍ନତି ଦୁନିଆ ଉନ୍ନତି
ଏଥି ପ୍ରତି ଦେବା ଧ୍ୟାନ ।
ଆମ ଦେଶର ସେ ଅମୃତ ସନ୍ତାନ
ଆଗାମୀ ର ଭବିଷ୍ୟତ



ଶିଶୁଟି ହସିଲେ ଦୁନିଆ ହସିବ
ଏ କଥାଟି ଶତ ପ୍ରତିଶତ।

*ବରଗଡ, ଚନ୍ଦନ ନଗର
ମୋ- ୮୯୧୭୨୩୭୧୩୭*



## ସତରେ କ'ଣ ଆମେ ମନୁଷ୍ୟ !

ଆମେ ଭୁଲିଯାଉଛୁ
ଆମର ଆତ୍ମବିଶ୍ୱାସକୁ
ପରସ୍ପର ଆତ୍ମୀୟତାକୁ
ଅନ୍ତରଙ୍ଗ ସମ୍ପର୍କକୁ।
ଆମେ ଅନ୍ତର୍ହିତ କରି ଚାଲିଛୁ
ବିଚାରକୁ,ସଂସ୍କାରକୁ
ଆମେ ଅବହେଳା କରୁଛୁ
ଚରିତ୍ରକୁ
ବାଣୀକୁ
ବ୍ୟବହାରକୁ।

ଆମେ କପଟ କରୁଛୁ
ଭାବନାକୁ
ଅହରହ ଜଳି ଚାଲିଛୁ
ପ୍ରତିଶୋଧର ଅଗ୍ନିରେ
ଆମେ ପ୍ରସାର କରି ଚାଲିଛୁ
ରାଗ,ଦ୍ୱେଷ,ଘୃଣା,ପରଶ୍ରୀକାତରତା
ତଥାପି ଆମେ ଛାତିରେ
ହାତ ଦେଇ କହୁଛୁ ମନୁଷ୍ୟ !
ସତରେ କ'ଣ ଆମେ ମନୁଷ୍ୟ !

*ସୁଧାଂଶୁ ଦ୍ୱିବେଦୀ
କଳିକତା-୬୪
ମୋ-୯୬୮୧୩୭୩୫୧୨*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି



### କଳାହାଣ୍ଡି ଜିଲ୍ଲା ଯୁବ ଉତ୍ସବ

## ଯୁବ ପ୍ରତିଭା ଚସ୍ମିତ୍ କୌର ସମ୍ମାନିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ମାଇଁ ଭାରତ ତରଫରୁ ଜିଲ୍ଲା ଯୁବ ସଂଯୋଜକ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ଠାରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଳିତ ହୋଇଥିଲା । ବିଭିନ୍ନ ପର୍ଯ୍ୟାୟରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ରେଜିଷ୍ଟ୍ରାର ପିତାମ୍ବର ଭୋଇ, ମେଜର ଡ.ଜୟଦେବସାହୁ, ସିଆର୍‌ପିଏଫ୍ ୬୪ ବାଟାଲିୟନ କଳାହାଣ୍ଡିର ଦ୍ୱିତୀୟ




କମାଣ୍ଡେଣ୍ଟ ପି.କେ ମିଶ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୁବକଯୁବତୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ଏହି ଅବସରରେ ନିଜ ପ୍ରତିଭା ବଳରେ କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିଥିବା ଚସ୍ମିତ କୌରଙ୍କୁ ସମ୍ମାନିତ କରାଯାଇଥିଲା । ସୁଶ୍ରୀ କୌର୍ ପ୍ରଥମେ କଳାହାଣ୍ଡି ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଏବଂ ପରବର୍ତ୍ତୀ ସମୟରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଓଡ଼ିଶାରୁ ଜାତୀୟସ୍ତରରେ ଅଂଶଗ୍ରହଣ କରି ନୂଆଦିଲ୍ଲୀର ପାର୍ଲିଆମେଣ୍ଟରେ ତାଙ୍କ ବକ୍ତବ୍ୟ ରଖିଥିଲେ । କେବଳ ସେତିକି ନୁହେଁ ସେ ମଧ୍ୟ କଳାହାଣ୍ଡିରୁ ପ୍ରଥମଥର ପାଇଁ ଆନ୍ତର୍ଜାତୀୟସ୍ତରରେ ରୁଷିଆଠାରେ ହୋଇଥିବା 'ବିଶ୍ୱ ଯୁବ ଉତ୍ସବ ସମ୍ମିଳନୀ'ରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ନିଜ ବକ୍ତବ୍ୟ ରଖିବାର ଅଭୂତପୂର୍ବ ପ୍ରତିଭା ନିମନ୍ତେ ସେ ଜିଲ୍ଲା, ରାଜ୍ୟ ତଥା ଦେଶର ପ୍ରତିନିଧିତ୍ୱ କରି କଳାହାଣ୍ଡି ଜିଲ୍ଲା ନେହେରୁ ଯୁବକେନ୍ଦ୍ର, ନିଜ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ଦୃଷ୍ଟିରୁ ଚସ୍ମିତଙ୍କୁ ଜିଲ୍ଲା ଯୁବଉତ୍ସବ-୨୦୨୪ ଅବସରରେ ନେହେରୁ ଯୁବ କେନ୍ଦ୍ର ମାଇଁ ଭାରତ କଳାହାଣ୍ଡି ତରଫରୁ ସମ୍ମାନିତ କରାଯାଇଥିଲା ।

## ଆମପାଣି ଘାଟିରେ ଓଲଟିଲା ଟ୍ରକ୍

କୋକସରା, (ଭାସ୍କର ନ୍ୟୁଜ): ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଆମପାଣି ଘାଟିରେ ଭାରସାମ୍ୟ ହରାଇ ଶୁକ୍ରବାର ଏକ ଟ୍ରକ୍ ଓଲଟି



ପଡ଼ିଛି । ସୂଚନା ଅନୁସାରେ, ମହାରାଷ୍ଟ୍ରରୁ ବଙ୍ଗାଳ ଯାଉଥିବା ଏହି ଟ୍ରକ୍ କଳାହାଣ୍ଡି ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଆମପାଣି ମେଡିକାଲରେ ସେମାନେ ଚିକିତ୍ସା ହୋଇଥିବା ଜଣାପଡ଼ିଛି । ଆମପାଣି ପୋଲିସ ଘଟଣାର ଖବର ପାଇ ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

## ବ୍ଲକସ୍ତରୀୟ 'କଳାହାଣ୍ଡି ଉତ୍ସବ' ପାଇଁ ପ୍ରସ୍ତୁତି ବୈଠକ

କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ କାର୍ଯ୍ୟାଳୟ ଠାରେ ଶୁକ୍ରବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ବିଜେପି ନେତା ତ୍ରିନାଥ ଶବର, ଘୁମୁରା ଗୁରୁ ମହେଶ୍ୱର ସରାଫ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ନୂତନ କମିଟି ଗଠନ କରାଯାଇଥିଲା ଏବଂ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ସମସ୍ତଙ୍କ ମତାମତ ପରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ଜାନୁଆରୀ ୮ ଓ ୯ ତାରିଖ ଦୁଇ ଦିନ ଧରି ଧାର୍ଯ୍ୟ କରାଯାଇଛି । ଏଥିରେ ବିଭିନ୍ନ କଳା, ସଂସ୍କୃତି, ଲୁକ୍କାୟିତ ପ୍ରତିଭା ନେଇ ବିଭିନ୍ନ ସ୍କୁଲ, କଲେଜ



ଓ ଅନେକ ଅନୁଷ୍ଠାନରୁ ଲୋକେ ନିଜର କଳା ସଂସ୍କୃତି ପ୍ରଦର୍ଶିତ କରିବା କାର୍ଯ୍ୟକ୍ରମ ରହିଛି । ଏଥିସହିତ ଅନେକଗୁଡ଼ିଏ ଷ୍ଟଲ୍ କରାଯିବା ନେଇ ପ୍ରସ୍ତାବ ଆଗତ ହୋଇଛି । ଚଳିତ ବର୍ଷ ଉତ୍ସବକୁ ଆକର୍ଷଣ କରିବା ପାଇଁ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ମନ୍ଦିର, ମୁଖ୍ୟ ଗେଟ୍ ସହ ରାଜଭବନକୁ ନେଇ ମଞ୍ଚ ତିଆରି କରିବା ପାଇଁ ସ୍ଥିର କରାଯାଇଛି । ବୈଠକରେ ପିଏଚିଇଓ ଶର୍ମିଳା ଛତ୍ରିଆ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ସୁକାନ୍ତ ବେହେରା, ପିପି ସିଂ, ପୁରୁଷୋତ୍ତମ ଗୁପ୍ତା, କଲେଜ ଅଧକ୍ଷ ପୁଷ୍ପରାଜ ମେହେର, ଅଧ୍ୟାପକ ଐରୀ ନାଶନ ଚିନ୍ଦା, ଅଶ୍ୱିନୀ ପଟ୍ଟନାୟକ, ସୁବ୍ରତ ବେହେରା, ଏବିଇଓ ତୋଫାନ ମାଝୀ, ଶିବ ପ୍ରସାଦ ପ୍ରଧାନୀ, ତ୍ରିଭୁବନ ନାଏକ, ସମିତିସଭ୍ୟ ଘନଶ୍ୟାମ ନାଏକ, ଜିତେନ୍ଦ୍ର ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡାମାଝି ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ମତାମତ ମତ ପ୍ରଦାନ କରିଥିଲେ । ବୈଠକକୁ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ପରିଚାଳନା କରିଥିଲେ ।

## ଚଳନ୍ତା ଟ୍ରକ୍‌ରେ ନିଆଁ




କୋକସରା,(ଭାସ୍କର ନ୍ୟୁଜ): ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଆମପାଣି ନିଟରେ ଶୁକ୍ରବାର ଏକ ସାର ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା । ତେବେ ଠିକ୍ ସମୟରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିବା ବେଳେ କୌଣସି କ୍ଷୟକ୍ଷତି ହୋଇ ନାହିଁ । ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାରୁ ସାର ବୋଝେଇ କରି ଏକ ଟ୍ରକ୍ ଜୁନାଗଡ଼କୁ ଆସୁଥିଲା । ତେବେ ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ନିକଟରେ ଉକ୍ତ ଚଳନ୍ତା ଟ୍ରକ୍‌ରେ କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା । ଡ୍ରାଇଭର ଏହା ଜାଣିପାରି ଗାଡ଼ିକୁ ରାସ୍ତାରେ ଠିଆ କରି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଏହା ପରେ କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଟ୍ରକ୍‌ରୁ ନିଆଁକୁ ଆୟତ୍ତ କରିଥିଲେ । ନିଆଁ ଲିଭା କାର୍ଯ୍ୟରେ ଓଆଇସି ବାଘଙ୍କ ସହିତ କର୍ମଚାରୀ ସୁନିଲ ରଞ୍ଜନ ବରାଳ, ମନୋଜ କୁମାର ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନ, ଲଳିତ ପୁଟେଲ, ଶ୍ୟାମଲାଲ ଗଣ୍ଡ ପ୍ରମୁଖ ସାମିଲ ହୋଇଥିଲେ ।

### ମୋଟର ସାଇକେଲ ଚୋରିର ପର୍ଦ୍ଦାଫାସ

## ଅଭିଯୁକ୍ତ କୋର୍ଟଚାଲାଣ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ଼ ଅଞ୍ଚଳରେ ଦୈନନ୍ଦିନ ମୋଟର ସାଇକେଲ ଚୋରି ହେବା ଭଳି ଖବର ବଢି ଚାଲିଛି । ପୋଲିସର ନିଷ୍କ୍ରିୟତା ଯୋଗୁଁ ଚୋରମାନେ ବିଭିନ୍ନ ସ୍ଥାନରୁ ଚୋରି କରିବା ସାହାସ ଜୁଟାଉ ଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଥିଲା । ହେଲେ ବର୍ତ୍ତମାନ ଧର୍ମଗଡ଼ ପୋଲିସ ସକ୍ରିୟ ହୋଇଛି । ଜଣେ ମୋଟର ସାଇକେଲ ଚୋରକୁ ଧରିବାରେ ସକ୍ଷମ ହୋଇଛି । ଏନେଇ ଧର୍ମଗଡ଼ ଥାନା ପରିସରରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ କୁମାର ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଗତ ୬/୧୧-୨୪ତାରିଖ ଦିନ ଧର୍ମଗଡ ଥାନା ଅଧିନସ୍ଥ ବିରାମାଲ ଗ୍ରାମର ଆଶିଷ କୁମାର ନାଏକଙ୍କ ମୋଟର ସାଇକେଲ ଚୋରି ହୋଇଯାଇଥିଲା । ସେ ୯-୧୧-୨୪ତାରିଖରେ ଧର୍ମଗଡ଼ ଥାନାରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଥାନା କେସ୍ ୩୪୧ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆଗେଇ ଥିଲା । ସ୍ୱତନ୍ତ୍ର ଟିମ୍ ପୋଲିସ ଗଠନ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ଶେଷରେ ଚୋରକୁ କାବୁ କରିବାରେ ସଫଳ ହୋଇଛି । ଅଭିଯୁକ୍ତଜଣକ ଜୁନାଗଡ଼ ଥାନା ଅନ୍ତର୍ଗତ ନକଟିଗୁଡା ଗ୍ରାମର ସୁମନ୍ତ ନାଏକ । ପୋଲିସଠାରେ ବିଭିନ୍ନ ସ୍ଥାନରୁ ୬ଟି ମୋଟର ସାଇକେଲ ଚୋରି କରିଥିବା ଅଭିଯୁକ୍ତ ସ୍ୱୀକାର କରିଛି । ଅନ୍ୟପକ୍ଷରେ



ଧର୍ମଗଡ଼ ଉପଖଣ୍ଡରେ ବିଭିନ୍ନ ସ୍ଥାନରୁ ମୋଟ ୧୩ଟି ଚୋରି ମୋଟର ସାଇକେଲ ପୋଲିସ ଜବତ କରିଥିବା ବେଳେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଖୋଜୁଥିବା ଏସ୍‌ଡିପିଓ ପ୍ରକାଶ କରିଛନ୍ତି । ତେବେ ଅଭିଯୁକ୍ତ ସୁମନ୍ତ ନାଏକକୁ ଶନିବାର କୋର୍ଟ ଚାଲାଣ କରିଥିବା ପୋଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଧର୍ମଗଡ ଥାନା ଅଧିକାରୀ ଦାମୋଦର ବିହାରୀ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ । ପୋଲିସ ଏଭଳି ସଫଳତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ

ଭବାନୀପାଟଣା,(ଭାସ୍କର ନ୍ୟୁଜ): ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ୧୩ତାରିଖ ଶୁକ୍ରବାର ଦିନ ଗୀତା ଜୟନ୍ତୀ ସମାରୋହ ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଗୀତାଯଜ୍ଞରେ ନିରଞ୍ଜନ ଦାଶ, ଶରତ କୁମାର ମିଶ୍ର, ସନ୍ତୋଷ କୁମାର ରଥ ଓ ଆଶିଷ କୁମାର ପଣ୍ଡା ଆଚାର୍ଯ୍ୟ ଦାୟିତ୍ୱ ସମ୍ପାଦନ କରିଥିଲା ବେଳେ ମଳୟ କୁମାର ମୁଣ୍ଡ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ବାବୁ ଯଜ୍ଞର କର୍ତ୍ତା ହୋଇଥିଲେ । ସମାଜର ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ହେମନ୍ତ ପଣ୍ଡା, ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ନର୍ଲା ବ୍ଲକ୍ ବ୍ରାହ୍ମଣ ସମାଜ ସଭାପତି ବଦ୍ରୀ ନାରାୟଣ ମିଶ୍ର, କେସିଙ୍ଗା ବ୍ଲକ ବ୍ରାହ୍ମଣ ସମାଜ ସଭାପତି ପ୍ରଦୀପ୍ତ କୁମାର ରଥ ଓ ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର ଅତିଥି ଭାବରେ ମଞ୍ଚାସୀନ ଥିଲେ । ସମ୍ମାନିତ ବକ୍ତା ଶରତ କୁମାର ମିଶ୍ର ଶ୍ରୀମଦ୍‌ଭାଗବତ ଗୀତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଜାତୀୟ ଶିକ୍ଷକ ପୁରସ୍କାର ବିଜେତା ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଓ ଆନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା ଆକାଶ ରଞ୍ଜନ ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୀତା ଜୟନ୍ତୀ ଉପଲକ୍ଷେ ଆୟୋଜିତ ବରିଷ୍ଠ ଓ କନିଷ୍ଠ ବର୍ଗର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିବା ସହ ବ୍ରାହ୍ମଣ ସମାଜର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଜ୍ଞାବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ ବେଦ ମନ୍ତ୍ର ପାଠ କରିଥିଲେ ଓ ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏକ ହଜାର ବ୍ରାହ୍ମଣ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ନଗର କମିଟି ସମ୍ପାଦକ ଶେଷଦେବ ମିଶ୍ର, ବରିଷ୍ଠ ସଦସ୍ୟ ଆଦିତ୍ୟ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଦେବୀ ପ୍ରସାଦ ଦାଶ,ଶାନ୍ତନୁ ମୁଣ୍ଡ, ଚକ୍ରଧର ଦାଶ, ସନ୍ତୋଷ ଦାଶ, କୃଷ୍ଣ ମୋହନ ଯୋଷୀ, ପ୍ରମୋଦ ଖମାରୀ, ନିହାର ରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ନିମ୍ନମାନର କାର୍ଯ୍ୟକୁ ନେଇ ଜନଅସନ୍ତୋଷ ବୃଦ୍ଧି

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇ କାମ କରିବା କଥା କିନ୍ତୁ ନିମ୍ନମାନର କାମ କରିବା ପାଇଁ ସୂଚନା ଫଳକ ଲେଖା ଯାଉ ନାହିଁ । କାରଣ ଜନସାଧାରଣଙ୍କୁ ଭୂଆଁ ବୁଲେଇବା ପାଇଁ ମସୁଧା ଦେଖିବାକୁ ଏପରି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପେକ୍ସ ଅଧିନରେ ଥିବା ରେଗେଡା ଆର୍‌ଏମସିଫଡ ନିମ୍ନମାନର କାମ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି । ଏ ନେଇ ରେଗେଡା ଗ୍ରାମର ଚାଷୀମାନଙ୍କ ଅଭିଯୋଗ କଲେ ମଧ୍ୟ ସରକାରୀ ସ୍ତରରେ ଥିବା ଆର୍‌ଏମ୍‌ସି ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହେଉଛି । ଫଡ କରିବା ଆଗରୁ ନିମ୍ନମାନର ସିମେଣ୍ଟ ଓ ପଟୁ ବାଲି, ମେଟାଲ ପୋତା ଯିବାରୁ ଏବେ ଫଡ ଉପରୁ ଉଠୁଛି ସିମେଣ୍ଟ ଧୂଳି । ସୂଚନା ଫଳକ ଲଗାଇ ନଥିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯନ୍ତ୍ରୀ ଓ ଠିକାଦାର ମଧୁଚନ୍ଦ୍ରିକାରେ ନିମ୍ନମାନର କାମ କରି ମୋଟା ଅଙ୍କର ପିସି କାରବାର ବୋଲି ଲିପ୍ତ ବୋଲି ଜନମାନସରେ ଚର୍ଚ୍ଚା ହେଉଛି । ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଅଧିକ ସୂଚନା ପାଇବା ପାଇଁ ଫୋନ ଯୋଗେ ଯୋଗାଯୋଗ କଲେ ମଧ୍ୟ ଫୋନ ଗ୍ରହଣ କରିନଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଦନ୍ତ ସ୍ୱାସ୍ଥ୍ୟ ଶିବିର



କେସିଙ୍ଗା, (ଭାସ୍କର ନ୍ୟୁଜ): ଏସ୍‌ବିଆଇ ଫାଉନଡେସନ୍, ରାମକି ଏବଂ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ କେନ୍ଦୁପଡାର ମିଳିତ ସହଯୋଗରେ କେସିଙ୍ଗା ବ୍ଲକର କେନ୍ଦୁପଡା ସ୍ଥିତ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟରେ ଏକ ବିଶେଷ ଦନ୍ତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କେସିଙ୍ଗା ସିଏଚ୍‌ସିର ଦନ୍ତ ବିଶେଷଜ୍ଞ ଆଶିଷ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହେଇଯାଇଛି । ଏହି ସ୍ୱତନ୍ତ୍ର ଶିବିରରେ ଅନ୍ୟୂନ ୩୦୦ ଆବାସିକ ଛାତ୍ରଛାତ୍ରୀଙ୍କୁ ଦନ୍ତ ପରୀକ୍ଷା କରି ୧୫୩ ଜଣ ଛାତ୍ରଛାତ୍ରୀଙ୍କୁ ଔଷଧ ବିତରଣ କରାଯିବା ସହ ଦନ୍ତ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଏଚ୍‌ସିର ଭେଷଜ ବିତରକ ରତିକାନ୍ତ ସୁତାର, ରାମକି ଫାଉଣ୍ଡେସନର ଚିକିତ୍ସକ ଡାକ୍ତର ବିମଳ କୁମାର ଷଡଙ୍ଗୀ ସହଯୋଗ କରିଥିଲେ । ସ୍ୱାସ୍ଥ୍ୟ ସଚେତନତା ଉପରେ ରାମ୍‌କି ଫାଉନଡେସନ୍ ଶିବିର କରି ସମାଜ ଆଉ କଳାହାଣ୍ଡି ଅଞ୍ଚଳରେ ଲୋକଙ୍କ ସାଧାରଣ ସ୍ୱାସ୍ଥ୍ୟକୁ ସୁଧରିବାରେ ମୁଖ୍ୟ ଭୂମିକା କରିଆସୁଛି । ରାମକି ସଂସ୍ଥାର କଳାହାଣ୍ଡିର ପିସି, ଭେଷଜ ବିତରକ ଶ୍ରୀମତୀ ଜୋଷ୍ଣା ରାଣୀ ବେହେରା, ଶ୍ରୀମତୀ ପଙ୍କଜିନି ରଣା, ଏଲ ଟି ନିତୁ ନାୟକ, ପାଇଲଟ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ଉପସ୍ଥିତ ଥିଲେ । ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ସୁପ୍ରିଟେଣ୍ଡାଣ୍ଟ ସୁଶାନ୍ତ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ବଜାର ପଡ଼ା ବରଗଛରେ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଠାବ ହୋଇଥିଲା । ହତ୍ୟା ପରେ ଗଛରେ କେହି ଝୁଲେଇ ଦେଇଥିବା ସନ୍ଦେହ କରାଯାଇଥିଲା । ମୃତ ଯୁବକ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖରିଆର ଥାନା କୁଲୁଭଟା ଗାଁର ଝଜ ସା (୩୫) । ସେ ଦଶପୁର ଫାଣ୍ଡି କଲୋନୀପଡାର କନ୍ଦର୍ପ ସାଙ୍କ ଝିଅ ଅପୁଛା ସାକୁ ବିବାହ କରିଥିଲେ । ପୂର୍ବରୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଛାଡପତ୍ର ହୋଇଥିବା ବେଳେ ନିଜ ପୂର୍ବ ସ୍ତ୍ରୀ ଅପୁଛା ରହୁଥିବା ବାପ ଘରକୁ ନିଜ ଦୁଇଝିଅକୁ ଦେଖିବାକୁ ଆସିଥିଲେ । ମଧ୍ୟ ରାତ୍ରିରେ ଲକ୍ଷ୍ମୀ ପୂଜା ଅବସରରେ ସେହି ସ୍ଥାନରେ ଏକ ନାଟକ ପରିବେଷଣ ହେଉଥିଲା । ନାଟ୍ୟ କଳାକାରମାନେ ନୂଆପଡ଼ା ଜିଲ୍ଲା ଖରିଆର ଥାନା ବାଦୀ ଅଞ୍ଚଳର ହେବା ହେତୁ ତାଙ୍କ ଚିହ୍ନା ପରିଚୟ । ତେଣୁ ନାଟକ ଦେଖି ସକାଳୁ ତାଙ୍କ ସାଙ୍ଗରେ ଘରକୁ ଯିବା ପାଇଁ ସେ ନାଟ୍ୟ କଳାକାରମାନଙ୍କ ସହ ରହିଥିଲେ।



ହେଲେ ସକାଳୁ ସ୍ଥାନୀୟ ଲୋକେ ଏକ ବରଗଛରେ ଗାମୁଛା ସାହାଯ୍ୟରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଦଶପୁର ପୋଲିସ ପହଞ୍ଚି ତଦନ୍ତ ଜାରୀ ରଖିଛି । ଅନ୍ୟପଟେ ମୃତକଙ୍କ ପରିବାର ଲୋକେ ସୁକଳ୍ପିତ ହତ୍ୟାକାଣ୍ଡ ଅଭିଯୋଗରେ ଦଶପୁର ଫାଣ୍ଡିରେ ଶ୍ୱଶୁର ଘର ଲୋକ ଓ ନାଟ୍ୟ କଳାକାରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିବା ପାଇଁ ଜିଦ୍ ଧରି ବସିଥିଲେ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା । ଘଟଣାସ୍ଥଳକୁ ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ବେହେରା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି । ଅଭିଯୋଗକୁ ଆଧାର କରି ଦଶପୁର ଫାଣ୍ଡି କେସ୍ ନଂ ୨୧୫/୨୪ରେ ଏକ ମାମଲା ରୁଜୁ ହୋଇଛି ତଦନ୍ତ ଜାରି ରଖିଛି । ଶନିବାର ଶବ ବ୍ୟବଚ୍ଛେଦ ହେଲା ପରେ ମୃତ ଶବକୁ ପରିବାରକୁ ହସ୍ତାନ୍ତର କରିଛି ପୋଲିସ । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ହତ୍ୟା ନା ଆଉ କ'ଣ ସ୍ପଷ୍ଟ ଜଣାପଡ଼ିବ ଓ ଦୋଷୀକୁ ଧରା ହେବ ବୋଲି ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

## ରାଶିଫଳ


**ରବିବାର, ୧୫ ଡିସେମ୍ବର ୨୦୨୪**



**ମେଷ:** ଏହି ରାଶିର ଲୋକେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ନେବେ । ଆଜି ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିବେ, ଯାହା ଘରକୁ ଚଳଚଞ୍ଚଳ କରିବ । ଚାକିରି କ୍ଷେତ୍ରରେ ଆପଣଙ୍କର ପ୍ରଭାବ ବୃଦ୍ଧି ପାଇବ ।




**ବୃଷ:** ଏହି ରାଶିର ଲୋକଙ୍କୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ପଡିବ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ଦୟାକରି ଧ୍ୟାନ ଦିଅନ୍ତୁ । ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହୋଇପାରେ ।



**ମିଥୁନ:** ଏହି ରାଶିର ଲୋକଙ୍କ ପାଇଁ ସ୍ଥାୟୀ ଧନ ବୃଦ୍ଧି ହେବାର ସମ୍ଭାବନା ଅଛି । ବ୍ୟବସାୟୀମାନେ ଏକ ଲାଭଜନକ ଡିଲ୍ କରିପାରିବେ । ଆପଣ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାକୁ ଯୋଜନା କରିପାରିବେ । ନିଯୁକ୍ତି ପ୍ରୟାସ ସଫଳ ହେବ ।




**କର୍କଟ:** ଏହି ରାଶିର ବ୍ୟକ୍ତିମାନେ ଆଜି ମିଶ୍ରିତ ଫଳାଫଳ ପାଇବେ । ଆପଣ ଆପଣଙ୍କର ବ୍ୟବସାୟରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରିପାରିବେ । ଅଧସ୍ତନ କର୍ମଚାରୀମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ ସମର୍ଥନ କରିବେ । ପାରିବାରିକ ପରିବେଶ ଖୁସି ହେବ।



**ସିଂହ:** ଏହି ରାଶିର ଲୋକଙ୍କ ପାଇଁ ଆଜି ଏକ ଭଲ ଦିନ ହେବ । ଆପଣ ବ୍ୟବସାୟରେ ଲାଭ ପାଇପାରିବେ । ଚାକିରି କ୍ଷେତ୍ରରେ ପରିସ୍ଥିତି ଆପଣଙ୍କ ସପକ୍ଷରେ ରହିବ । ଆପଣ ଧାର୍ମିକ କାର୍ଯ୍ୟକଳାପରେ ଅଧିକ ଆଗ୍ରହୀ ହେବେ ।




**କନ୍ୟା:** ଏହି ରାଶିର ଲୋକମାନେ ସେମାନଙ୍କର ନୂତନ ଯୋଜନା ପୂରଣ କରିବାରେ ସଫଳ ହେବେ । ଆପଣ କଠିନ ପରିଶ୍ରମର ତୁରନ୍ତ ଲାଭ ପାଇବ ନାହିଁ । କର୍ମ କ୍ଷେତ୍ରରେ ଉନ୍ନତି ହେବାର ଆଶା କରାଯାଉଛି । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ ।



**ତୁଳା:** ଲୋକମାନେ ଆଜି ନିଜ ପରିବାର ସଦସ୍ୟଙ୍କ ସହ ପିକନିକ୍ କାର୍ଯ୍ୟକ୍ରମ କରିପାରିବେ। ପିଲାମାନଙ୍କ ପକ୍ଷରୁ ଅସୁବିଧା ସମାପ୍ତ ହେବ । ବିବାହିତ ଜୀବନ ଭଲ ହେବ । ଜୀବନସାଥୀ ଆପଣଙ୍କର ଭାବନା ବୁଝିବେ । କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତାର ସମ୍ଭାବନା ଅଛି ।



**ବିଛା:** ଏହି ରାଶି ଲୋକମାନେ ଏଥର କିଛି ଭାବିବେ ନାହିଁ । ଆପଣ ଆପଣଙ୍କର କ୍ରୋଧ ଏବଂ ଉତ୍ସାହକୁ ନିୟନ୍ତ୍ରଣ କରନ୍ତୁ। ମୂଲ୍ୟବାନ ଜିନିଷଗୁଡିକ ସଂରକ୍ଷିତ ହେବା ଆବଶ୍ୟକ ଅନ୍ୟଥା ନିଖୋଜ ହେବାର ସମ୍ଭାବନା ଅଛି । ଆପଣ ଉତ୍ସାହର ସହିତ କିଛି କରିବା ଉଚିତ୍ ନୁହେଁ । ଗାଡି ଚଳାଇବା ସମୟରେ ସତର୍କ ରହିବାକୁ ପଡିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ।




**ଧନୁ:** ଏହି ରାଶିର ଲୋକେ ଏକ ଲାଭଜନକ ଯାତ୍ରା କରିପାରିବେ । ଆପଣଙ୍କର ବ୍ୟବସାୟ ଭଲ କରିବ । ଚାକିରି କ୍ଷେତ୍ରରେ ବଡ ଅଧିକାରୀମାନେ ଆପଣଙ୍କ ସହିତ ଖୁସି ହେବେ । ଋଣ ଦିଆଯାଇଥିବା ଟଙ୍କା ଫେରସ୍ତ କରାଯାଇ ପାରିବ । ଆୟ ବୃଦ୍ଧି ପାଇବ । ପିତାମାତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିବ।




**ମକର:** ଏହି ରାଶିର ଲୋକମାନେ ଆଜି ଭଲ ଦିନ ପାଇବେ । ବେକାରୀ ହଟାଇବାକୁ ଚେଷ୍ଟା ସଫଳ ହୋଇପାରେ । ଆପଣ କିଛି କାର୍ଯ୍ୟରେ ସଫଳତା ପାଇବେ, ଯାହା ଆପଣଙ୍କୁ ଖୁସି କରିବ । ଆପଣ ପୂର୍ଣ୍ଣ ଭାଗ୍ୟ ପାଇବେ । ଆପଣ ସାଙ୍ଗମାନଙ୍କଠାରୁ ଉପହାର ପାଇପାରିବେ ।



**କୁମ୍ଭ:** କୁମ୍ଭ ଲୋକମାନେ ନିଜ ଘରେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇପାରନ୍ତି । ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ ଭଲ ଖବର ପାଇବାର ସମ୍ଭାବନା ଅଛି । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆପଣ ଆପଣଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବେ ।



**ମୀନ:** କୌଣସି ବ୍ୟସ୍ତତା କାର୍ଯ୍ୟ ହେତୁ ବହୁତ ବିବ୍ରତ ହେବେ । ଗାଡ଼ି ଚଳାଇବା ସମୟରେ ବେପରୁଆ ହୁଅନ୍ତୁ ନାହିଁ । ଅନାବଶ୍ୟକ ନିୟନ୍ତ୍ରଣକୁ ରଖିବାକୁ ହେବ, ନଚେତ ଆର୍ଥିକ ସମସ୍ୟା ବୃଦ୍ଧି ପାଇପାରେ । ଚାକିରି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ । ବ୍ୟବସାୟ ଭଲ ହେବ ।



ଜ୍ୟୋତିଷ ଶ୍ରୀପତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯